# କେତେକ ନିର୍ବାଚିତ
# ପବିତ୍ର କୁରଆନ ବାଣୀ

(ମୂଳ ଆରବୀ ପାଠ ସହିତ ଓଡିଆ ଅନୁବାଦ)



The Holy Quran is regarded by Muslims as the literal word of God and is the primary source of guidance in Islam. This book contains a small selection of its verses with topics ranging from the nature of God to prophecies about the future. The original Arabic text has been provided alongside the English translation.

# SELECTED VERSES

(in Odiya)

9 788179 123553

# କେତେକ ନିର୍ବାଚିତ

# ପବିତ୍ର କୁରଆନ ବାଣୀ

(ମୂଳ ଆରବୀ ପାଠ ସହିତ ଓଡ଼ିଆ ଅନୁବାଦ)

# କେତେକ ନିର୍ବାଚିତ ପବିତ୍ର କୁରଆନ୍ ବାଣୀ

(Selected Verses of the Holy Qur’an)

(ମୂଳ ଆରବୀ ପାଠ ସହିତ ଓଡିଆ ଅନୁବାଦ)

(c) ISLAM INTERNATIONAL PUBLICATIONS LTD.

Published by
Nazarat Nashro Ishaat
Sadr Anjuman Ahmadiyya, Qadian
Dist Gurdaspur, Punjab-143516

First Published in India : 1988
Revised Edition in Odia : 2019

(1000 Copies)

Printed at
Fazle Umar Printing Press
Qadian, Distt. Gurdaspur, Punjab - 143516

**ISBN :**

No part of this publication may be reproduced in any from or by any means without prior written permission from the publisher.

**TOLL FREE - 18001802131**

# ବିଶ୍ୱବ୍ୟାପ୍ତ ଅହମଦିୟା ସମ୍ପ୍ରଦାୟର ଶତବାର୍ଷିକୀ ମହୋତ୍ସବ ଉପଲକ୍ଷେ

ଏକେଶ୍ୱରବାଦ ମନ୍ତ୍ରର ପ୍ରଚାର ଓ ତାହାକୁ ପ୍ରେମ କରିବା ଅପରାଧରେ ଗୁରୁତର ଶାସ୍ତି ଓ ଦୁଃଖ ଯନ୍ତ୍ରଣା ଭୋଗ କରୁଥିବା ତଥା ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଶହିଦ୍ ହେଉଥିବା ସହନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ ବିଲାଲ*ଙ୍କ ସଦୃଶ ଅହମଦୀ ମୁସଲମାନମାନଙ୍କ ତରଫରୁ ଏକ ଶୁଦ୍ଧପୂତ ଉପହାର ।

* ବିଲାଲ[ରଅ] ଥିଲେ ଦିବ୍ୟ ଅବତାର ହଜରତ ମୁହମ୍ମଦ[ସଅ]ଙ୍କର ଅନ୍ୟତମ ସହଚର । ଇସଲାମ ଧର୍ମ ଗ୍ରହଣ କରୁଥିବା ହେତୁ ସେ ଚରମ ନିର୍ଯାତନା ଓ ଅତ୍ୟାଚାରର ଶରବ୍ୟ ହୋଇଥିଲେ ମଧ୍ୟ ଏକେଶ୍ୱରବାଦର ପରିହାର ଅପେକ୍ଷା ମୃତ୍ୟୁ ବରଣ କରିବାକୁ ଶ୍ରେୟସ୍କର ମନେ କରିଥିଲେ ।

# ସୂଚୀପତ୍ର


| | | |
|---|---|---|
| ୧. | ଅଲ୍ଲାଃ ପରଂବ୍ରହ୍ମ | ୧ |
| ୨. | ଦେବଦୂତ | ୮ |
| ୩. | ପବିତ୍ର କୁରଆନ | ୧୨ |
| ୪. | ଅବତାର | ୧୮ |
| ୫. | ଇସଲାମ ଧର୍ମର ପବିତ୍ର ଅବତାର | ୨୮ |
| ୬. | ଉପାସନା | ୩୪ |
| ୭. | ଉପବାସ | ୩୭ |
| ୮. | ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରିବା | ୩୯ |
| ୯. | ତୀର୍ଥଯାତ୍ରା (ହଜ) ଓ କା'ବା (ଅଲ୍ଲାଃଙ୍କ ଗୃହ) | ୪୪ |
| ୧୦. | ସମଗ୍ର ମାନବ ଜାତିକୁ ଦିବ୍ୟ ବାର୍ତ୍ତାର ବିତରଣ | ୪୮ |
| ୧୧. | ଶିଷ୍ଟାଚାର, ନୀତିଶାସ୍ତ୍ର, ଭଦ୍ରାମି | ୫୨ |
| ୧୨. | ଅର୍ଥନୀତିକ ପଦ୍ଧତିର ମୌଳିକ ନୀତି | ୬୦ |
| ୧୩. | ଜିହାଦ-ଅଲ୍ଲାଃଙ୍କ ମାର୍ଗରେ ଚରମ ପ୍ରଚେଷ୍ଟା | ୬୩ |
| ୧୪. | ବିଶ୍ୱାସକାରୀମାନଙ୍କର ଗୁଣ ଓ ଚରିତ୍ର | ୬୮ |
| ୧୫. | ନାରୀ ଓ ପୁରୁଷମାନଙ୍କ ପାଇଁ ସମାନ ଅଧିକାର | ୭୩ |
| ୧୬. | ସୁଧ-ଅତ୍ୟଧିକ ସୁଧଖୋରିର ନିଷେଧ | ୭୬ |
| ୧୭. | ଭବିଷ୍ୟତବାଣୀ ସମୂହ | ୭୯ |
| ୧୮. | ପ୍ରକୃତ ସମ୍ପର୍କିତ ପର୍ଯ୍ୟବେକ୍ଷଣ | ୮୪ |
| ୧୯. | ପବିତ୍ର କୁରଆନ ଅନ୍ତର୍ଗତ କେତେକ ବିନୀତ ପ୍ରାର୍ଥନା | ୮୯ |
| ୨୦. | ସହଜରେ ମୁଖସ୍ଥ କଲାଭଳି କୁରଆନ ଅନ୍ତର୍ଗତ କେତେକ ଛୋଟ ଅଧ୍ୟାୟ | ୯୪ |

# ମର୍ଯ୍ୟାଦାସୂଚକ ଉକ୍ତି

ସଅ - (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ - (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ - (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧୀକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ - (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଉନ୍ମୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ - (ଅୟଦହୁଲ୍ଲାହୁ ତା'ଲା ବେନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ମୁଖବନ୍ଧ

ପବିତ୍ର କୁରଆନର ପ୍ରତ୍ୟେକଟି ଆୟତ୍ (ପଙ୍କ୍ତି)ରେ ଏହାର ସରଳ ଓ ସାବଲୀଳ ଅର୍ଥ ନିହିତ । ଏପରିକି କୁରଆନ ସହିତ ପରିଚିତ ନଥିବା ଜଣେ ବ୍ୟକ୍ତି ଏହାର ଅନୁବାଦକୁ ପ୍ରଥମ ଥର ପାଇଁ ପାଠ କରି ମଧ୍ୟ କୁରଆନର ଉନ୍ନତ ଭାବାର୍ଥ ସମ୍ପର୍କରେ ସମ୍ୟକ ଧାରଣା କରିପାରିବ । ଏହାର ପ୍ରତ୍ୟେକଟି ଆୟତ୍ ବହୁଧାରା ବିଶିଷ୍ଟ ଏପରି ଏକ ସମନ୍ୱିତ ଅନୁପମ ବ୍ୟବସ୍ଥାର ଅଂଶ ବିଶେଷ, ଯେଉଁଥିରେ ଅପେକ୍ଷାକୃତ ଅନେକ ଅର୍ଥ ଲୁକ୍କାୟିତ ରହିଛି । ବହୁମୁଖୀ ଯୋଗାଯୋଗ ପ୍ରଣାଳୀ ସଦୃଶ ଏହି ଧାରାଗୁଡ଼ିକ ମାଧ୍ୟମରେ ଯେକୌଣସି ଆୟତ୍‌ର ବିଷୟବସ୍ତୁ ଏହାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଆୟତ୍ ତଥା ଅଧ୍ୟାୟଗୁଡ଼ିକ ସହିତ ଏକ ଅବିଚ୍ଛିନ୍ନ ଯୋଗସୂତ୍ର ରକ୍ଷା କରୁଛି ।

ଉପରୋକ୍ତ ପରିଚ୍ଛେଦରୁ ଦୁଇଗୋଟି ବିଷୟ ସୁସ୍ପଷ୍ଟ । ପ୍ରଥମତଃ କୌଣସି ଅନୁବାଦ ଯେତେ ଆକ୍ଷରିକ ଓ ବିଶ୍ୱସ୍ତ ହେଲେ ମଧ୍ୟ ମୂଳ ରଚନାର ଭାବଧାରାକୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରିବାରେ ଏହାର ଶକ୍ତି ସୀମିତ । ପବିତ୍ର କୁରଆନ୍ ଭଳି ବହୁ ଦୃଷ୍ଟିଭଙ୍ଗୀ ସମ୍ପନ୍ନ ତଥା ଭାବଗର୍ଭକ ଗ୍ରନ୍ଥର ଅନୁବାଦ କ୍ଷେତ୍ରରେ ଏହା ମଧ୍ୟ ପ୍ରଯୁଜ୍ୟ । ପବିତ୍ର କୁରଆନ୍‌ର କୌଣସି ଗୋଟିଏ ଅନୁବାଦ ଏଥିରେ ଥିବା ସମ୍ପୂର୍ଣ୍ଣ ଭାବାର୍ଥକୁ ପାଠକ ନିକଟରେ ପର୍ଯ୍ୟାପ୍ତ ଭାବରେ ପହଞ୍ଚାଇ ପାରିଛି ବୋଲି ଦାବୀ କରିବା ବସ୍ତୁତଃ ଅସମ୍ଭବ ।

ଦ୍ୱିତୀୟତଃ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ବକ୍ତବ୍ୟ ପ୍ରକାଶ କରିବାକୁ ଯାଇ ନମୁନା ସ୍ୱରୂପ ଏଥିରୁ କେତୋଟି ଆୟତ୍ ବାଛିବା ଯେଉଁଭଳି କଷ୍ଟକର, ସମ୍ପୃକ୍ତ ବିଷୟକୁ ବ୍ୟାପକ ଭାବରେ ପରିଚିତ କରାଇବା ସକାଶେ ସେଗୁଡ଼ିକୁ ଯଥେଷ୍ଟ ପରିମାଣରେ ବର୍ଣ୍ଣନାମୂଳକ ବୋଲି ଭାବିବା କେବଳ ଅସମ୍ଭବ ନୁହେଁ ବରଂ ଅଧିକ କଷ୍ଟସାଧ୍ୟ । ଉଦାହରଣ ସ୍ୱରୂପ କୁରଆନ୍‌ରେ ଅର୍ଥନୀତି ସମ୍ବନ୍ଧରେ ଥିବା ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେବା ନିମିତ୍ତ ଯଦି ଏଥିରୁ ଅଳ୍ପ କେତୋଟି ଆୟତ୍ ବଛାଯାଏ, ତେବେ ଉପରୋକ୍ତ କାରଣରୁ ତାହା ଅନୁଚିତ ହେବ । ପୁନଶ୍ଚ ଅର୍ଥନୀତି ସହିତ ପ୍ରତ୍ୟକ୍ଷ ଭାବେ ସମ୍ପର୍କ ନଥିବା ଇସ୍‌ଲାମୀୟ ଅର୍ଥନୀତି ବିଷୟକ ତତ୍ତ୍ୱ କୁରଆନ୍‌ରେ ବିସ୍ତୃତ ଭାଗରେ ବର୍ଣ୍ଣିତ ହୋଇଥିବାରୁ ସେଥିରୁ ଅଳ୍ପ କେତୋଟିର ଉଦାହରଣ ସେ ଦିଗରେ ଯଥେଷ୍ଟ ହେବନାହିଁ ।

ଅବଶ୍ୟ ବିଭିନ୍ନ ଭାଷାଭାଷୀ ତଥା ବିଭିନ୍ନ ଜାତିର ଓ ବିଭିନ୍ନ ସାଂସ୍କୃତିକ ପରିବେଶ ମଧ୍ୟରେ ବସବାସ କରୁଥିବା ପୃଥିବୀ ଜନସଂଖ୍ୟାର ଏକ ବହୁଳ ଅଂଶ କୁରଆନ୍ ଭଳି ଏକ ଚମତ୍କାର ଗ୍ରନ୍ଥ ପାଠ କରିବା ସୁବିଧାରୁ ଏବେ ମଧ୍ୟ ବଞ୍ଚିତ ରହିଥିବା ବିଷୟକୁ ଯେତେବେଳେ

ଆମେମାନେ ବିଚାର କରୁଁ, ସେତେବେଳେ ଏହି ସାଂଘାତିକ ପରିସ୍ଥିତିର ଗୁରୁତ୍ୱ ସୁସ୍ପଷ୍ଟ ହୋଇଯାଏ ।

ଏହି ପରିପ୍ରେକ୍ଷୀରେ ବିଶ୍ୱବ୍ୟାପ୍ତ ଅହମଦିୟା ମୁସଲିମ୍ ସମ୍ପ୍ରଦାୟ ଏହାର ଖିଲାଫତର ସ୍ୱର୍ଗୀୟ ଅନୁଷ୍ଠାନ ବ୍ୟବସ୍ଥା ଆନୁକୁଲ୍ୟରେ ପବିତ୍ର କୁରଆନ୍‌କୁ ପୃଥିବୀରେ ବହୁଳ ଭାବରେ କଥିତ ବିଭିନ୍ନ ଭାଷାରେ ସମ୍ପୂର୍ଣ୍ଣ ଭାବରେ ଅନୁବାଦ କରିବାର ଉଚ୍ଚାଭିଳାଷ ରଖି ଏହି ମହାନ କାର୍ଯ୍ୟ ହାତକୁ ନେଇଛି । ତେବେ ଈଶ୍ୱରଙ୍କ ଅପାର କରୁଣାରୁ ଅହମଦୀୟା ମୁସଲିମ ସମ୍ପ୍ରଦାୟ ଦ୍ୱାରା ଅଦ୍ୟାବଧି ୭୦ରୁ ଅଧିକ ଭାଷାରେ ପବିତ୍ର କୁରଆନର ଅନୁବାଦ କରାଯାଇ ସାରିଲାଣି ।

ବିଭିନ୍ନ ଭାଷାରେ ପ୍ରକାଶିତ ହୋଇଥିବା ପବିତ୍ର କୁରଆନ ସମ୍ବନ୍ଧରେ ଅଧିକ ଜାଣିବା କିମ୍ବା ଏହାକୁ ପାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ଏହାର ପ୍ରକାଶକଙ୍କ ସହିତ ସିଧାସଳଖ ଯୋଗାଯୋଗ କରିପାରିବେ ଅଥବା ପୃଥିବୀର ଯେ କୌଣସି ଦେଶରେ ଅବସ୍ଥାପିତ ଅହମଦିୟା ମୁସଲିମ ମିଶନରୁ ଅନୁସନ୍ଧାନ କରିପାରିବେ । ଅଧିକ ଜାଣିବା ପାଇଁ ଏହି ୱେବ ସାଇଟ ସହିତ ସମ୍ପର୍କ କରନ୍ତୁ : www.alislam.org.

ସୁତରାଂ ଏହାକୁ ଯଥାର୍ଥ ଭାବରେ ଉପସ୍ଥାପିତ କରିବା ନିମିତ୍ତ ଯେଉଁ ପାଠକମାନଙ୍କର ଇସ୍‌ଲାମ ଧର୍ମ ସମ୍ବନ୍ଧରେ ଅତି ସାମାନ୍ୟ ଜ୍ଞାନ ଅଛି ବା ଆଦୌ ଜ୍ଞାନ ନାହିଁ, ସେମାନଙ୍କୁ ଏହାର କେତେକ ମୌଳିକ ତତ୍ତ୍ୱ ସମ୍ପର୍କରେ ପରିଚିତ କରାଇବା ଉଦ୍ଦେଶ୍ୟରେ ପବିତ୍ର କୁରଆନ୍‌ରୁ ବିଷୟ ଅନୁସାରେ କେତେକ ଆୟତ୍ ନିର୍ବାଚନ କରାଯାଇଛି ।

ତେବେ ଏହି ଗ୍ରନ୍ଥଖଣ୍ଡରେ ଉଦ୍ଧୃତ ହୋଇଥିବା କୁରଆନ ବାଣୀ ବିଶ୍ୱବ୍ୟାପ୍ତ ଅହମଦିୟା ମୁସଲିମ୍ ସମ୍ପ୍ରଦାୟର ମହାମାନ୍ୟ ଚତୁର୍ଥ ଖଲିଫା ହଜରତ ମିର୍ଜା ତାହେର ଅହମଦ[ରଅ] (୧୯୨୮-୨୦୦୩)ଙ୍କ ଦ୍ୱାରା ଚୟନ କରାଯାଇଛି । ଏହାର ଓଡିଆ ଅନୁବାଦ ସମ୍ପ୍ରଦାୟର ଦ୍ୱିତୀୟ ଖଲିଫାଙ୍କ ରଚିତ ଉର୍ଦ୍ଦୁ 'ତଫସିର ସଗୀର' ଉପରେ ଆଧାରିତ, ଯାହାକୁ ୧୯୮୯ ମସିହାରେ ଅହମଦୀୟା ଶତବାର୍ଷିକୀ ପାଳନ ଅବସରରେ ଡଃ. ମୁହମ୍ମଦ ଅନୱାରୁଲ ହକ୍ ଓ ଅବଦୁଲ କାଦର ଖାନ୍, ଏମ୍. ଏ. (ଓଡିଆ)ଙ୍କ ଦ୍ୱାରା କରାଯାଇ ଥିଲା ।

**ନାଜର ନଶରୋ ଇଶାଅତ**
କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ନିର୍ଦ୍ଦେଶାଳୟ, କାଦିୟାନ
April - 2019

# ଅଲ୍ଲାଃ ପରଂବ୍ରହ୍ମ

ପରମାତ୍ମାଙ୍କ ନାମ ଅଲ୍ଲାଃ । ଆରବୀ ଭାଷାରେ ଅଲ୍ଲାଃ ଶବ୍ଦଟି ଅନ୍ୟ କୌଣସି ବସ୍ତୁ ବା ବ୍ୟକ୍ତି ପାଇଁ ବ୍ୟବହୃତ ହୁଏ ନାହିଁ । ଅନ୍ୟାନ୍ୟ ଭାଷାରେ ପରଂବ୍ରହ୍ମଙ୍କର ନାମ ସବୁ ଗୁଣାତ୍ମକ କିମ୍ବା ବର୍ଣ୍ଣନାତ୍ମକ ଏବଂ ଅନେକ ସମୟରେ ତାହା ବହୁବଚନରେ ବ୍ୟବହୃତ ହୋଇଥାଏ । ମାତ୍ର ଅଲ୍ଲାଃ ଶବ୍ଦଟି କଦାପି ବହୁବଚନରେ ବ୍ୟବହୃତ ହୁଏ ନାହିଁ । ଓଡ଼ିଆ ଭାଷାରେ ଏକ ସମତୁଲ ଶବ୍ଦ ନମିଳିବାରୁ ସମଗ୍ର ଅନୁବାଦରେ ମୂଳ ନାମ 'ଅଲ୍ଲାଃ' ରଖାଯାଇଛି ।

## ଅଧ୍ୟାୟ ୧

୧. ଦୟାବନ୍ତ କରୁଣାମୟ ଅଲ୍ଲାଃ ନାମ ନେଇ (ପାଠ କରୁଅଛି) ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ ﴿۱﴾

୨. ସମସ୍ତ ଜଗତର ପାଳନକର୍ତ୍ତା ଅଲ୍ଲାଃ ହିଁ ସକଳ ପ୍ରଶଂସାର ପାତ୍ର ।

اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ ﴿۲﴾

୩. ଦୟାବନ୍ତ ଓ କରୁଣାମୟ ।

الرَّحۡمٰنِ الرَّحِیۡمِ ﴿۳﴾

୪. (ଏବଂ) ବିଚାର ଦିବସର ପ୍ରଭୁ ।

مٰلِکِ یَوۡمِ الدِّیۡنِ ﴿۴﴾

୫. (ହେ ପ୍ରଭୁ !) ଆମେମାନେ ତୁମ୍ଭର ହିଁ ଉପାସନା କରୁଅଛୁଁ ଓ ତୁମ୍ଭର ହିଁ ସାହାଯ୍ୟ ଭିକ୍ଷା କରୁଅଛୁଁ ।

اِیَّاکَ نَعۡبُدُ وَ اِیَّاکَ نَسۡتَعِیۡنُ ﴿۵﴾

୬. ଆମମାନଙ୍କୁ ସତ୍‌ପଥରେ ପରିଚାଳିତ କରାଅ ।

اِہۡدِنَا الصِّرَاطَ الۡمُسۡتَقِیۡمَ ﴿۶﴾

୭. ସେହିମାନଙ୍କ ପଥରେ ଯେଉଁମାନଙ୍କୁ ତୁମ୍ଭେ ପୁରସ୍କୃତ କରିଅଛ, ଯେଉଁମାନଙ୍କ ଉପରେ (ପରେ ତୁମ୍ଭର) ପ୍ରକୋପ ଅବତୀର୍ଣ୍ଣ ହୋଇନାହିଁ କି (ପରେ) ସେମାନେ ପଥଭ୍ରଷ୍ଟ ହୋଇନାହାନ୍ତି ।

(ଅଲ ଫାତିହା :୧-୭)

صِرَاطَ الَّذِیۡنَ اَنۡعَمۡتَ عَلَیۡہِمۡ ۬ۙ
غَیۡرِ الۡمَغۡضُوۡبِ عَلَیۡہِمۡ وَ لَا الضَّآلِّیۡنَ ﴿۷﴾

## ଅଧ୍ୟାୟ ୫୭

୨. ଆକାଶ ଓ ପୃଥିବୀରେ ଯାହାକିଛି ଅଛି, ତାହା ଅଲ୍ଲାଃଙ୍କର ଗୁଣ ଗାନ କରୁଅଛି ଏବଂ ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ ।

سَبَّحَ لِلّٰہِ مَا فِی السَّمٰوٰتِ وَ الۡاَرۡضِ ۚ
وَ ہُوَ الۡعَزِیۡزُ الۡحَکِیۡمُ ﴿۲﴾

୩. ଆକାଶ ଓ ପୃଥିବୀରେ ରାଜତ୍ୱ ତାହାଙ୍କର; ସେ ଜୀବନ ଦାନ କରନ୍ତି ଓ ମୃତ୍ୟୁ ଦେଇଥାନ୍ତି; ଏବଂ ପ୍ରତ୍ୟେକ ବସ୍ତୁ ଉପରେ ତାହାଙ୍କର କର୍ତ୍ତୃତ୍ୱ ରହିଅଛି ।

لَہٗ مُلۡکُ السَّمٰوٰتِ وَ الۡاَرۡضِ ۚ
یُحۡیٖ وَ یُمِیۡتُ ۚ وَ ہُوَ عَلٰی کُلِّ شَیۡءٍ قَدِیۡرٌ ﴿۳﴾

| | |
|---|---|
| ୪.   ସେ ହିଁ ପ୍ରଥମ ଓ ସେ ହିଁ ଶେଷ; ସେ ହିଁ ପ୍ରକାଶ୍ୟ ଓ ସେ ହିଁ ଗୁପ୍ତ; ଏବଂ ସେ ପ୍ରତ୍ୟେକ ବିଷୟକୁ ଜାଣନ୍ତି । | هُوَ الْأَوَّلُ وَالْآخِرُ وَالظَّاهِرُ وَالْبَاطِنُ ۚ وَهُوَ بِكُلِّ شَيْءٍ عَلِيمٌ ﴿٤﴾ |
| ୫.   ସେ ହିଁ ଆକାଶ ଓ ପୃଥିବୀକୁ ଛଅ ଗୋଟି କାଳାବଧି ମଧ୍ୟରେ ସୃଷ୍ଟି କରିଛନ୍ତି; ଏହାପରେ ସେ ଦୃଢ଼ତା ସହକାରେ ସିଂହାସନ ଉପରେ ପ୍ରତିଷ୍ଠିତ ହୋଇଛନ୍ତି । ଯାହା ପୃଥିବୀରେ ପ୍ରବେଶ କରେ ତାହାକୁ ଓ ଯାହା ତହିଁରୁ ବହିର୍ଗତ ହୁଏ ତାହାକୁ ମଧ୍ୟ (ଜାଣନ୍ତି) ଏବଂ ଯାହା ଆକାଶରୁ ଅବତରଣ କରେ ଓ ଯାହା ତାଙ୍କରି ଆଡ଼କୁ ଆରୋହଣ କରେ, ତାହାକୁ ମଧ୍ୟ (ଜାଣନ୍ତି) ଏବଂ ତୁମେ ଯେଉଁଠାକୁ ଯାଅ ସେ ତୁମ ସହିତ ଥାଆନ୍ତି ଏବଂ ଅଲ୍ଲାଃ ତୁମ କାର୍ଯ୍ୟକଳାପ ସଂକ୍ରାନ୍ତରେ ଭଲ ଭାବରେ ଅବଗତ ଅଛନ୍ତି । | هُوَ الَّذِي خَلَقَ السَّمٰوٰتِ وَالْأَرْضَ فِي سِتَّةِ أَيَّامٍ ثُمَّ اسْتَوٰى عَلَى الْعَرْشِ ۚ يَعْلَمُ مَا يَلِجُ فِي الْأَرْضِ وَمَا يَخْرُجُ مِنْهَا وَمَا يَنْزِلُ مِنَ السَّمَاءِ وَمَا يَعْرُجُ فِيهَا ۖ وَهُوَ مَعَكُمْ أَيْنَ مَا كُنْتُمْ ۚ وَاللّٰهُ بِمَا تَعْمَلُونَ بَصِيرٌ ﴿٥﴾ |
| ୬.   (ଏବଂ) ଆକାଶ ଓ ପୃଥିବୀର ରାଜତ୍ୱ ମଧ୍ୟ ତାହାଙ୍କର ଏବଂ (ନିଷ୍ପତ୍ତି ସକାଶେ) ତାହାଙ୍କ ନିକଟକୁ ସବୁ ବିଷୟକୁ ଫେରାଇ ନିଆହେବ । | لَهُ مُلْكُ السَّمٰوٰتِ وَالْأَرْضِ ۚ وَإِلَى اللّٰهِ تُرْجَعُ الْأُمُورُ ﴿٦﴾ |
| ୭.   ସେ ରାତିକୁ ଦିନ ମଧ୍ୟରେ ପ୍ରବେଶ କରାନ୍ତି ଓ ଦିନକୁ ରାତି ମଧ୍ୟରେ ପ୍ରବେଶ କରାନ୍ତି ଏବଂ ସେ ଅନ୍ତରର କଥାକୁ ଭଲ ରୂପେ ଜାଣନ୍ତି । | يُولِجُ اللَّيْلَ فِي النَّهَارِ وَيُولِجُ النَّهَارَ فِي اللَّيْلِ ۚ وَهُوَ عَلِيمٌ بِذَاتِ الصُّدُورِ ﴿٧﴾ |
| ୮.   ହେ ଲୋକମାନେ! ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ପ୍ରତି ବିଶ୍ୱାସ ସ୍ଥାପନ କର ଏବଂ (ପୂର୍ବବର୍ତ୍ତୀ ସମ୍ପ୍ରଦାୟଙ୍କ ପରେ) ତୁମମାନଙ୍କୁ ଯେଉଁ (ଧନ ସମ୍ପତ୍ତି) ବିଷୟରେ ମାଲିକ କରାଯାଇଛି ସେଥିରୁ ବ୍ୟୟ କର; ଏବଂ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସକାରୀ ଅଟନ୍ତି ଓ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ବ୍ୟୟ କରନ୍ତି ସେମାନଙ୍କୁ ମହାନ ପ୍ରତିଫଳ ମିଳିବ । | اٰمِنُوا بِاللّٰهِ وَرَسُولِهِ وَأَنْفِقُوا مِمَّا جَعَلَكُمْ مُسْتَخْلَفِينَ فِيهِ ۖ فَالَّذِينَ اٰمَنُوا مِنْكُمْ وَأَنْفَقُوا لَهُمْ أَجْرٌ كَبِيرٌ ﴿٨﴾ |

(ଅଲ ହଦିଦ୍ : ୨-୮)

## ଅଧ୍ୟାୟ ୬୪

୨. ଆକାଶ ଓ ପୃଥିବୀରେ ଯାହାକିଛି ଅଛି ତାହା ଅଲ୍ଲାଃଙ୍କର ଗୁଣ ଗାନ କରୁଅଛି, ଏବଂ ପ୍ରତ୍ୟେକ ବସ୍ତୁ ଉପରେ ତାହାଙ୍କର କର୍ତ୍ତୃତ୍ୱ ରହିଅଛି ।

يُسَبِّحُ لِلّٰهِ مَا فِي السَّمٰوٰتِ وَمَا فِي الْاَرْضِ ۚ لَهُ الْمُلْكُ وَلَهُ الْحَمْدُ ۖ وَهُوَ عَلٰى كُلِّ شَيْءٍ قَدِيْرٌ ۝٢

୩. ସେ ହିଁ ତୁମମାନଙ୍କୁ ସୃଷ୍ଟି କରିଛନ୍ତି; କିନ୍ତୁ ତୁମମାନଙ୍କ ମଧ୍ୟରୁ କେହି ଅବଜ୍ଞାକାରୀ ହୁଏ ଓ (ଅନ୍ୟ) କେହି ବିଶ୍ୱାସକାରୀ ହୁଏ; ଏବଂ ଅଲ୍ଲାଃ ତୁମମାନଙ୍କର କାର୍ଯ୍ୟକଳାପରୁ ଲକ୍ଷ୍ୟ କରୁଛନ୍ତି ।

هُوَ الَّذِيْ خَلَقَكُمْ فَمِنْكُمْ كَافِرٌ وَّمِنْكُمْ مُّؤْمِنٌ ۗ وَاللّٰهُ بِمَا تَعْمَلُوْنَ بَصِيْرٌ ۝٣

୪. ସେ ଆକାଶ ଓ ପୃଥିବୀକୁ ଏକ ବିଶେଷ ଉଦ୍ଦେଶ୍ୟରେ ସୃଷ୍ଟି କରିଛନ୍ତି; ଏବଂ ସେ ତୁମମାନଙ୍କର ଆକୃତି ଗଠନ କରିଛନ୍ତି ଏବଂ ତୁମମାନଙ୍କ ଆକୃତିକୁ ସୁନ୍ଦର ଭାବରେ ଗଢ଼ିଛନ୍ତି ଏବଂ ତୁମମାନଙ୍କୁ ତାହାଙ୍କ ନିକଟକୁ ଫେରିବାକୁ ହେବ ।

خَلَقَ السَّمٰوٰتِ وَالْاَرْضَ بِالْحَقِّ وَصَوَّرَكُمْ فَاَحْسَنَ صُوَرَكُمْ ۚ وَاِلَيْهِ الْمَصِيْرُ ۝٤

୫. ଆକାଶ ଓ ପୃଥିବୀରେ ଯାହା କିଛି ଅଛି ତାହା ସେ ଜାଣନ୍ତି ଏବଂ ତୁମେମାନେ ଯାହା ଗୋପନରେ ଓ ପ୍ରକାଶ୍ୟରେ କରୁଅଛ ତାହାକୁ ମଧ୍ୟ ଜାଣନ୍ତି; ଏବଂ ଅଲ୍ଲାଃ ଅନ୍ତରର କଥା ମଧ୍ୟ ଜାଣନ୍ତି ।

يَعْلَمُ مَا فِي السَّمٰوٰتِ وَالْاَرْضِ وَيَعْلَمُ مَا تُسِرُّوْنَ وَمَا تُعْلِنُوْنَ ۗ وَاللّٰهُ عَلِيْمٌ بِذَاتِ الصُّدُوْرِ ۝٥

(ଅଲ ତଗାବୁନ : ୨-୫)

## ଅଧ୍ୟାୟ ୬

୯୬. ନିଶ୍ଚୟ ଅଲ୍ଲାଃ ବୀଜ ଓ ଟାକୁଆକୁ ଅଙ୍କୁରିତ କରାନ୍ତି; ସେ ଜୀବନ୍ତକୁ ମୃତରୁ ବହିର୍ଗତ କରାନ୍ତି ଓ ମୃତକୁ ଜୀବନ୍ତରୁ ବହିର୍ଗତ କରାନ୍ତି; ସେ ହିଁ (ତୁମମାନଙ୍କର) ଅଲ୍ଲାଃ, ତେବେ କୁହ, "ତୁମ୍ଭେମାନେ କେଉଁଆଡ଼କୁ ଫେରି ଯାଉଅଛ ?"

اِنَّ اللّٰهَ فَالِقُ الْحَبِّ وَالنَّوٰى ۗ يُخْرِجُ الْحَيَّ مِنَ الْمَيِّتِ وَمُخْرِجُ الْمَيِّتِ مِنَ الْحَيِّ ۗ ذٰلِكُمُ اللّٰهُ فَاَنّٰى تُؤْفَكُوْنَ ۝٩٦

୯୭. ସେ ପ୍ରଭାତକୁ ପ୍ରକାଶ କରାନ୍ତି, ଏବଂ ସେ ରାତ୍ରିକୁ ବିଶ୍ରାମ ପାଇଁ ତଥା ସୂର୍ଯ୍ୟ ଓ ଚନ୍ଦ୍ରକୁ ଗଣନାର ମାଧ୍ୟମ ରୂପେ ଗଢ଼ିଛନ୍ତି; ଏହି ନିରୁପଣ ତାହାଙ୍କର ଯେ କି ପରାକ୍ରମୀ ଓ ସର୍ବଜ୍ଞ ।

فَالِقُ الْاِصْبَاحِ ۚ وَجَعَلَ الَّيْلَ سَكَنًا وَّالشَّمْسَ وَالْقَمَرَ حُسْبَانًا ؕ ذٰلِكَ تَقْدِيْرُ الْعَزِيْزِ الْعَلِيْمِ ﴿٩٧﴾

୯୮. ଏବଂ ସେ ହିଁ ତୁମମାନଙ୍କ ପାଇଁ ନକ୍ଷତ୍ର ସୃଷ୍ଟି କରିଛନ୍ତି, ଯଦ୍ଦ୍ୱାରା ତୁମେମାନେ ଅସୁବିଧା ସମୟରେ ସ୍ଥଳଭାଗ ଓ ଜଳଭାଗ ମଧ୍ୟରେ ମାର୍ଗ ଜାଣିପାରିବ । ଆମ୍ଭେ ଜ୍ଞାନବନ୍ତ ସମ୍ପ୍ରଦାୟ ପାଇଁ ନିଦର୍ଶନଗୁଡ଼ିକ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଅଛୁଁ ।

وَهُوَ الَّذِىْ جَعَلَ لَـكُمُ النُّجُوْمَ لِتَهْتَدُوْا بِهَا فِىْ ظُلُمٰتِ الْبَرِّ وَالْبَحْرِ ؕ قَدْ فَصَّلْنَا الْاٰيٰتِ لِقَوْمٍ يَّعْلَمُوْنَ ﴿٩٨﴾

୯୯. ଏବଂ ସେ ହିଁ ତୁମମାନଙ୍କୁ ଗୋଟିଏ ଜୀବରୁ ସୃଷ୍ଟି କରିଛନ୍ତି, ଏବଂ ତତ୍‌ପରେ (ସେ ତୁମ୍ଭମାନଙ୍କ ପାଇଁ) ଏକ ଅସ୍ଥାୟୀ ବାସସ୍ଥାନ ଓ ଏକ ସ୍ଥାୟୀ ବାସସ୍ଥାନ ନିର୍ଦ୍ଧାରିତ କରିଛନ୍ତି; ଆମ୍ଭେ ବୁଝିପାରୁଥିବା ଲୋକମାନଙ୍କ ପାଇଁ ନିଦର୍ଶନମାନ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଅଛୁଁ ।

وَهُوَ الَّذِىْۤ اَنْشَاَكُمْ مِّنْ نَّفْسٍ وَّاحِدَةٍ فَمُسْتَقَرٌّ وَّ مُسْتَوْدَعٌ ؕ قَدْ فَصَّلْنَا الْاٰيٰتِ لِقَوْمٍ يَّفْقَهُوْنَ ﴿٩٩﴾

୧୦୦. ଏବଂ ସେ ହିଁ ଆକାଶରୁ ଜଳ ବର୍ଷଣ କରାନ୍ତି, ତତ୍‌ପରେ ଆମ୍ଭେ ତଦ୍ଦ୍ୱାରା ସକଳ ପ୍ରକାର ଉଦ୍ଭିଦ ଉତ୍ପନ୍ନ କରାଉଁ, ତତ୍‌ପରେ ସେଥିରୁ ସବୁଜ କ୍ଷେତ ସୃଷ୍ଟି କରାଉଁ, ଯହିଁରୁ ଆମ୍ଭେ ସ୍ତରଯୁକ୍ତ ବୀଜ ଉତ୍ପନ୍ନ କରାଉଁ ଏବଂ ଖଜୁରୀ ଗଛର କାଣ୍ଡରୁ ନଇଁ ପଡ଼ିଥିବା କାନ୍ଧିଗୁଡ଼ିକୁ ବାହାର କରାଉଁ ଏବଂ ଆମ୍ଭେ ତନ୍ମଧ୍ୟରୁ ସାମଞ୍ଜସ୍ୟ ଥିବା ଓ ସାମଞ୍ଜସ୍ୟ ନଥିବା ଅଙ୍ଗୁର, ଜୈତୁନ ଓ ଡ଼ାଳିମ୍ବର ଉଦ୍ୟାନମାନ ସୃଷ୍ଟି କରିଅଛୁଁ; ଯେତେବେଳେ ଏହି ଗଛଗୁଡ଼ିକ ଫଳ ଧାରଣ କରାନ୍ତି ସେତେବେଳେ ତାହାର ପାଚିବା ଅବସ୍ଥାକୁ ଲକ୍ଷ୍ୟ କର; ତହିଁରେ ବିଶ୍ୱାସକାରୀମାନଙ୍କ ପାଇଁ ଅବଶ୍ୟ ନିଦର୍ଶନମାନ ରହିଅଛି ।

وَهُوَ الَّذِىْۤ اَنْزَلَ مِنَ السَّمَآءِ مَآءً ۚ فَاَخْرَجْنَا بِهٖ نَبَاتَ كُلِّ شَىْءٍ فَاَخْرَجْنَا مِنْهُ خَضِرًا نُّخْرِجُ مِنْهُ حَبًّا مُّتَرَاكِبًا ۚ وَمِنَ النَّخْلِ مِنْ طَلْعِهَا قِنْوَانٌ دَانِيَةٌ وَّ جَنّٰتٍ مِّنْ اَعْنَابٍ وَّالزَّيْتُوْنَ وَالرُّمَّانَ مُشْتَبِهًا وَّ غَيْرَ مُتَشَابِهٍ ؕ اُنْظُرُوْۤا اِلٰى ثَمَرِهٖۤ اِذَاۤ اَثْمَرَ وَيَنْعِهٖ ؕ اِنَّ فِىْ ذٰلِكُمْ لَاٰيٰتٍ لِّقَوْمٍ يُّؤْمِنُوْنَ ﴿١٠٠﴾

وَجَعَلُوْا لِلّٰهِ شُرَكَآءَ الْجِنَّ وَخَلَقَهُمْ
وَخَرَقُوْا لَهٗ بَنِيْنَ وَبَنٰتٍۭ بِغَيْرِ عِلْمٍ ؕ
سُبْحٰنَهٗ وَتَعٰلٰى عَمَّا يَصِفُوْنَ ﴿١٠١﴾

୧୦୧. ଏବଂ ସେମାନେ ଅଲ୍ଲାଃଙ୍କ ସହିତ ‘ଜୀନ୍’ମାନଙ୍କୁ ସମକକ୍ଷ କରାନ୍ତି, ଯଦ୍ୟପି ସେ ସେମାନଙ୍କୁ ସୃଷ୍ଟି କରିଛନ୍ତି, ଏବଂ ସେମାନେ ମିଥ୍ୟାରେ ଅଜ୍ଞତା ବଶତଃ ତାହାଙ୍କ ପାଇଁ ପୁତ୍ର ଓ କନ୍ୟା ନିର୍ଦ୍ଧାରିତ କରିଛନ୍ତି; ସେ (ଅର୍ଥାତ ଅଲ୍ଲାଃ) ହିଁ ପବିତ୍ର ଏବଂ ଯାହା କିଛି ସେମାନେ ବର୍ଣ୍ଣନା କରୁଛନ୍ତି ସେ ତହିଁରୁ ଉର୍ଦ୍ଧ୍ୱରେ ।

(ଅଲ ଅନଆମ : ୯୬-୧୦୧)

## ଅଧ୍ୟାୟ -୨

اَللّٰهُ لَآ اِلٰهَ اِلَّا هُوَ ۚ اَلْحَيُّ الْقَيُّوْمُ ۚ لَا
تَاْخُذُهٗ سِنَةٌ وَّلَا نَوْمٌ ؕ لَهٗ مَا فِي السَّمٰوٰتِ
وَمَا فِي الْاَرْضِ ؕ مَنْ ذَا الَّذِيْ يَشْفَعُ عِنْدَهٗٓ
اِلَّا بِاِذْنِهٖ ؕ يَعْلَمُ مَا بَيْنَ اَيْدِيْهِمْ وَمَا
خَلْفَهُمْ ۚ وَلَا يُحِيْطُوْنَ بِشَيْءٍ مِّنْ عِلْمِهٖٓ
اِلَّا بِمَا شَآءَ ۚ وَسِعَ كُرْسِيُّهُ السَّمٰوٰتِ
وَالْاَرْضَ ۚ وَلَا يَئُوْدُهٗ حِفْظُهُمَا ۚ وَهُوَ
الْعَلِيُّ الْعَظِيْمُ ﴿٢٥٦﴾

୨୫୬. ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; ସେ ଚିରଞ୍ଜୀବି, (ଓ ସେ ସ୍ୱୟଂ) ପ୍ରତିଷ୍ଠିତ (ଓ ସମସ୍ତଙ୍କର) ପ୍ରତିଷ୍ଠାତା; ତାହାଙ୍କୁ ତନ୍ଦ୍ରା ଓ ନିଦ୍ରା ସ୍ପର୍ଶ କରେ ନାହିଁ । ଯାହାକିଛି ଆକାଶରେ ଓ ଯାହାକିଛି ପୃଥିବୀରେ ଅଛି ତାହା ତାଙ୍କରି; ତାହାଙ୍କର ବିନାନୁମତିରେ କିଏ ତାହାଙ୍କ ସମୀପରେ ସୁପରାଶି କରିପାରିବ ? ସେମାନଙ୍କ ସମ୍ମୁଖରେ ଯାହା ଅଛି ଓ ସେମାନଙ୍କ ପଶ୍ଚାତରେ ଯାହା ଅଛି, ସେ ତାହାକୁ ଜାଣନ୍ତି, ଏବଂ ସେମାନେ ତାହାଙ୍କର ଇଚ୍ଛା ବିନା ତାହାଙ୍କ ଜ୍ଞାନର କୌଣସି ଅଂଶକୁ ପାଇପାରିବେ ନାହିଁ । ତାହାଙ୍କର ଜ୍ଞାନ ଆକାଶ ଓ ପୃଥିବୀରେ ବ୍ୟାପୀ ରହିଛି ଏବଂ ଏଗୁଡ଼ିକର ରକ୍ଷଣାବେକ୍ଷଣ ତାହାଙ୍କୁ କ୍ଲାନ୍ତ କରେ ନାହିଁ, ଏବଂ ସେ ହିଁ ଅତ୍ୟୁଚ୍ଚ ଓ ମହାନ ।

(ଅଲ ବକରା : ୨୫୬)

## ଅଧ୍ୟାୟ ୫୯

هُوَ اللّٰهُ الَّذِيْ لَآ اِلٰهَ اِلَّا هُوَ ۚ عٰلِمُ الْغَيْبِ
وَالشَّهَادَةِ ۚ هُوَ الرَّحْمٰنُ الرَّحِيْمُ ﴿٢٣﴾

୨୩. ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; ସେ ଗୁପ୍ତ ଓ ପ୍ରକାଶ୍ୟ (ବିଷୟ)କୁ ଜାଣନ୍ତି; ସେ ହିଁ ଦୟାବନ୍ତ ଓ କରୁଣାମୟ ।

هُوَ اللّٰهُ الَّذِیۡ لَاۤ اِلٰہَ اِلَّا هُوَ ۚ اَلۡمَلِکُ الۡقُدُّوۡسُ السَّلٰمُ الۡمُؤۡمِنُ الۡمُهَیۡمِنُ الۡعَزِیۡزُ الۡجَبَّارُ الۡمُتَکَبِّرُ ؕ سُبۡحٰنَ اللّٰهِ عَمَّا یُشۡرِکُوۡنَ ﴿۲۴﴾

୨୪. (ପ୍ରକୃତ ବିଷୟ ହେଉଛି ଯେ) ସେ ହିଁ ଅଲ୍ଲାଃ ଯାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; ସେ ହିଁ ସାର୍ବଭୌମ ଶାସନକର୍ତ୍ତା; (ନିଜେ) ପବିତ୍ର (ଓ ଅନ୍ୟକୁ ପବିତ୍ର କରାନ୍ତି; ନିଜେ) ପ୍ରତ୍ୟେକ ପ୍ରକାର ଦୋଷରୁ ମୁକ୍ତ (ଓ ଅନ୍ୟକୁ ଦୋଷମୁକ୍ତ କରିଥାନ୍ତି); ସମସ୍ତଙ୍କ ପାଇଁ ଶାନ୍ତିପ୍ରଦାୟକ ଓ ସମସ୍ତଙ୍କର ତତ୍ତ୍ୱାବଧାରକ; (ସେ ହିଁ) ପରାକ୍ରମୀ; (ସେ ହିଁ) ଭଗ୍ନ ହୃଦୟକୁ ସଂଯୁକ୍ତ କରିଥାନ୍ତି; (ସେ ହିଁ) ମହାନ; ସେମାନେ ତାହାଙ୍କ ସହିତ ଯେଉଁ ଯେଉଁ ବିଷୟକୁ ସମକକ୍ଷ ମନେ କରନ୍ତି, ଅଲ୍ଲାଃ ସେ ସବୁର ଉର୍ଦ୍ଧ୍ୱରେ ।

هُوَ اللّٰهُ الۡخَالِقُ الۡبَارِئُ الۡمُصَوِّرُ لَهُ الۡاَسۡمَآءُ الۡحُسۡنٰی ؕ یُسَبِّحُ لَهٗ مَا فِی السَّمٰوٰتِ وَ الۡاَرۡضِ ۚ وَ هُوَ الۡعَزِیۡزُ الۡحَکِیۡمُ ﴿۲۵﴾

୨୫. (ପ୍ରକୃତ ବିଷୟ ହେଉଛି ଯେ) ଅଲ୍ଲାଃ ପ୍ରତ୍ୟେକ ବସ୍ତୁର ସୃଷ୍ଟିକର୍ତ୍ତା ଓ ପ୍ରତ୍ୟେକ ବସ୍ତୁର ରଚୟିତା ଏବଂ ପ୍ରତ୍ୟେକ ବସ୍ତୁକୁ ତାହାର ଆବଶ୍ୟକତା ଅନୁଯାୟୀ ଆକୃତି ଦେଇଥାନ୍ତି; ତାହାଙ୍କଠାରେ ଅନେକ ସୁଗୁଣ ନିହିତ ଅଛି; ଆକାଶ ଓ ପୃଥିବୀରେ ଯାହାକିଛି ଅଛି ସେ ସବୁ ତାହାଙ୍କର ଗୁଣ ଗାନ କରୁଛନ୍ତି; ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ ।

(ଅଲ ହଶର୍ : ୨୩-୨୫)

# ଦେବଦୂତ

ଦେବଦୂତ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି 'ବାର୍ତ୍ତାବହ' ବା ପ୍ରତିନିଧି । ଦେବଦୂତମାନଙ୍କର ସୃଷ୍ଟିର ଉଦ୍ଦେଶ୍ୟ ଏଥିରୁ ବୁଝାପଡୁଛି । ସେମାନେ ଅଲ୍ଲାଃଙ୍କର ବାର୍ତ୍ତା ବହନ କରି ଆଣନ୍ତି ଏବଂ ବିଶ୍ୱରେ ତାଙ୍କର ଇଚ୍ଛାକୁ କାର୍ଯ୍ୟକାରୀ କରାନ୍ତି । ଉଭୟ ବସ୍ତୁ ଜଗତ ଓ ଆଧ୍ୟାତ୍ମିକ ଜଗତରେ ଅଲ୍ଲାଃ ତାଙ୍କର ଇଚ୍ଛାକୁ କାର୍ଯ୍ୟକାରୀ କରାଇବା ଲାଗି ଯେଉଁ ବ୍ୟବସ୍ଥା ଠିକ୍ କରିଛନ୍ତି, ଦେବଦୂତମାନେ ତାହାର ଏକ ଅଂଶ ।

ଆଧ୍ୟାତ୍ମିକ ଜଗତରେ ଦେବଦୂତମାନଙ୍କର ପ୍ରଭାବ ପ୍ରତ୍ୟକ୍ଷ । ସେମାନଙ୍କ କାର୍ଯ୍ୟରେ କେହି ହସ୍ତକ୍ଷେପ କରନ୍ତି ନାହିଁ । ଦେବଦୂତମାନଙ୍କ ଠାରେ ଅବିଶ୍ୱାସ କରିବା ଅର୍ଥ ମଣିଷ ନିକଟକୁ ଅଲ୍ଲାଃଙ୍କର ଆଲୋକ ଆସିବାର ବାଟକୁ ବନ୍ଦ କରିବା ।

## ଅଧ୍ୟାୟ ୩୫

اَلۡحَمۡدُ لِلّٰہِ فَاطِرِ السَّمٰوٰتِ وَ الۡاَرۡضِ جَاعِلِ الۡمَلٰٓئِکَۃِ رُسُلًا اُولِیۡۤ اَجۡنِحَۃٍ مَّثۡنٰی وَ ثُلٰثَ وَ رُبٰعَ ؕ یَزِیۡدُ فِی الۡخَلۡقِ مَا یَشَآءُ ؕ اِنَّ اللّٰہَ عَلٰی کُلِّ شَیۡءٍ قَدِیۡرٌ ﴿۲﴾

୨. ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ପାଇଁ (ଉଦ୍ଦିଷ୍ଟ) ଯେ କି ଆକାଶ ଓ ପୃଥିବୀର (ଏକ ନୂତନ ବ୍ୟବସ୍ଥା ଅନୁଯାୟୀ) ସ୍ରଷ୍ଟା (ଏବଂ) ଦେବଦୂତମାନଙ୍କୁ ଏପରି ଅବସ୍ଥାରେ ରସୁଲ ଭାବରେ ପ୍ରେରଣ କରିଥାନ୍ତି, ଯେତେବେଳେ କି ସେମାନଙ୍କର କେବେ ଦୁଇ ଦୁଇଟି ଓ ଅନ୍ୟ କେବେ ତିନି ତିନି ଓ ଚାରି ଚାରିଗୋଟି ପକ୍ଷ ଯୁକ୍ତ ହୋଇଥାଏ; (ଏବଂ ସେହି ଦେବଦୂତମାନଙ୍କର ପକ୍ଷ) ସୃଷ୍ଟିରେ ସେ ଯେତେ (ସଂଖ୍ୟକ) ଇଚ୍ଛା କରନ୍ତି ସେତେ ବୃଦ୍ଧି କରାନ୍ତି; ଅଲ୍ଲାଃ ହିଁ ସକଳ ବିଷୟରେ ସର୍ବଶକ୍ତିମାନ ।

(ଅଲ ଫାତିର୍ : ୨)

## ଅଧ୍ୟାୟ ୨

قُلۡ مَنۡ کَانَ عَدُوًّا لِّجِبۡرِیۡلَ فَاِنَّہٗ نَزَّلَہٗ عَلٰی قَلۡبِکَ بِاِذۡنِ اللّٰہِ مُصَدِّقًا لِّمَا بَیۡنَ یَدَیۡہِ وَ ہُدًی وَّ بُشۡرٰی لِلۡمُؤۡمِنِیۡنَ ﴿۹۸﴾

୯୮. ତୁମ୍ଭେ (ସେମାନଙ୍କୁ) କୁହ, ଯେଉଁ ବ୍ୟକ୍ତି ଏହି କାରଣରୁ ଜିବ୍ରାଇଲଙ୍କର ଶତ୍ରୁ ହୋଇଛି ଯେ ସେ ଅଲ୍ଲାଃଙ୍କ ଆଦେଶ ଅନୁସାରେ ଏହା (ଅର୍ଥାତ ପବିତ୍ର କୁରଆନ) କୁ ତୁମ୍ଭ ହୃଦୟରେ ଅବତୀର୍ଣ୍ଣ କରାଇଛନ୍ତି ଯାହା ପୂର୍ବବର୍ତ୍ତୀ (ଧର୍ମ) ଗ୍ରନ୍ଥର ସତ୍ୟତା ପ୍ରତିପାଦନ କରୁଅଛି ଓ ବିଶ୍ୱାସକାରୀ ମାନଙ୍କୁ ସତ୍‌ପଥ ଦେଖାଉଛି ଓ ସୁସମାଚାର ଦେଉଛି ।

مَنۡ کَانَ عَدُوًّا لِّلّٰہِ وَ مَلٰٓئِکَتِہٖ وَ رُسُلِہٖ وَ جِبۡرِیۡلَ وَ مِیۡکٰلَ فَاِنَّ اللّٰہَ عَدُوٌّ لِّلۡکٰفِرِیۡنَ ﴿۹۹﴾

୯୯. (ମନେ ରଖ ଯେ) ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କର, ତାହାଙ୍କ ଦେବଦୂତମାନଙ୍କର ଓ ତାହାଙ୍କ ପ୍ରେରିତ ରସଲମାନଙ୍କର ତଥା ଜିବ୍ରାଇଲ୍ ଓ ମିକାଇଲଙ୍କର ଶତ୍ରୁ, ଅଲ୍ଲାଃ ଅବଶ୍ୟ (ଏପରି) ଅବଜ୍ଞାକାରୀମାନଙ୍କର ଶତ୍ରୁ ।

لَيۡسَ الۡبِرَّ اَنۡ تُوَلُّوۡا وُجُوۡهَكُمۡ قِبَلَ
الۡمَشۡرِقِ وَالۡمَغۡرِبِ وَلٰكِنَّ الۡبِرَّ مَنۡ اٰمَنَ
بِاللّٰهِ وَالۡيَوۡمِ الۡاٰخِرِ وَالۡمَلٰٓـئِكَةِ وَالۡكِتٰبِ
وَالنَّبِيّٖنَ‌ ۚ وَاٰتَى الۡمَالَ عَلٰى حُبِّهٖ ذَوِى
الۡقُرۡبٰى وَالۡيَتٰمٰى وَالۡمَسٰكِيۡنَ وَابۡنَ
السَّبِيۡلِۙ وَالسَّآئِلِيۡنَ وَفِى الرِّقَابِ‌ ۚ
وَاَقَامَ الصَّلٰوةَ وَاٰتَى الزَّکٰوةَ‌ ۚ وَالۡمُوۡفُوۡنَ
بِعَهۡدِهِمۡ اِذَا عٰهَدُوۡا ۚ وَالصّٰبِرِيۡنَ فِى
الۡبَاۡسَآءِ وَالضَّرَّآءِ وَحِيۡنَ الۡبَاۡسِ‌ؕ
اُولٰٓـئِكَ الَّذِيۡنَ صَدَقُوۡا‌ ؕ وَاُولٰٓـئِكَ
هُمُ الۡمُتَّقُوۡنَ ﴿۱۷۸﴾

୧୭୮. ତୁମେମାନେ ନିଜର ମୁଖମଣ୍ଡଳକୁ ପୂର୍ବ ବା ପଶ୍ଚିମ ଦିଗକୁ ଫେରାଇବାରେ ବିଶେଷ କିଛି ପୁଣ୍ୟ ନାହିଁ; କିନ୍ତୁ ଯେଉଁ ବ୍ୟକ୍ତି ଅଲ୍ଲାଃ, ବିଚାର ଦିବସ, ଦେବଦୂତମାନଙ୍କ ଉପରେ ତଥା (ଧର୍ମ) ଗ୍ରନ୍ଥ, ନବୀମାନଙ୍କ ଉପରେ ବିଶ୍ୱାସ ସ୍ଥାପନ କରେ ଏବଂ ଅଲ୍ଲାଃଙ୍କୁ ପ୍ରେମ କରିବା ହେତୁ ଆତ୍ମୀୟ ସ୍ୱଜନ, ଅନାଥ, ଦରିଦ୍ର, ପଥିକ, ଭିକ୍ଷୁକମାନଙ୍କ ତଥା କ୍ରୀତଦାସମାନଙ୍କ (ସ୍ୱାଧୀନତା ଲାଭ) ପାଇଁ (ଆପଣାର) ଧନ ବ୍ୟୟ କରେ ଏବଂ ସୁଚାରୁ ରୂପେ ନମାଜ ପାଠ କରେ, ଜକାତ୍ ଦିଏ ସେହି ବ୍ୟକ୍ତି ଏବଂ ନିଜ ଅଙ୍ଗୀକାରକୁ ପାଳନ କରୁଥିବା ବ୍ୟକ୍ତି ଓ (ବିଶେଷତଃ) ଦାରିଦ୍ର୍ୟ, ବ୍ୟାଧି ଓ ଯୁଦ୍ଧ ସମୟରେ ଧୈର୍ଯ୍ୟ ଧରି କର୍ତ୍ତବ୍ୟରତ ରହିଥିବା ବ୍ୟକ୍ତିମାନେ ହିଁ ପ୍ରକୃତରେ ପୁଣ୍ୟବାନ । ଏମାନେ ହିଁ ସତ୍ୟବାଦୀ (ସାବ୍ୟସ୍ତ) ହୁଅନ୍ତି ଓ ଏମାନେ ହିଁ ପ୍ରକୃତରେ ଧର୍ମପରାୟଣ ।

اٰمَنَ الرَّسُوۡلُ بِمَاۤ اُنۡزِلَ اِلَيۡهِ مِنۡ رَّبِّهٖ
وَالۡمُؤۡمِنُوۡنَ‌ ؕ كُلٌّ اٰمَنَ بِاللّٰهِ وَمَلٰٓـئِكَتِهٖ
وَكُتُبِهٖ وَرُسُلِهٖ‌

୨୮୬. ଏହି ରସୁଲଙ୍କ ନିକଟରେ ତାହାଙ୍କ ପାଳନକର୍ତ୍ତାଙ୍କ ଠାରୁ ଯାହାକିଛି ଅବତୀର୍ଣ୍ଣ ହୋଇଛି, ସେ (ନିଜେ) ତାହା ଉପରେ ବିଶ୍ୱାସ ସ୍ଥାପନ କରନ୍ତି ଓ ଅନ୍ୟ ବିଶ୍ୱାସକାରୀମାନେ (ମଧ୍ୟ ବିଶ୍ୱାସ ସ୍ଥାପନ କରନ୍ତି), ସେମାନେ ସମସ୍ତେ ଅଲ୍ଲାଃଙ୍କ ଉପରେ, ତାହାଙ୍କ ଦେବଦୂତମାନଙ୍କ ଉପରେ, ତାହାଙ୍କ (ପ୍ରେରିତ) ଗ୍ରନ୍ଥମାନଙ୍କ ଉପରେ ତଥା ତାହାଙ୍କ ରସୁଲମାନଙ୍କ ଉପରେ ବିଶ୍ୱାସ ସ୍ଥାପନ କରନ୍ତି... ।

(ଅଲ ବକରା : ୯୮,୯୯,୧୭୮,୨୮୬)

## ଅଧ୍ୟାୟ ୨୨

୭୬. ଅଲ୍ଲାଃ ଦେବଦୂତମାନଙ୍କ ମଧ୍ୟରୁ ଓ ଲୋକମାନଙ୍କ ମଧ୍ୟରୁ ନିଜର ରସୁଲମାନଙ୍କୁ ମନୋନୀତ କରନ୍ତି; ବାସ୍ତବିକ ଅଲ୍ଲାଃ (ପ୍ରାର୍ଥନାର) ଶ୍ରବଣକାରୀ ଓ (ପରିସ୍ଥିତିର) ଲକ୍ଷ୍ୟକାରୀ ।

(ଅଲ ହଜ: ୭୬)

اَللّٰهُ يَصۡطَفِىۡ مِنَ الۡمَلٰٓـئِكَةِ رُسُلًا وَّمِنَ النَّاسِ‌ ؕ اِنَّ اللّٰهَ سَمِيۡعٌۢ بَصِيۡرٌ‌ ۚ‏ ﴿۷۶﴾

୧୩୭. ହେ ବିଶ୍ୱାସକାରୀଗଣ ! ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ ଉପରେ ଓ ତାହାଙ୍କ ରସୁଲଙ୍କ ଉପରେ ଯେଉଁ (ଧର୍ମ) ଗ୍ରନ୍ଥ ଅବତୀର୍ଣ୍ଣ ହୋଇଅଛି ଏବଂ ଏହାଙ୍କ ପୂର୍ବରୁ ଯେଉଁ (ଧର୍ମ) ଗ୍ରନ୍ଥ ଅବତୀର୍ଣ୍ଣ ହୋଇଥିଲା ସେମାନଙ୍କ ଉପରେ ବିଶ୍ୱାସ ସ୍ଥାପନ କର, ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ, ତାହାଙ୍କ ଦେବଦୂତମାନଙ୍କୁ, ତାହାଙ୍କ ଗ୍ରନ୍ଥଗୁଡ଼ିକୁ, ତାହାଙ୍କ ରସୁଲମାନଙ୍କୁ ତଥା ଅନ୍ତିମ ଦିବସକୁ ଅସ୍ୱୀକାର କରେ (ତେବେ ଜାଣିରଖ ଯେ) ସେ ନିଶ୍ଚୟ ଅସତ୍ ପଥରେ ବିଭ୍ରାନ୍ତ ହୋଇ ବହୁଦୂର ଚାଲି ଯାଇଅଛି ।

(ଅଲ ନିସା: ୭୬, ୧୩୭)

يٰۤاَيُّهَا الَّذِيۡنَ اٰمَنُوۡۤا اٰمِنُوۡا بِاللّٰهِ وَرَسُوۡلِهٖ وَالۡكِتٰبِ الَّذِىۡ نَزَّلَ عَلٰى رَسُوۡلِهٖ وَالۡكِتٰبِ الَّذِىۡۤ اَنۡزَلَ مِنۡ قَبۡلُ‌ ؕ وَمَنۡ يَّكۡفُرۡ بِاللّٰهِ وَمَلٰٓـئِكَتِهٖ وَكُتُبِهٖ وَرُسُلِهٖ وَالۡيَوۡمِ الۡاٰخِرِ فَقَدۡ ضَلَّ ضَلٰلًاۢ بَعِيۡدًا ﴿۱۳۷﴾

# ପବିତ୍ର କୁରଆନ୍

ଇସଲାମ ଧର୍ମର ମହାନ ଅବତାରଙ୍କ ପ୍ରତି ଯେଉଁ ଗ୍ରନ୍ଥ ଅବତୀର୍ଣ୍ଣ ହୋଇଥିଲା, ଅଲ୍ଲାଃ ନିଜେ ସେହି ଗ୍ରନ୍ଥର ନାମ 'କୁରଆନ୍' ରଖିଛନ୍ତି । ଏଥିରେ ମାନବ ସମାଜ ପାଇଁ ଚୁଡ଼ାନ୍ତ ବିଧାନ ଅଛି । 'କୁରଆନ' ଶବ୍ଦର ଅର୍ଥ ଅଧ୍ୟୟନ ପାଇଁ ଉଦ୍ଦିଷ୍ଟ ଗ୍ରନ୍ଥ । ବସ୍ତୁତଃ ପୃଥିବୀରେ ବହୁଳ ଭାବରେ ପଠିତ ଗ୍ରନ୍ଥ ହେଉଛି 'କୁରଆନ୍' । ପୁନଶ୍ଚ ଏହି ଶବ୍ଦଟି ଏପରି ଏକ ଗ୍ରନ୍ଥ ବା ଏପରି ଏକ ବାର୍ତ୍ତାକୁ ବୁଝାଏ ଯାହା ପୃଥିବୀର ସବୁ ଜାତିର ଲୋକଙ୍କୁ ଜଣାଇବା ଏବଂ ଦେବା ପାଇଁ ଉଦ୍ଦିଷ୍ଟ । କୁରଆନ୍ ହେଉଛି ଏପରି ଏକମାତ୍ର ପ୍ରେରିତ ଗ୍ରନ୍ଥ ଯାହାର ବାର୍ତ୍ତାକୁ ପ୍ରଚ୍ଚର କରିବାରେ ଆଦୌ କୌଣସି କଟକଣା ନାହିଁ । ଅନ୍ୟାନ୍ୟ ସମସ୍ତ ଗ୍ରନ୍ଥ ଏକ ନିର୍ଦ୍ଦିଷ୍ଟ ସମୟ କିମ୍ବା ନିର୍ଦ୍ଦିଷ୍ଟ ଜାତିଙ୍କ ପାଇଁ ଉଦ୍ଦିଷ୍ଟ । କିନ୍ତୁ କୁରଆନ୍ ସବୁ ସମୟ ପାଇଁ ଓ ସବୁ ଜାତିଙ୍କ ପାଇଁ ଉଦ୍ଦିଷ୍ଟ । (୩୪ : ୨୯)

## ଅଧ୍ୟାୟ ୨

୨. 'ଅଲିଫ୍ ଲାମ୍ ମିମ୍' (ଅର୍ଥାତ୍ ଆମ୍ଭେ ଅଲ୍ଲାଃ, ସର୍ବଜ୍ଞ)

الٓمّٓ ۚ ﴿٢﴾

୩. ଏହା ଏକ ପରିପୂର୍ଣ୍ଣ ଗ୍ରନ୍ଥ ଯହିଁରେ କୌଣସି ସନ୍ଦେହ ନାହିଁ; ଏହା ଧର୍ମନିଷ୍ଠମାନଙ୍କୁ ସତ୍‌ପଥରେ ପରିଚାଳିତ କରେ ।

ذٰلِكَ الْكِتٰبُ لَا رَيْبَ ۛۚ فِيْهِ ۛۚ هُدًى لِّلْمُتَّقِيْنَ ﴿٣﴾

(ଅଲ ବକରା : ୨,୩)

## ଅଧ୍ୟାୟ ୫୬

୭୮. ବାସ୍ତବିକ ଏହି କୁରଆନ ଅତି ମହାନ ।

اِنَّهٗ لَقُرْاٰنٌ كَرِيْمٌ ﴿٧٨﴾

୭୯. ଏବଂ ଏହା ଏକ ସୁରକ୍ଷିତ ଗ୍ରନ୍ଥ ମଧ୍ୟରେ ରହିଅଛି ।

فِيْ كِتٰبٍ مَّكْنُوْنٍ ﴿٧٩﴾

(ଅଲ ୱାକେୟା : ୭୮,୭୯)

## ଅଧ୍ୟାୟ ୯୮

୪. ଯହିଁରେ ସ୍ଥାୟୀ ଆଦେଶାବଳୀ ରହିଥିବ ।

فِيْهَا كُتُبٌ قَيِّمَةٌ ﴿٤﴾

(ଅଲ ବୟିଏନାହ୍ : ୪)

## ଅଧ୍ୟାୟ ୩୯

୨୪. ଅଲ୍ଲାଃ ଉତ୍କୃଷ୍ଟରୁ ଉତ୍କୃଷ୍ଟ ବିଷୟ ଅର୍ଥାତ ସେହି ଗ୍ରନ୍ଥ ଅବତୀର୍ଣ୍ଣ କରିଛନ୍ତି, ଯାହାର (ପଙ୍‌କ୍ତିଗୁଡ଼ିକ ମଧ୍ୟରେ) ସାମଞ୍ଜସ୍ୟ ଅଛି ଏବଂ ତାହାର ବିଷୟବସ୍ତୁ ଅତ୍ୟନ୍ତ ଉଚ୍ଚକୋଟୀର । ଯେଉଁମାନେ ଏହାକୁ ଆବୃତ୍ତି କଲାବେଳେ ସେମାନଙ୍କ ଦେହର ଲୋମ ଟାଙ୍କୁରି ଉଠେ ଏବଂ ତାପରେ ସେମାନଙ୍କ ଚର୍ମ ଓ ହୃଦୟ କୋମଳ ହୋଇ ଅଲ୍ଲାଃଙ୍କ ସ୍ମରଣ ପ୍ରତି ଅବନତ

اَللّٰهُ نَزَّلَ اَحْسَنَ الْحَدِيْثِ كِتٰبًا مُّتَشَابِهًا مَّثَانِيَ ۖ تَقْشَعِرُّ مِنْهُ جُلُوْدُ الَّذِيْنَ يَخْشَوْنَ رَبَّهُمْ ۚ ثُمَّ تَلِيْنُ جُلُوْدُهُمْ وَقُلُوْبُهُمْ اِلٰى ذِكْرِ اللّٰهِ ۗ ذٰلِكَ هُدَى اللّٰهِ يَهْدِيْ

بِهٖ مَنْ يَّشَآءُ ؕ وَمَنْ يُّضْلِلِ اللّٰهُ فَمَا لَهٗ
مِنْ هَادٍ ﴿٢٤﴾

ହୋଇଯାଏ । ଏହା (ଅର୍ଥାତ୍ କୁରଆନ) ଅଲ୍ଲାଃଙ୍କର ପଥ ପ୍ରଦର୍ଶନ (ଅର୍ଥାତ କୁରଆନରେ ଯେଉଁ ପଥ ପ୍ରଦର୍ଶନ ରହିଅଛି, ତାହା ବାସ୍ତବରେ ଅଲ୍ଲାଃଙ୍କଠାରୁ ପ୍ରାପ୍ତ); ଏହାଦ୍ୱାରା ସେ ଯାହାକୁ ଇଚ୍ଛା ତାହାକୁ (ସତ୍) ପଥ ପ୍ରଦର୍ଶନ କରାନ୍ତି ଏବଂ ଅଲ୍ଲାଃ ଯାହାକୁ ପଥଭ୍ରଷ୍ଟ ସାବ୍ୟସ୍ତ କରାନ୍ତି, ତାହାକୁ କେହି (ସତ୍) ପଥ ପ୍ରଦର୍ଶନ କରାଇ ପାରିବ ନାହିଁ ।

(ଅଲ ଜୁମର : ୨୪)

## ଅଧ୍ୟାୟ ୪୩

حٰمٓ ﴿٢﴾

୨. ହା ମିମ୍ (ଅର୍ଥାତ୍ ପ୍ରଶଂସନୀୟ ଓ ଗୌରବମୟ ଅଲ୍ଲାଃଙ୍କ ତରଫରୁ ଏହି ଅଧ୍ୟାୟ ଅବତୀର୍ଣ୍ଣ ହୋଇଅଛି) ।

وَالْكِتٰبِ الْمُبِيْنِ ﴿٣﴾ ۙ

معانقة ۱۱
عند المتقدمين

୩. ଆମ୍ଭେ ଏହି (ଧର୍ମ) ଗ୍ରନ୍ଥ ନାମରେ ଶପଥ ପୂର୍ବକ କହୁଅଛୁଁ (ଅର୍ଥାତ୍ ଏହାକୁ ପ୍ରମାଣ ସ୍ୱରୂପ ଉପସ୍ଥାପିତ କରୁଅଛୁଁ) ଯହିଁରେ ବିଷୟବସ୍ତୁ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଅଛି ।

اِنَّا جَعَلْنٰهُ قُرْءٰنًا عَرَبِيًّا لَّعَلَّكُمْ
تَعْقِلُوْنَ ﴿٤﴾ ۚ

୪. ଆମ୍ଭେ ଏହି (ଧର୍ମ) ଗ୍ରନ୍ଥକୁ କୁରଆନ ରୂପେ ଏପରି ରଚନା କରିଅଛୁ ଯାହା ଆରବୀ (ଭାଷା) ଯଦ୍ୱାରା ତୁମେମାନେ (ସହଜରେ) ବୁଝି ପାରିବ ।

وَاِنَّهٗ فِيْٓ اُمِّ الْكِتٰبِ لَدَيْنَا لَعَلِيٌّ
حَكِيْمٌ ﴿٥﴾ ؕ

୫. ଏବଂ ଏହା (ଅର୍ଥାତ କୁରଆନ ଧର୍ମ) ଗ୍ରନ୍ଥମାନଙ୍କର ଜନନୀ ସଦୃଶ ଓ ତାହା ଆମ ନିକଟରେ ଅତ୍ୟନ୍ତ ମହାନ ଓ ତତ୍ତ୍ୱ ସମ୍ବଳିତ ପୁସ୍ତକ ।

(ଅଲ ଜୁଖରୁଫ୍ : ୨-୫)

# ଅଧ୍ୟାୟ ୩୩

اِنَّا عَرَضْنَا الْاَمَانَةَ عَلَى السَّمٰوٰتِ
وَالْاَرْضِ وَالْجِبَالِ فَاَبَيْنَ اَنْ يَّحْمِلْنَهَا
وَاَشْفَقْنَ مِنْهَا وَحَمَلَهَا الْاِنْسَانُ ؕ اِنَّهٗ
كَانَ ظَلُوْمًا جَهُوْلًا ۙ﴿۷۳﴾

୭୩. ଆମ୍ଭେ (ଶରିୟତ ଅର୍ଥାତ ଆଧ୍ୟାତ୍ମିକ ବିଧାନ ବିଷୟକ) ଏହି ନ୍ୟାସକୁ ଆକାଶ, ପୃଥିବୀ ଓ ପର୍ବତ ନିକଟରେ ପେସ୍ କରିଥିଲୁଁ । କିନ୍ତୁ ସେମାନେ ଏହାକୁ ବହନ କରିବାକୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ଏହାକୁ ଭୟ କରିଥିଲେ । କିନ୍ତୁ ମନୁଷ୍ୟ ଏହାକୁ ବହନ କରିଥିଲା; ସେ ବାସ୍ତବରେ (ନିଜ ପ୍ରତି) ଅତ୍ୟାଚାରୀ ହେଲା ଓ ଏହାର ପରିଣାମ ସକ୍ରାନ୍ତରେ ଅମନୋଯୋଗୀ ଥିଲା ।

لِّيُعَذِّبَ اللّٰهُ الْمُنٰفِقِيْنَ وَالْمُنٰفِقٰتِ
وَالْمُشْرِكِيْنَ وَالْمُشْرِكٰتِ وَيَتُوْبَ اللّٰهُ
عَلَى الْمُؤْمِنِيْنَ وَالْمُؤْمِنٰتِ ؕ وَكَانَ اللّٰهُ
غَفُوْرًا رَّحِيْمًا ﴿۷۴﴾

୭୪. ପରିଣାମରେ କପଟ ବିଶ୍ୱାସୀ ପୁରୁଷ ଓ କପଟ ବିଶ୍ୱାସିନୀ ମହିଳା ଏବଂ ଏହି ମୁସରିକ ପୁରୁଷ ଓ ମୁସରିକ ମହିଳାମାନଙ୍କୁ ଅଲ୍ଲାଃ ଶାସ୍ତି ପ୍ରଦାନ କରିଛନ୍ତି ଓ ବିଶ୍ୱାସକାରୀ ପୁରୁଷ ଓ ବିଶ୍ୱାସକାରୀ ମହିଳାମାନଙ୍କ ପ୍ରତି କୃପା କରିଛନ୍ତି; ଏବଂ ଅଲ୍ଲାଃ ହିଁ ପରମ କ୍ଷମାଶୀଳ ଓ କରୁଣାମୟ ।

(ଅଲ ଅହଜାବ୍ : ୭୩,୭୪)

# ଅଧ୍ୟାୟ ୧୭

قُلْ لَّئِنِ اجْتَمَعَتِ الْاِنْسُ وَالْجِنُّ عَلٰٓى
اَنْ يَّاْتُوْا بِمِثْلِ هٰذَا الْقُرْاٰنِ لَا يَاْتُوْنَ
بِمِثْلِهٖ وَلَوْ كَانَ بَعْضُهُمْ لِبَعْضٍ
ظَهِيْرًا ﴿۸۹﴾

୮୯. ତୁମ୍ଭେ (ସେମାନଙ୍କୁ) କୁହ "ଯଦି ସମସ୍ତ ମାନବ ଓ ଜୀନ୍ ଏହି ପବିତ୍ର କୁରଆନର ଅନୁରୂପ (ଗ୍ରନ୍ଥ) ଆଣିବାକୁ ଏକତ୍ରିତ ହୁଅନ୍ତି ଓ ସେମାନେ ପରସ୍ପରକୁ ସାହାଯ୍ୟ କରନ୍ତି ତଥାପି ସେମାନେ ଏହାର ଅନୁରୂପ ଆଣିପାରିବେ ନାହିଁ ।

وَلَقَدْ صَرَّفْنَا لِلنَّاسِ فِيْ هٰذَا الْقُرْاٰنِ
مِنْ كُلِّ مَثَلٍ ؗ فَاَبٰٓى اَكْثَرُ النَّاسِ
اِلَّا كُفُوْرًا ﴿۹۰﴾

୯୦. ଏବଂ ଆମ୍ଭେ ଏହି ପବିତ୍ର କୁରଆନରେ ବାସ୍ତବିକ ପ୍ରତ୍ୟେକ (ଆବଶ୍ୟକ) ବିଷୟକୁ ବିଭିନ୍ନ ପ୍ରଣାଳୀରେ ବର୍ଣ୍ଣନା କରିଅଛୁଁ । ତଥାପି ଅଧିକାଂଶ ଲୋକ ଏ ସକ୍ରାନ୍ତରେ ଅବଜ୍ଞା (ମୂଳକ ପନ୍ଥା ଗ୍ରହଣ) କରି ପ୍ରତ୍ୟେକ ବିଷୟକୁ ପ୍ରତ୍ୟାଖ୍ୟାନ କରିଥାନ୍ତି ।

(ବନି ଇସ୍ରାଇଲ : ୮୯,୯୦)

## ଅଧ୍ୟାୟ ୧୧

اَفَمَنۡ کَانَ عَلٰی بَیِّنَۃٍ مِّنۡ رَّبِّہٖ وَ یَتۡلُوۡہُ شَاہِدٌ مِّنۡہُ وَ مِنۡ قَبۡلِہٖ کِتٰبُ مُوۡسٰۤی اِمَامًا وَّ رَحۡمَۃً ؕ اُولٰٓئِکَ یُؤۡمِنُوۡنَ بِہٖ ؕ وَ مَنۡ یَّکۡفُرۡ بِہٖ مِنَ الۡاَحۡزَابِ فَالنَّارُ مَوۡعِدُہٗ ۚ فَلَا تَکُ فِیۡ مِرۡیَۃٍ مِّنۡہُ ٭ اِنَّہُ الۡحَقُّ مِنۡ رَّبِّکَ وَ لٰکِنَّ اَکۡثَرَ النَّاسِ لَا یُؤۡمِنُوۡنَ ﴿۱۸﴾

୧୮. ତାହାହେଲେ କ'ଣ ସେଭଳି ବ୍ୟକ୍ତି (ମିଥ୍ୟା ଦାବିଦାର ସଦୃଶ ହୋଇପାରେ) ଯେ ନିଜ ପାଳନକର୍ତ୍ତାଙ୍କ ଠାରୁ ଆସିଥିବା ସ୍ୱଷ୍ଟ ପ୍ରମାଣ ଉପରେ (ପ୍ରତିଷ୍ଠିତ) ଅଛି ଏବଂ ଯାହାଙ୍କ ପରେ ତାହାଙ୍କ ନିକଟକୁ (ତାହାଙ୍କର ଆଜ୍ଞା ପାଳନକାରୀ ହୋଇ) ଜଣେ ସାକ୍ଷୀ ଆସିବେ ଏବଂ ତାହା ପୂର୍ବରୁ ମୁସାଙ୍କ (ଧର୍ମ) ଗ୍ରନ୍ଥ ମଧ୍ୟ ଆସିଅଛି (ଯାହା ସେହି ଗ୍ରନ୍ଥକୁ ସମର୍ଥନ କରୁଅଛି ଏବଂ) ଯାହା ଲୋକମାନଙ୍କ ପାଇଁ ଏକ ପଥ ପ୍ରଦର୍ଶକ ତଥା କୃପା ସ୍ୱରୂପ ଥିଲା । ସେମାନେ (ଅର୍ଥାତ ମୁସାଙ୍କ ପ୍ରକୃତ ଆଜ୍ଞାବହମାନେ) ସେଥିରେ (ଦିନେ ନା ଦିନେ) ନିଶ୍ଚୟ ବିଶ୍ୱାସ ସ୍ଥାପନ କରିବେ ଏବଂ ଏହି ବିରୋଧୀ ଗୋଷ୍ଠୀମାନଙ୍କ ମଧ୍ୟରୁ ଯେଉଁମାନେ ଅମାନ୍ୟ କରିଥିବେ, ନରକ ସେମାନଙ୍କ ଅଙ୍ଗୀକୃତ ବାସସ୍ଥାନ ହେବ । ଅତଏବ (ତୁମେମାନେ) ଏ ସକ୍ରାନ୍ତରେ କୌଣସି ସନ୍ଦେହ କରନାହିଁ; ବାସ୍ତବିକ ତାହା ହିଁ ତୁମମାନଙ୍କ ପାଳନକର୍ତ୍ତାଙ୍କଠାରୁ (ପ୍ରେରିତ) ସତ୍ୟ, କିନ୍ତୁ ଅଧିକାଂଶ ଲୋକ ବିଶ୍ୱାସ ସ୍ଥାପନ କରନ୍ତି ନାହିଁ ।

(ହୁଦ୍ : ୧୮)

## ଅଧ୍ୟାୟ ୬

وَ ہٰذَا کِتٰبٌ اَنۡزَلۡنٰہُ مُبٰرَکٌ مُّصَدِّقُ الَّذِیۡ بَیۡنَ یَدَیۡہِ وَ لِتُنۡذِرَ اُمَّ الۡقُرٰی

୯୩. ଏବଂ ଏହା (ଅର୍ଥାତ ପବିତ୍ର କୁରଆନ୍) ଏକ (ମହାନ) ଗ୍ରନ୍ଥ, ଯାହାକୁ ଆମ୍ଭେ ଅବତୀର୍ଣ୍ଣ କରିଅଛୁଁ ଏବଂ ଏହା ଆଶୀର୍ବାଦ ପୂର୍ଣ୍ଣ । (ଏବଂ) ଏହା ପୂର୍ବବର୍ତ୍ତୀ ବାଣୀକୁ ପରିପୂର୍ଣ୍ଣ କରେ; (ଏବଂ ଆମ୍ଭେ ଏହାକୁ ଏଥି ସକାଶେ ଅବତୀର୍ଣ୍ଣ କରିଅଛୁଁ ଯେ ଏହାଦ୍ୱାରା ତୁମ୍ଭେ ଲୋକମାନଙ୍କୁ ପଥ

وَمَنْ حَوْلَهَا

ପ୍ରଦର୍ଶନ କରାଇବ); ଯଦ୍ଦ୍ୱାରା ତୁମ୍ଭେ ମକ୍କାବାସୀମାନଙ୍କୁ ଏବଂ ତାହାର ଆଖପାଖରେ ରହୁଥିବା ଲୋକମାନଙ୍କୁ ଭୟ ପ୍ରଦର୍ଶନ କରାଇବ ।

(ଅଲ ଅନଆମ: ୯୩)

## ଅଧ୍ୟାୟ ୫

اَلْيَوْمَ اَكْمَلْتُ لَكُمْ دِيْنَكُمْ وَاَتْمَمْتُ عَلَيْكُمْ نِعْمَتِيْ وَرَضِيْتُ لَكُمُ الْاِسْلَامَ دِيْنًا

୪. ... ଆଜି ଆମ୍ଭେ ତୁମ୍ଭମାନଙ୍କ (କଲ୍ୟାଣ) ସକାଶେ ତୁମମାନଙ୍କ ଧର୍ମକୁ ପୂର୍ଣ୍ଣତା ପ୍ରଦାନ କରିଅଛୁଁ ଓ ତୁମ୍ଭମାନଙ୍କ ପ୍ରତି ଆମ୍ଭର ଅନୁଗ୍ରହକୁ ସମ୍ପୂର୍ଣ୍ଣ କରିଅଛୁଁ ଏବଂ ତୁମମାନଙ୍କ ସକାଶେ 'ଇସଲାମ'କୁ ଧର୍ମ ରୂପେ ପସନ୍ଦ କରିଅଛୁଁ... ।

(ଅଲ ମାଏଦା : ୪)

## ଅଧ୍ୟାୟ ୬

وَهٰذَا كِتٰبٌ اَنْزَلْنٰهُ مُبٰرَكٌ فَاتَّبِعُوْهُ وَاتَّقُوْا لَعَلَّكُمْ تُرْحَمُوْنَ ﴿١٥٦﴾

୧୫୬. ଏବଂ ଆଶୀର୍ବାଦରେ ପରିପୂର୍ଣ୍ଣ ଏହି (ପବିତ୍ର କୁରଆନ୍) ଗ୍ରନ୍ଥକୁ ଆମ୍ଭେ ଅବତୀର୍ଣ୍ଣ କରିଅଛୁଁ; ସୁତରାଂ ଏହାକୁ ଅନୁସରଣ କର; ଏବଂ ଧର୍ମ ପରାୟଣ ହୁଅ ଯେପରିକି ତୁମମାନଙ୍କ ପ୍ରତି କରୁଣା ପ୍ରଦର୍ଶିତ ହେବ ।

(ଅଲ ଅନଆମ୍ : ୧୫୬)

## ଅଧ୍ୟାୟ ୧୭

وَنُنَزِّلُ مِنَ الْقُرْاٰنِ مَا هُوَ شِفَآءٌ وَّرَحْمَةٌ لِّلْمُؤْمِنِيْنَ ۙ وَلَا يَزِيْدُ الظّٰلِمِيْنَ اِلَّا خَسَارًا ﴿٨٣﴾

୮୩. ଏବଂ ଆମ୍ଭେ ପବିତ୍ର କୁରଆନ୍‌ରୁ (କ୍ରମେ କ୍ରମେ) ଏପରି (ଶିକ୍ଷା) ଅବତୀର୍ଣ୍ଣ କରିଅଛୁଁ, ଯାହା ବିଶ୍ୱାସକାରୀମାନଙ୍କ ସକାଶେ ଆରୋଗ୍ୟକାରୀ ଓ କରୁଣାମୟ ଅଟେ ଏବଂ ଏହା ଅତ୍ୟାଚାରୀମାନଙ୍କୁ କେବଳ ଅଧିକ କ୍ଷତିଗ୍ରସ୍ତ କରାଇଥାଏ ।

(ବନି ଇସ୍ରାଇଲ : ୮୩)

# ଅବତାର

ଅଲ୍ଲାଃ ପ୍ରତ୍ୟେକ ଜାତିକୁ ମାର୍ଗ ପ୍ରଦର୍ଶନ କରାଇଥିବା ବିଷୟକୁ ପବିତ୍ର କୁରଆନ୍ ଦୃଢ଼ ଭାବରେ ସମର୍ଥନ କରୁଅଛି । ସୁତରାଂ ପ୍ରତ୍ୟେକ ଅବତାର (ନବୀ ବା ରସୁଲ)ଙ୍କର ସତ୍ୟବାଦିତା ଓ ନିଷ୍ଠାପରତା ବିଷୟକୁ ମଧ୍ୟ ଏହା ସମର୍ଥନ କରୁଛି । ଅଲ୍ଲାଃଙ୍କ ନିକଟକୁ ମାର୍ଗ ପ୍ରଦର୍ଶନ କରାଇବା ପାଇଁ ଇତିହାସ ବର୍ଣ୍ଣିତ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ଲୋକମାନଙ୍କ ପାଖକୁ ଅବତାରମାନଙ୍କୁ ପଠାଯାଇଛି । ସେହି ପବିତ୍ର ଅବତାର ଅନ୍ତିମ ବିଧାନବାହୀ ଅବତାର ଥିଲେ । ସୁତରାଂ ଇସଲାମ ଧର୍ମର ବାର୍ତ୍ତା ସମସ୍ତ ପୂର୍ବବର୍ତ୍ତୀ ଧର୍ମଗ୍ରନ୍ଥକୁ ଏହିପରି ଭାବରେ ପରିବେଷ୍ଟିତ କରେ ଓ ରଦ୍ଦ କରେ । ଅବତାର ପଦ ଜାରି ରହିଛି, କିନ୍ତୁ ତାହା କେବଳ ଇସଲାମ ଧର୍ମ ଭିତରେ । ସେହି ପବିତ୍ର ଅବତାରଙ୍କର ଆଲୋକକୁ ପ୍ରତିଫଳିତ କରିବା ପାଇଁ ଅବତାରମାନେ ଆସୁଛନ୍ତି ସତ, କିନ୍ତୁ ନୂତନ ବିଧାନ ଆଣୁ ନାହାନ୍ତି ।

ପବିତ୍ର କୁରଆନରେ ଯେ ଅବତାରବାଦର ଆସ୍ତିକ ଦିଗଟିର ବର୍ଣ୍ଣନା ରହିଛି ତା ନୁହେଁ, ସମସ୍ତ ଅବତାରଙ୍କ ବିରୁଦ୍ଧରେ ଛିଡ଼ା କରାଯାଇଥିବା ବିରୋଧୀ ଶକ୍ତିର ଚରିତ୍ର ଚିତ୍ରଣ ମଧ୍ୟ କରାଯାଇଛି । କୁରଆନ୍ ବର୍ଣ୍ଣିତ ଫିରଔନ ହେଉଛି ପ୍ରତ୍ୟେକ ଅବତାର ବିରୋଧୀ ଶକ୍ତିର ପ୍ରତୀକ ।

## ଅଧ୍ୟାୟ ୨୨

୭୬. ଅଲ୍ଲାଃ ଦେବଦୂତମାନଙ୍କ ମଧ୍ୟରୁ ଓ ଲୋକ ମାନଙ୍କ ମଧ୍ୟରୁ ନିଜର ରସୁଲ ମନୋନୀତ କରନ୍ତି । ବାସ୍ତବିକ ଅଲ୍ଲାଃ (ପ୍ରାର୍ଥନାର) ଶ୍ରବଣକାରୀ ଓ (ପରିସ୍ଥିତିର) ଲକ୍ଷ୍ୟକାରୀ ।

(ଅଲ ହଜ୍ : ୭୬)

اَللّٰهُ يَصۡطَفِىۡ مِنَ الۡمَلٰٓـئِكَةِ رُسُلًا وَّمِنَ النَّاسِ ؕ اِنَّ اللّٰهَ سَمِيۡعٌۢ بَصِيۡرٌ ۚ‏ ۝٧٦

## ଅଧ୍ୟାୟ ୧୬

୩୭. ଏବଂ ବାସ୍ତବରେ ଆମ୍ଭେ ପ୍ରତ୍ୟେକ ଜାତିରେ (ଏହି ଆଦେଶ ସହିତ କୌଣସି ନା କୌଣସି) ରସୁଲ ପ୍ରେରଣ କରିଅଛୁଁ ଯେ (ହେ ଲୋକମାନେ) ! ତୁମେମାନେ ଅଲ୍ଲାଃଙ୍କର ଉପାସନା କର ଓ ପ୍ରତ୍ୟେକ ସୀମା ଲଂଘନକାରୀ ଠାରୁ ନିଜକୁ ଦୂରେଇ ରଖ; ଏହାପରେ ସେମାନଙ୍କ ମଧ୍ୟରୁ କେତେକ ଏପରି (ଉତ୍ତମ ସାବ୍ୟସ୍ତ) ହେଲେ ଯେ ସେମାନଙ୍କୁ ଅଲ୍ଲାଃ ସୁପଥ ପ୍ରଦର୍ଶନ କରାଇ ଥିଲେ ଓ ସେମାନଙ୍କ ମଧ୍ୟରୁ କେତେକ ଏପରି ହେଲେ ଯେଉଁମାନଙ୍କ ପ୍ରତି ବିନାଶ ସାବ୍ୟସ୍ତ ହୋଇଥିଲା । ସୁତରାଂ ତୁମେମାନେ ପୃଥିବୀରେ ଭ୍ରମଣ କରି ଦେଖ ଯେ(ରସୁଲମାନଙ୍କ ପ୍ରତି) ମିଥ୍ୟା ଆରୋପ କରିଥିବା ବ୍ୟକ୍ତିମାନଙ୍କର ପରିଣାମ କିପରି ହୋଇଥିଲା ।

(ଅଲ ନହଲ : ୩୭)

وَلَقَدۡ بَعَثۡنَا فِىۡ كُلِّ اُمَّةٍ رَّسُوۡلًا اَنِ اعۡبُدُوا اللّٰهَ وَاجۡتَنِبُوا الطَّاغُوۡتَ‌ ۚ فَمِنۡهُمۡ مَّنۡ هَدَى اللّٰهُ وَمِنۡهُمۡ مَّنۡ حَقَّتۡ عَلَيۡهِ الضَّلٰلَةُ‌ ؕ فَسِيۡرُوۡا فِى الۡاَرۡضِ فَانْظُرُوۡا كَيۡفَ كَانَ عَاقِبَةُ الۡمُكَذِّبِيۡنَ‏ ۝٣٧

## ଅଧ୍ୟାୟ ୨

୩୧. ଏବଂ (ହେ ମାନବ ! ସେ ସମୟକୁ ସ୍ମରଣ କର) ଯେତେବେଳେ ତୁମ୍ଭର ପାଳନକର୍ତ୍ତା ଦେବଦୂତମାନଙ୍କୁ କହିଲେ "ଆମ୍ଭେ ପୃଥିବୀରେ

وَاِذۡ قَالَ رَبُّكَ لِلۡمَلٰٓـئِكَةِ اِنِّىۡ جَاعِلٌ فِى الۡاَرۡضِ خَلِيۡفَةً ‌ؕ قَالُوۡٓا اَتَجۡعَلُ فِيۡهَا

مَنْ يُّفْسِدُ فِيْهَا وَ يَسْفِكُ الدِّمَآءَ ۚ
وَنَحْنُ نُسَبِّحُ بِحَمْدِكَ وَنُقَدِّسُ لَكَ ۗ
قَالَ اِنِّيْٓ اَعْلَمُ مَا لَا تَعْلَمُوْنَ ﴿٣١﴾

ଜଣେ ପ୍ରତିନିଧି ନିଯୁକ୍ତ କରିବାକୁ ଯାଉଅଛୁଁ"; ସେମାନେ କହିଲେ "କ'ଣ ତୁମ୍ଭେ ସେଠାରେ ଏପରି (ବ୍ୟକ୍ତିମାନଙ୍କୁ) ସୃଷ୍ଟି କରିବ ଯେଉଁମାନେ ବିଶୃଙ୍ଖଳା ଓ ରକ୍ତପାତ କରିବେ ? ଏବଂ ଆମେମାନେ ତୁମ୍ଭର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ତୁମ୍ଭର ଗୁଣଗାନ କରୁଅଛୁଁ ଏବଂ ତୁମ୍ଭଠାରେ ସମସ୍ତ ମହାନତା ଥିବାର ସ୍ୱୀକାର କରୁଅଛୁଁ"; ଅଲ୍ଲାଃ କହିଲେ "ତୁମେମାନେ ଯାହା ଜାଣ ନାହିଁ ଆମ୍ଭେ ତାହା ନିଶ୍ଚୟ ଜାଣୁ" ।

(ଅଲ ବକରା : ୩୧)

## ଅଧ୍ୟାୟ ୪

اِنَّآ اَوْحَيْنَآ اِلَيْكَ كَمَآ اَوْحَيْنَآ اِلٰى نُوْحٍ
وَّالنَّبِيّٖنَ مِنْۢ بَعْدِهٖ ۚ وَاَوْحَيْنَآ اِلٰٓى
اِبْرٰهِيْمَ وَاِسْمٰعِيْلَ وَاِسْحٰقَ وَيَعْقُوْبَ
وَالْاَسْبَاطِ وَعِيْسٰى وَاَيُّوْبَ وَيُوْنُسَ
وَهٰرُوْنَ وَسُلَيْمٰنَ ۚ وَاٰتَيْنَا دَاوٗدَ زَبُوْرًا ﴿١٦٤﴾

୧୬୪. ଆମ୍ଭେ ନୁହ ଓ ତାହାଙ୍କ ପରବର୍ତ୍ତୀ ସମସ୍ତ ରସୁଲଙ୍କ ପ୍ରତି ଯେପରି ଓହି ପ୍ରେରଣ କରିଥିଲୁ ତୁମପ୍ରତି ମଧ୍ୟ ନିଶ୍ଚୟ ସେହିପରି ଓହି ପ୍ରେରଣ କରିଅଛୁଁ ଏବଂ ଆମ୍ଭେ ଇବ୍ରାହିମ ଓ ଇସମାଇଲ ଓ ଇସହାକ ଓ ୟାକୁବ ଓ (ତାଙ୍କର) ସନ୍ତାନମାନଙ୍କ ପ୍ରତି ଏବଂ ଇସା ଓ ଅୟୁବ ଓ ୟୁନୁସ ଓ ହାରୁନ ଓ ସୋଲେମାନଙ୍କ ପ୍ରତି (ମଧ୍ୟ) ଓହି ପ୍ରେରଣ କରିଅଛୁଁ ଏବଂ ଆମ୍ଭେ ଦାଉଦଙ୍କୁ ଜବୁର (ଧର୍ମଗ୍ରନ୍ଥ) ପ୍ରଦାନ କରିଅଛୁଁ ।

وَرُسُلًا قَدْ قَصَصْنٰهُمْ عَلَيْكَ مِنْ قَبْلُ
وَرُسُلًا لَّمْ نَقْصُصْهُمْ عَلَيْكَ ۗ وَكَلَّمَ اللّٰهُ
مُوْسٰى تَكْلِيْمًا ﴿١٦٥﴾

୧୬୫ ଏବଂ ଆମ୍ଭେ ତୁମ ନିକଟରେ ଏହା ପୂର୍ବରୁ କେତେକ ରସୁଲଙ୍କ ସକ୍ରାନ୍ତରେ ବର୍ଣ୍ଣନା କରିଅଛୁଁ ଏବଂ ତୁମ୍ଭ ନିକଟରେ ଅନ୍ୟ କେତେକଙ୍କ ସକ୍ରାନ୍ତରେ ବର୍ଣ୍ଣନା କରିନାହୁଁ; ଏବଂ ଅଲ୍ଲାଃ ମୁସାଙ୍କ ସହିତ ଭଲ ଭାବରେ କଥାବାର୍ତ୍ତା କରିଥିଲେ ।

(ଅଲ ନିସା : ୧୬୪-୧୬୫)

## ଅଧ୍ୟାୟ ୨

୧୨୫. ଏବଂ (ସେହି ସମୟକୁ ମଧ୍ୟ ସ୍ମରଣ କର) ଯେତେବେଳେ ଇବ୍ରାହିମଙ୍କର ପାଳନକର୍ତ୍ତା ତାହାଙ୍କୁ କେତେକ ଆଦେଶ ମାଧ୍ୟମରେ ପରୀକ୍ଷା କରିଥିଲେ ଯାହାକୁ କି ସେ ପାଳନ କରିଥିଲେ; (ତାପରେ ଅଲ୍ଲାଃ) କହିଲେ "ଆମ୍ଭେ ତୁମ୍ଭଙ୍କୁ ନିଶ୍ଚୟ ଲୋକମାନଙ୍କର ଦଳପତି କରିବୁ; (ଇବ୍ରାହିମ) କହିଲେ "ଏବଂ ଆମର ସନ୍ତାନମାନଙ୍କ ଭିତରୁ ମଧ୍ୟ (ଦଳପତି ନିଯୁକ୍ତ କର)"; (ଅଲ୍ଲାଃ) କହିଲେ "(ଆଚ୍ଛା କିନ୍ତୁ) ଆମ୍ଭର ପ୍ରତିଶ୍ରୁତି ଅତ୍ୟାଚାରୀମାନଙ୍କ ପ୍ରତି ଲାଗୁ ହେବ ନାହିଁ ।"

وَاِذِ ابۡتَلٰۤى اِبۡرٰهٖمَ رَبُّهٗ بِكَلِمٰتٍ فَاَتَمَّهُنَّ ؕ قَالَ اِنِّىۡ جَاعِلُكَ لِلنَّاسِ اِمَامًا ؕ قَالَ وَمِنۡ ذُرِّيَّتِىۡ ؕ قَالَ لَا يَنَالُ عَهۡدِى الظّٰلِمِيۡنَ ۝١٢٥

୮୮. ଏବଂ ଆମ୍ଭେ ନିଶ୍ଚୟ ମୁସାଙ୍କୁ (ଧର୍ମ)ଗ୍ରନ୍ଥ ଦେଇଥିଲୁଁ ଓ ତାଙ୍କ ପରେ ସେହି ରସୁଲମାନଙ୍କୁ (ଯାହାଙ୍କୁ ତୁମ୍ଭେ ଜାଣ ତାଙ୍କ ପରେ) ପ୍ରେରିତ କରିଥିଲୁଁ ଓ ମରିୟମ ନନ୍ଦନ ଇସାଙ୍କୁ (ମଧ୍ୟ) ଆମ୍ଭେ ସୁସ୍ପଷ୍ଟ ପ୍ରମାଣମାନ ଦେଇଥିଲୁଁ ଏବଂ ପବିତ୍ର ଆତ୍ମା ଦ୍ୱାରା ତାହାଙ୍କୁ ବଳବାନ କରିଥିଲୁଁ (ମାତ୍ର ତୁମେମାନେ ସେମାନଙ୍କର ବିରୁଦ୍ଧାଚରଣ କରିଥିଲ); ତାହାହେଲେ (ବର୍ତ୍ତମାନ କୁହ, ଏକଥା ଅସମୀଚୀନ ନୁହେଁ କି) ଯେତେବେଳେ କୌଣସି ରସୁଲ ତୁମମାନଙ୍କ ନିକଟକୁ ତୁମମାନଙ୍କ ଇଚ୍ଛା ବିରୁଦ୍ଧରେ କିଛି (ଶିକ୍ଷା) ନେଇ ଆସିଥିଲେ, ସେତେବେଳେ ତୁମେମାନେ ଅହଙ୍କାର କରିଥିଲ; ସୁତରାଂ ତୁମେମାନେ କେତେକଙ୍କୁ ମିଥ୍ୟାବାଦୀ ମନେ କରିଥିଲ ଓ ଅନ୍ୟ କେତେକଙ୍କୁ ହତ୍ୟା କରିଥିଲ ।

وَلَقَدۡ اٰتَيۡنَا مُوۡسَى الۡكِتٰبَ وَقَفَّيۡنَا مِنۡۢ بَعۡدِهٖ بِالرُّسُلِ ۡ وَاٰتَيۡنَا عِيۡسَى ابۡنَ مَرۡيَمَ الۡبَيِّنٰتِ وَاَيَّدۡنٰهُ بِرُوۡحِ الۡقُدُسِ ؕ اَفَكُلَّمَا جَآءَكُمۡ رَسُوۡلٌۢ بِمَا لَا تَهۡوٰٓى اَنۡفُسُكُمُ اسۡتَكۡبَرۡتُمۡ ۚ فَفَرِيۡقًا كَذَّبۡتُمۡ ۡ وَفَرِيۡقًا تَقۡتُلُوۡنَ ۝٨٨

(ଅଲ ବକରା : ୧୨୫, ୮୮)

## ଅଧ୍ୟାୟ ୧୦

୯୧. ଏବଂ ଆମ୍ଭେ ଇସ୍ରାଇଲୀୟ ସନ୍ତାନମାନଙ୍କୁ ସମୁଦ୍ର ପାର କରାଇଥିଲୁ । କିନ୍ତୁ ଫିରଔନ ଓ ତାହାର ସୈନ୍ୟବାହିନୀ ଦୌରାତ୍ମ୍ୟ ଓ ଅତ୍ୟାଚାର (ପନ୍ଥା ଅବଲମ୍ବନ) କରି ସେମାନଙ୍କର ଅନୁଧାବନ କରିଥିଲେ । ଏପରିକି ଯେତେବେଳେ ସେ (ଓ ତାହାର ସୈନ୍ୟବାହିନୀ) ଜଳମଗ୍ନ ହେବା ଉପଲବ୍ଧି କଲେ, ସେତେବେଳେ ସେ କହିଲା ଯେ ଯାହାଙ୍କ ପ୍ରତି ଇସ୍ରାଇଲୀୟ ସନ୍ତାନମାନେ ବିଶ୍ୱାସ କରିଥାନ୍ତି, ମୁଁ ମଧ୍ୟ ତାହାଙ୍କ ଉପରେ ବିଶ୍ୱାସ କରୁଅଛି ଯେ ତାହାଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନାହିଁ ଏବଂ ମୁଁ ଆଜ୍ଞା ପାଳନକାରୀମାନଙ୍କ ମଧ୍ୟରେ (ଅନ୍ତର୍ଭୁକ୍ତ ହେଉ) ଅଛି ।

وَجٰوَزۡنَا بِبَنِیۡۤ اِسۡرَآءِیۡلَ الۡبَحۡرَ فَاَتۡبَعَهُمۡ فِرۡعَوۡنُ وَجُنُوۡدُهٗ بَغۡیًا وَّعَدۡوًا ؕ حَتّٰۤی اِذَاۤ اَدۡرَکَهُ الۡغَرَقُ ۙ قَالَ اٰمَنۡتُ اَنَّهٗ لَاۤ اِلٰهَ اِلَّا الَّذِیۡۤ اٰمَنَتۡ بِهٖ بَنُوۡۤا اِسۡرَآءِیۡلَ وَاَنَا مِنَ الۡمُسۡلِمِیۡنَ ﴿۹۱﴾

୯୨. (ଅଲ୍ଲାଃ କହିଲେ) "କଣ ବର୍ତ୍ତମାନ (ତୁ ବିଶ୍ୱାସ କରୁଅଛୁ) ଅଥଚ ଏହା ପୂର୍ବରୁ ତୁ ଅବଜ୍ଞା କରିଥିଲୁ ଓ ବିଶୃଙ୍ଖଳାକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲୁ ।"

آٰلۡـٰٔنَ وَقَدۡ عَصَیۡتَ قَبۡلُ وَکُنۡتَ مِنَ الۡمُفۡسِدِیۡنَ ﴿۹۲﴾

୯୩. ସୁତରାଂ ଆଜି ଆମ୍ଭେ ତୋର (ମୃତ) ଶରୀର (ସଂରକ୍ଷିତ କରି ତାହା) ଦ୍ୱାରା ତୋତେ (ଆଂଶିକ) ମୁକ୍ତି ପ୍ରଦାନ କରୁଅଛୁ, ଯଦ୍ୱାରାକି ଯେଉଁମାନେ ତୋ ପରେ ଆସିବେ ସେମାନଙ୍କ ପାଇଁ ତୁ ଏକ ନିଦର୍ଶନ ସ୍ୱରୂପ ହେବୁ । ଏବଂ ଲୋକମାନଙ୍କ ମଧ୍ୟରୁ ଅନେକ ଆମ୍ଭର ନିଦର୍ଶନ ଗୁଡିକ ସଂକ୍ରାନ୍ତରେ ନିଃସନ୍ଦେହରେ ଅଜ୍ଞ ଅଛନ୍ତି ।

(ୟୁନୁସ : ୯୧-୯୩)

فَالۡیَوۡمَ نُنَجِّیۡکَ بِبَدَنِکَ لِتَکُوۡنَ لِمَنۡ خَلۡفَکَ اٰیَةً ؕ وَاِنَّ کَثِیۡرًا مِّنَ النَّاسِ عَنۡ اٰیٰتِنَا لَغٰفِلُوۡنَ ﴿۹۳﴾

## ଅଧ୍ୟାୟ ୧୯

୧୭. ଏବଂ ତୁମେ (ଏହି) ଗ୍ରନ୍ଥରେ ମରିୟମ୍‌ଙ୍କ (ସକ୍ରାନ୍ତରେ) ଯେଉଁ ବୃତ୍ତାନ୍ତ ଅଛି ତାହା ବର୍ଣ୍ଣନା କର; (ବିଶେଷତଃ ସେହି ବୃତ୍ତାନ୍ତ)

وَاذۡکُرۡ فِی الۡکِتٰبِ مَرۡیَمَ ۘ اِذِ انۡتَبَذَتۡ مِنۡ اَهۡلِهَا مَکَانًا شَرۡقِیًّا ﴿ۙ۱۷﴾

ଯେତେବେଳେ ସେ ନିଜ ପରିବାରର ଲୋକମାନଙ୍କ ଠାରୁ ପୂର୍ବ ଦିଗସ୍ଥ ଏକ ସ୍ଥାନକୁ ଚାଲି ଯାଇଥିଲେ ।

فَاتَّخَذَتْ مِنْ دُوْنِهِمْ حِجَابًا ۖ فَاَرْسَلْنَآ اِلَيْهَا رُوْحَنَا فَتَمَثَّلَ لَهَا بَشَرًا سَوِيًّا ﴿١٨﴾

୧୮. ଏବଂ ସେ ନିଜ ମଧ୍ୟରେ ଓ ସେମାନଙ୍କ ମଧ୍ୟରେ ଏକ ପରଦା ସ୍ଥାପନ କରିଥିଲେ (ଅର୍ଥାତ୍ ସେମାନଙ୍କଠାରୁ ସମ୍ପର୍କ ଛିନ୍ନ କରି ନିଜକୁ ଲୁକ୍କାୟିତ ରଖିଲେ); ସେତେବେଳେ ଆମ୍ଭେ ତାହାଙ୍କ ନିକଟକୁ ଆମ୍ଭର ବାର୍ତ୍ତାବାହକ ଦେବଦୂତ (ଜିବ୍ରାଇଲ)ଙ୍କୁ ପ୍ରେରଣ କରିଥିଲୁଁ ଏବଂ ସେ ତାହାଙ୍କ ସମ୍ମୁଖରେ ଏକ ପୂର୍ଣ୍ଣାଙ୍ଗ ମାନବ ଆକୃତି ଧାରଣ କରି ଉପସ୍ଥିତ ହେଲେ ।

قَالَتْ اِنِّيْٓ اَعُوْذُ بِالرَّحْمٰنِ مِنْكَ اِنْ كُنْتَ تَقِيًّا ﴿١٩﴾

୧୯. (ମରିୟମ ତାହାଙ୍କୁ) କହିଲେ "ଯଦି ତୁମ୍ଭେ ଧର୍ମନିଷ୍ଠ ହୋଇଥାଅ ତେବେ ମୁଁ ତୁମଠାରୁ ଦୟାବନ୍ତ ଅଲ୍ଲାଃଙ୍କର ଶରଣ ଭିକ୍ଷା କରୁଅଛି ।

قَالَ اِنَّمَآ اَنَا رَسُوْلُ رَبِّكِ ۖ لِاَهَبَ لَكِ غُلٰمًا زَكِيًّا ﴿٢٠﴾

୨୦. (ପ୍ରତ୍ୟୁତ୍ତରରେ ଦେବଦୂତ) କହିଲେ "ମୁଁ କେବଳ ତୁମ ପାଳନକର୍ତ୍ତାଙ୍କର ପ୍ରେରିତ ବାର୍ତ୍ତାବହ । ମୁଁ ତୁମଙ୍କୁ (ଅଲ୍ଲାଃଙ୍କର) ଓହି ଅନୁଯାୟୀ ଏକ ପବିତ୍ର ପୁତ୍ର ସନ୍ତାନ ଅର୍ପଣ କରିବି (ଯେ କି ପୂର୍ଣ୍ଣ ବୟସ୍କ ହେବେ)" ।

قَالَتْ اَنّٰى يَكُوْنُ لِيْ غُلٰمٌ وَّلَمْ يَمْسَسْنِيْ بَشَرٌ وَّلَمْ اَكُ بَغِيًّا ﴿٢١﴾

୨୧. (ମରିୟମ) କହିଲେ "ମୋର କିପରି ପୁତ୍ର ସନ୍ତାନ ହେବ ଯେତେବେଳେ କି ମୋତେ କୌଣସି ପୁରୁଷ ସ୍ପର୍ଶ କରିନାହିଁ ଏବଂ ମୁଁ କେବେହେଲେ ବ୍ୟଭିଚାରରେ ଲିପ୍ତ ହୋଇ ନାହିଁ ।"

قَالَ كَذٰلِكِ ۚ قَالَ رَبُّكِ هُوَ عَلَيَّ هَيِّنٌ ۚ وَلِنَجْعَلَهٗٓ اٰيَةً لِّلنَّاسِ وَرَحْمَةً مِّنَّا ۚ

୨୨. (ଦେବଦୂତ) କହିଲେ "(ବିଷୟଟି) ସେହିପରି (ଯେପରି ତୁମେ କହିଲ, କିନ୍ତୁ) ତୁମର ପାଳନକର୍ତ୍ତା ଏହା କହିଛନ୍ତି ଯେ ଏହା ଆମ୍ଭ

وَكَانَ اَمۡرًا مَّقۡضِيًّا ۝٢٢

(ଅର୍ଥାତ୍ ଅଲ୍ଲାଃଙ୍କ) ପକ୍ଷରେ ସହଜସାଧ୍ୟ ଏବଂ (ଆମ୍ଭେ ସେହି କାରଣରୁ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେବୁଁ) ତଦ୍ଦ୍ୱାରା ଆମ୍ଭେ ତାହାଙ୍କୁ ଲୋକମାନଙ୍କ ସକାଶେ ଏକ ନିଦର୍ଶନ ଓ ନିଜ କରୁଣା ସ୍ୱରୂପ କରିବୁଁ ଏବଂ ଏହି ବିଷୟ (ଆମ ଦ୍ୱାରା) ନିର୍ଦ୍ଧାରିତ ହୋଇଅଛି ।"

فَحَمَلَتۡهُ فَانۡتَبَذَتۡ بِهٖ مَكَانًا قَصِيًّا ۝٢٣

୨୩. ତାପରେ ସେ ତାହାକୁ ଗର୍ଭରେ ଧାରଣ କଲେ ଏବଂ ତାହାଙ୍କୁ ନେଇ ସେ ଏକ ଦୂରବର୍ତ୍ତୀ ସ୍ଥାନକୁ ଗମନ କଲେ ।

فَاَجَآءَهَا الۡمَخَاضُ اِلٰى جِذۡعِ النَّخۡلَةِ‌ ۚ قَالَتۡ يٰلَيۡتَنِىۡ مِتُّ قَبۡلَ هٰذَا وَكُنۡتُ نَسۡيًا مَّنۡسِيًّا ۝٢٤

୨୪. ସୁତରାଂ (ଯେତେବେଳେ ସେ ସେଠାରେ ପହଞ୍ଚିଲେ) ପ୍ରବଳ ଯନ୍ତ୍ରଣା ଯୋଗୁଁ ସେ ଗୋଟିଏ ଖଜୁରୀଗଛ ନିକଟକୁ ଚାଲି ଯାଇଥିଲେ; (ଯେତେବେଳେ ମରିୟମଙ୍କର ବିଶ୍ୱାସ ହେଲା ଯେ ତାହାଙ୍କ ଗର୍ଭରୁ ଏକ ସନ୍ତାନ ଜାତ ହେବ, ସେତେବେଳେ ସେ ଲୋକମାନଙ୍କ ପରିହାସ ବିଷୟରେ ଚିନ୍ତିତ ହୋଇ) କହି ଉଠିଲେ "ହାୟ ! ମୁଁ ଏହା ପୂର୍ବରୁ ମରିଯାଆନ୍ତି କି! ଏବଂ ମୋର ସ୍ମୃତିକୁ ବିଲୁପ୍ତ କରାଯାଆନ୍ତା କି !"

فَنَادٰٮهَا مِنۡ تَحۡتِهَاۤ اَلَّا تَحۡزَنِىۡ قَدۡ جَعَلَ رَبُّكِ تَحۡتَكِ سَرِيًّا ۝٢٥

୨୫. ତାପରେ (ଦେବଦୂତ ପର୍ବତର) ନିମ୍ନ ଦେଶରୁ ତାହାଙ୍କୁ ଆହ୍ୱାନ ପୂର୍ବକ କହିଲେ "(ହେ ନାରୀ !) ଦୁଃଖିତ ହୁଅ ନାହିଁ; ଅଲ୍ଲାଃ ତୁମର ନିମ୍ନ ଦେଶରେ ଏକ ଝରଣା ପ୍ରବାହିତ କରାଇଛନ୍ତି; (ତେଣୁ ତାହା ନିକଟକୁ ଯାଇ ନିଜକୁ ଓ ନିଜ ସନ୍ତାନକୁ ପରିଷ୍କାର କର) ।

وَهُزِّىۡۤ اِلَيۡكِ بِجِذۡعِ النَّخۡلَةِ تُسٰقِطۡ عَلَيۡكِ رُطَبًا جَنِيًّا ۝٢٦

୨୬. ଏବଂ ତୁମେ ଖଜୁରୀ ଗଛକୁ ଧରି ନିଜ ଆଡ଼କୁ ହଲାଇ ଦିଅ; ତାହା ତୁମ ପାଇଁ ସଦ୍ୟ ପକ୍ୱ ଫଳ ବୃଷ୍ଟି କରିବ ।

| | |
|---|---|
| ୨୭. ସୁତରାଂ ତୁମେ ତାହାକୁ ଭୋଜନ କର ଓ (ଝରଣାରୁ) ଜଳ ପାନ କର (ଏବଂ ନିଜେ ସ୍ନାନ କର ଓ ସେହି ଶିଶୁକୁ ସ୍ନାନ କରାଇ) ନିଜ ଚକ୍ଷୁକୁ ଶୀତଳ କର; ତାପରେ ଯଦି ତୁମେ କୌଣସି ପୁରୁଷକୁ ଦେଖିବ, ତେବେ (ସଙ୍କେତ ପୂର୍ବକ) କହିବ ଯେ ମୁଁ ଦୟାବନ୍ତ (ଅଲ୍ଲାଃ)ଙ୍କ ଉଦ୍ଦେଶ୍ୟରେ ଉପବାସ ବ୍ରତ ପାଳନ କରିଅଛି; ସୁତରାଂ ଆଜି ମୁଁ କୌଣସି ଲୋକ ସହିତ କଥା କହିବି ନାହିଁ । | فَكُلِيْ وَاشْرَبِيْ وَقَرِّيْ عَيْنًا ۚ فَاِمَّا تَرَيِنَّ مِنَ الْبَشَرِ اَحَدًا ۙ فَقُوْلِيْٓ اِنِّيْ نَذَرْتُ لِلرَّحْمٰنِ صَوْمًا فَلَنْ اُكَلِّمَ الْيَوْمَ اِنْسِيًّا ۚ﴿٢٦﴾ |
| ୨୮. ଏହାପରେ ସେ ତାହାଙ୍କୁ (ଅର୍ଥାତ୍ ସେହି ପୁତ୍ର ସନ୍ତାନକୁ) ଆରୋହଣ କରାଇ ନିଜ ସମ୍ପ୍ରଦାୟ ନିକଟକୁ ଆଣିଲେ; ସେମାନେ କହିଲେ "ହେ ମରିୟମ! ତୁମେ ଅତ୍ୟନ୍ତ ମନ୍ଦ କାର୍ଯ୍ୟ କରିଅଛ ।" | فَاَتَتْ بِهٖ قَوْمَهَا تَحْمِلُهٗ ؕ قَالُوْا يٰمَرْيَمُ لَقَدْ جِئْتِ شَيْـًٔا فَرِيًّا ﴿٢٧﴾ |
| ୨୯. "ହେ ହାରୁନର ଭଉଣୀ ! ତୁମର ପିତା ମନ୍ଦ ବ୍ୟକ୍ତି ନଥିଲେ ଓ ତୁମର ମାତା ବ୍ୟଭିଚାରିଣୀ ନଥିଲେ ।" | يٰٓاُخْتَ هٰرُوْنَ مَا كَانَ اَبُوْكِ امْرَاَ سَوْءٍ وَّمَا كَانَتْ اُمُّكِ بَغِيًّا ۖ﴿٢٨﴾ |
| ୩୦. ଏହାପରେ ସେ ତାହାଙ୍କ (ଅର୍ଥାତ ଉକ୍ତ ପୁତ୍ର ସନ୍ତାନ) ପ୍ରତି ଇଙ୍ଗିତ କରିଥିଲେ; ସେମାନେ କହିଲେ "ଆମେମାନେ ତା ସହିତ କିପରି କଥାବାର୍ତ୍ତା କରିବୁଁ ଯେ କି (ଗତ କାଲି ସୁଦ୍ଧା) ଦୋଳିରେ ଝୁଲୁ ଥିବା ଏକ ଶିଶୁ ଥିଲା ।" | فَاَشَارَتْ اِلَيْهِ ؕ قَالُوْا كَيْفَ نُكَلِّمُ مَنْ كَانَ فِي الْمَهْدِ صَبِيًّا ﴿٢٩﴾ |
| ୩୧. (ଏହା ଶୁଣି ମରିୟମ ନନ୍ଦନ) କହିଲେ "ଆମେ ଅଲ୍ଲାଃଙ୍କର ସେବକ ଓ ସେ ଆମଙ୍କୁ (ଧର୍ମ) ଗ୍ରନ୍ଥ ପ୍ରଦାନ କରିଛନ୍ତି ଏବଂ ଆମଙ୍କୁ ନବୀ ନିଯୁକ୍ତ କରିଛନ୍ତି ।" | قَالَ اِنِّيْ عَبْدُ اللّٰهِ ۛ اٰتٰنِيَ الْكِتٰبَ وَجَعَلَنِيْ نَبِيًّا ۙ﴿٣٠﴾ |
| ୩୨. "ଏବଂ ଆମେ ଯେଉଁଠାରେ ଥିଲେ ମଧ୍ୟ ସେ ଆମକୁ ମଙ୍ଗଳମୟ କରିଛନ୍ତି ଏବଂ ଜୀବିତ ଥିବା ପର୍ଯ୍ୟନ୍ତ ଆମକୁ ନମାଜ୍ ଓ ଜକାତ୍ ବିଷୟରେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।" | وَّجَعَلَنِيْ مُبٰرَكًا اَيْنَ مَا كُنْتُ ۠ وَاَوْصٰنِيْ بِالصَّلٰوةِ وَالزَّكٰوةِ مَا دُمْتُ حَيًّا ۖ﴿٣١﴾ |

وَّبَرًّا بِوَالِدَتِيْ وَلَمْ يَجْعَلْنِيْ جَبَّارًا شَقِيًّا ٣٣

୩୩. "ଏବଂ ଆମଙ୍କୁ ନିଜ ମାତାଙ୍କ ପ୍ରତି ସଦ୍‌ବ୍ୟବହାରକାରୀ ରୂପେ ଗଢ଼ିଛନ୍ତି ଏବଂ ସେ ଆମକୁ ଅତ୍ୟାଚାରୀ ଓ ଦୁଶ୍ଚରିତ୍ର କରି ଗଢ଼ି ନାହାନ୍ତି ।"

وَالسَّلٰمُ عَلَيَّ يَوْمَ وُلِدْتُّ وَيَوْمَ اَمُوْتُ وَيَوْمَ اُبْعَثُ حَيًّا ٣٤

୩୪. ଏବଂ ଯେଉଁଦିନ ଆମେ ଜନ୍ମଲାଭ କରିଥିଲୁଁ, ସେଦିନ ମଧ୍ୟ ଆମ୍ଭ ପ୍ରତି ଶାନ୍ତି ଅବତୀର୍ଣ୍ଣ ହୋଇଥିଲା ଏବଂ ଯେଉଁଦିନ ଆମ୍ଭେ ମୃତ୍ୟୁବରଣ କରିବୁଁ ଓ ଯେଉଁଦିନ ଆମକୁ (ପୁନଃ) ଜୀବିତ କରାଇ ଉତ୍‌ଥିତ କରାଯିବ, ସେଦିନ ମଧ୍ୟ ଆମ୍ଭ ପ୍ରତି ଶାନ୍ତି ଅବତୀର୍ଣ୍ଣ ହେବ ।

ذٰلِكَ عِيْسَى ابْنُ مَرْيَمَ ۚ قَوْلَ الْحَقِّ الَّذِيْ فِيْهِ يَمْتَرُوْنَ ٣٥

୩୫. (ଦେଖ) ଏ ହେଉଛନ୍ତି (ବାସ୍ତବରେ) ମରିୟମ ନନ୍ଦନ ଇସା; ଏହା ହିଁ ସତ୍ୟ ଘଟଣା ଯାହା ସମ୍ପର୍କରେ ସେମାନେ ସନ୍ଦେହ କରୁଛନ୍ତି ।

(ମରିୟମ : ୧୭-୩୫)

## ଅଧ୍ୟାୟ ୩

وَاِذْ اَخَذَ اللّٰهُ مِيْثَاقَ النَّبِيّٖنَ لَمَآ اٰتَيْتُكُمْ مِّنْ كِتٰبٍ وَّحِكْمَةٍ ثُمَّ جَآءَكُمْ رَسُوْلٌ مُّصَدِّقٌ لِّمَا مَعَكُمْ لَتُؤْمِنُنَّ بِهٖ وَلَتَنْصُرُنَّهٗ ۗ قَالَ ءَاَقْرَرْتُمْ وَاَخَذْتُمْ عَلٰى ذٰلِكُمْ اِصْرِيْ ۗ قَالُوْٓا اَقْرَرْنَا ۗ قَالَ فَاشْهَدُوْا وَاَنَا مَعَكُمْ مِّنَ الشّٰهِدِيْنَ ٨٢

୮୨. ଏବଂ (ସେହି ସମୟକୁ ମଧ୍ୟ ସ୍ମରଣ କର) ଯେତେବେଳେ ଅଲ୍ଲାଃ (ଗ୍ରନ୍ଥଧାରୀମାନଙ୍କ ଠାରୁ) ନବୀମାନଙ୍କ ମାଧ୍ୟମରେ ଦୃଢ଼ ଅଙ୍ଗୀକାର ଗ୍ରହଣ କରିଥିଲେ ଯେ ଯେବେ ଆମ୍ଭେ ତୁମମାନଙ୍କୁ ଗ୍ରନ୍ଥ ଓ ତତ୍ତ୍ୱଜ୍ଞାନ ପ୍ରଦାନ କରିବୁଁ ଓ ତୁମମାନଙ୍କ ନିକଟକୁ (ଏପରି) କୌଣସି ରସୁଲ ଆସିବେ ଯେ କି ତୁମମାନଙ୍କ ପାଖରେ ଥିବା ବାଣୀର ସତ୍ୟତା ପ୍ରମାଣିତ କରୁଥିବେ, ତେବେ ତୁମେମାନେ ତାହାଙ୍କ ଉପରେ ନିଶ୍ଚୟ ବିଶ୍ୱାସ ସ୍ଥାପନ କରିବ ଏବଂ ତାହାଙ୍କୁ ସାହାଯ୍ୟ କରିବ; (ଅଲ୍ଲାଃ) କହିଲେ "କ'ଣ ତୁମେମାନେ ସ୍ୱୀକାର କରୁଅଛ ଓ ଆମ୍ଭେ ଦେଇଥିବା ଦାୟିତ୍ୱକୁ ଗ୍ରହଣ କରୁଅଛ ?"

ସେମାନେ କହିଲେ "ଆମେମାନେ ସ୍ୱୀକାର କରୁଅଛୁଁ ।" (ଅଲ୍ଲାଃ) କହିଲେ "ତାହେଲେ ତୁମେମାନେ ସାକ୍ଷୀ ରୁହ ଓ ଆମ୍ଭେ ମଧ୍ୟ ତୁମମାନଙ୍କ ସହିତ ସାକ୍ଷୀ ରହିଲୁଁ ।"

(ଆଲେ ଇମ୍ରାନ : ୮୨)

## ଅଧ୍ୟାୟ ୩୩

୮. ଏବଂ (ସ୍ମରଣ କର) ଯେତେବେଳେ ଆମ୍ଭେ ନବୀମାନଙ୍କ ଠାରୁ ସେମାନଙ୍କ ଉପରେ ଆରୋପିତ ଏକ ସ୍ୱତନ୍ତ୍ର ବିଷୟରେ ଅଙ୍ଗୀକାର ଗ୍ରହଣ କରିଥିଲୁଁ ଏବଂ ଆମ୍ଭେ ତୁମ୍ଭଠାରୁ ମଧ୍ୟ (ଅଙ୍ଗୀକାର ଗ୍ରହଣ କରିଥିଲୁଁ) ଏବଂ ନୁହ, ଇବ୍ରାହିମ, ମୁସା ଓ ମରିୟମ ନନ୍ଦନ ଇସାଙ୍କଠାରୁ ମଧ୍ୟ ଦୃଢ଼ ଅଙ୍ଗୀକାର ଗ୍ରହଣ କରିଥିଲୁଁ ।

(ଅଲ ଅହଜାବ୍ : ୮)

وَاِذْ اَخَذْنَا مِنَ النَّبِيّٖنَ مِيْثَاقَهُمْ وَمِنْكَ
وَمِنْ نُّوْحٍ وَّاِبْرٰهِيْمَ وَمُوْسٰى وَعِيْسَى
ابْنِ مَرْيَمَ ۖ وَاَخَذْنَا مِنْهُمْ مِّيْثَاقًا غَلِيْظًا ۙ﴿٨﴾

# ଇସଲାମ ଧର୍ମର ପବିତ୍ର ଅବତାର

ଏହି ଅବତାର ୫୭୦ ଖ୍ରୀଷ୍ଟାବ୍ଦରେ ମକ୍‌କା ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କୁ 'ମୁହମ୍ମଦ' ନାମ ଦିଆ ଯାଇଥିଲା, ଯାହାର ଅର୍ଥ ପ୍ରଶଂସିତ ବ୍ୟକ୍ତି । ଅବତାରଙ୍କର ବୟସ ୩୦ ଟପିବା ପରେ ଅଲ୍ଲାଃଙ୍କର ପ୍ରେମ ତାଙ୍କୁ ଅଧିକରୁ ଅଧିକ ଭାବରେ ଅଭିଭୂତ କରିବାକୁ ଆରମ୍ଭ କଲା । ମକ୍‌କାବାସୀମାନଙ୍କର ବହୁ ଈଶ୍ୱରବାଦ ଓ ବହୁ ପ୍ରକାରର ପାପ ବିରୁଦ୍ଧରେ ସେ ବିପ୍ଳବ କରିବାକୁ ଯାଇ ଦୁଇ ତିନି ମାଇଲ ଦୂରରେ ଥିବା ଏକ ଗୁମ୍ଫା ଭିତରେ ନିୟମିତ ଭାବରେ ଧ୍ୟାନ କରିବାକୁ ଠିକ୍ କଲେ । ତାଙ୍କୁ ଯେତେବେଳେ ଚାଳିଶ ବର୍ଷ, ସେତେବେଳେ ସେଠାରୁ ତାଙ୍କୁ ଅଲ୍ଲାଃଙ୍କର ପ୍ରଥମ ବାଣୀ ପ୍ରାପ୍ତ ହେଲା । ଏଥିରେ ଥିଲା କୁରଆନ୍‌ର ପ୍ରଥମ ପଙ୍‌କ୍ତି ସମୂହ (୯୬:୨-୬) । ସେହି ଏକ ଓ ଅଦ୍ୱିତୀୟ ପରବ୍ରହ୍ମଙ୍କର ନାମ ଘୋଷଣା କରିବାକୁ ତାଙ୍କୁ ଆଦେଶ ଦିଆଯାଇଥଲା ଯେକି ମଣିଷକୁ ସୃଷ୍ଟି କରିଛନ୍ତି ଓ ତା' ଭିତରେ ତାଙ୍କ ନିଜର ତଥା ସ୍ୱଜାତୀୟ ବ୍ୟକ୍ତିମାନଙ୍କର ପ୍ରେମ ବୀଜ ବପନ କରିଛନ୍ତି । ଭବିଷ୍ୟତ ବାଣୀ ଆକାରରେ ଏହା କୁହାଯାଇଛି ଯେ ଲେଖନୀ ମାଧ୍ୟମରେ ଜଗତକୁ ସମସ୍ତ ପ୍ରକାର ଜ୍ଞାନ ଶିକ୍ଷା ଦିଆଯିବ । ଏହି ପଙ୍‌କ୍ତି (ଆୟତ୍)ଗୁଡ଼ିକ ହେଉଛି କୁରଆନ୍‌ର ସଂକ୍ଷିପ୍ତ ସାର ।

## ଅଧ୍ୟାୟ ୩୩

୪୬. ହେ ନବୀ! ଆମ୍ଭେ ତୁମ୍ଭଙ୍କୁ (ସଂସାର ପାଇଁ) ତତ୍ତ୍ୱାବଧାରକ, (ବିଶ୍ୱାସକାରୀମାନଙ୍କ ପାଇଁ) ସୁସମାଚାର ଦାତା ଓ (ଅବଜ୍ଞାକାରୀମାନଙ୍କ ପାଇଁ) ଭୟ ପ୍ରଦର୍ଶକ ଭାବେ ପ୍ରେରଣ କରିଅଛୁଁ ।

يَاَيُّهَا النَّبِيُّ اِنَّآ اَرْسَلْنٰكَ شَاهِدًا وَّمُبَشِّرًا وَّ نَذِيْرًا ﴿٤٦﴾

୪୭. ଏବଂ ଅଲ୍ଲାଃଙ୍କ ଆଦେଶ ଅନୁସାରେ ତାହାଙ୍କ ଆଡ଼କୁ ଆହ୍ୱାନକାରୀ ଭାବରେ ଓ ଏକ ଦୀପ୍ତିମାନ ସୂର୍ଯ୍ୟ ସଦୃଶ (ପ୍ରେରଣ କରିଅଛୁଁ) ।

وَّدَاعِيًا اِلَى اللّٰهِ بِاِذْنِهٖ وَسِرَاجًا مُّنِيْرًا ﴿٤٧﴾

୪୮. ଏବଂ ବିଶ୍ୱାସକାରୀମାନଙ୍କୁ ସୁସମାଚାର ଦିଅ ଯେ ସେମାନଙ୍କୁ ଅଲ୍ଲାଃଙ୍କ ନିକଟରୁ ମହାନ କୃପା ପ୍ରାପ୍ତ ହେବ ।

(ଅଲ ଅହଜାବ୍ : ୪୬-୪୮)

وَبَشِّرِ الْمُؤْمِنِيْنَ بِاَنَّ لَهُمْ مِّنَ اللّٰهِ فَضْلًا كَبِيْرًا ﴿٤٨﴾

## ଅଧ୍ୟାୟ ୭

୧୫୯. କୁହ "ହେ ଲୋକମାନେ! ନିଶ୍ଚୟ ଆମ୍ଭେ ତୁମ ସମସ୍ତଙ୍କ ପାଇଁ ଅଲ୍ଲାଃଙ୍କ ତରଫରୁ ରସୁଲ ଅଟୁ ଯେ କି ଆକାଶ ଓ ପୃଥିବୀର ଅଧୀଶ୍ୱର; ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ। ସେ ଜୀବନ ଦାନ କରନ୍ତି ଓ ମୃତ୍ୟୁ ଦିଅନ୍ତି । ସୁତରାଂ ତୁମେମାନେ ଅଲ୍ଲାଃଙ୍କ ଉପରେ ତଥା ତାହାଙ୍କ ରସୁଲଙ୍କ ଉପରେ ବିଶ୍ୱାସ ସ୍ଥାପନ କର ଯେ କି ନବୀ ଓ ନିରକ୍ଷର ଅଟନ୍ତି ଏବଂ ଯେ କି ଅଲ୍ଲାଃଙ୍କ ଉପରେ ତଥା ତାହାଙ୍କ ବାଣୀ ଉପରେ ବିଶ୍ୱାସ ସ୍ଥାପନ କରନ୍ତି; ଏବଂ ତାଙ୍କୁ ହିଁ ଅନୁସରଣ କର, ତାହାହେଲେ ତୁମେମାନେ ସତ୍‌ପଥ ପ୍ରାପ୍ତ ହେବ ।

(ଅଲ ଆରାଫ୍ : ୧୫୯)

قُلْ يَاَيُّهَا النَّاسُ اِنِّيْ رَسُوْلُ اللّٰهِ اِلَيْكُمْ جَمِيْعًا ۨالَّذِيْ لَهٗ مُلْكُ السَّمٰوٰتِ وَالْاَرْضِ ۚ لَآ اِلٰهَ اِلَّا هُوَ يُحْيٖ وَيُمِيْتُ ۖ فَاٰمِنُوْا بِاللّٰهِ وَرَسُوْلِهِ النَّبِيِّ الْاُمِّيِّ الَّذِيْ يُؤْمِنُ بِاللّٰهِ وَكَلِمٰتِهٖ وَاتَّبِعُوْهُ لَعَلَّكُمْ تَهْتَدُوْنَ ﴿١٥٩﴾

## ଅଧ୍ୟାୟ ୩୪

وَمَآ اَرْسَلْنٰكَ اِلَّا كَآفَّةً لِّلنَّاسِ بَشِيْرًا وَّنَذِيْرًا وَّلٰكِنَّ اَكْثَرَ النَّاسِ لَا يَعْلَمُوْنَ ۝۲۹

୨୯. ଏବଂ ଆମ୍ଭେ ତୁମ୍ଭଙ୍କୁ ସମଗ୍ର ମାନବ ସମାଜ ପାଇଁ (ବିଶ୍ୱାସକାରୀମାନଙ୍କୁ) ସୁସମାଚାର ପ୍ରଦାନ କରିବା ସକାଶେ ଓ (ଅବଜ୍ଞାକାରୀମାନଙ୍କୁ) ଚେତାବନୀ ଦେବା ସକାଶେ ରସୁଲ ସ୍ୱରୂପ ପ୍ରେରଣ କରିଅଛୁଁ; କିନ୍ତୁ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଏହାର ବାସ୍ତବତାକୁ ଜାଣନ୍ତି ନାହିଁ ।

(ସବା : ୨୯)

## ଅଧ୍ୟାୟ ୬୮

وَاِنَّ لَكَ لَاَجْرًا غَيْرَ مَمْنُوْنٍ ۝۴

୪. ଏବଂ ତୁମ୍ଭଙ୍କୁ (ଅଲ୍ଲାଃଙ୍କ ତରଫରୁ) ଏପରି ଏକ ପ୍ରତିଫଳ ମିଳିବ ଯାହା ଅସରନ୍ତି ।

وَاِنَّكَ لَعَلٰى خُلُقٍ عَظِيْمٍ ۝۵

୫. (ଏତଦ୍‌ଭିନ୍ନ ଆମ୍ଭେ ଶପଥ ପୂର୍ବକ କହୁଅଛୁଁ କି ନିଜ ଶିକ୍ଷା ଓ କର୍ମ ଦୃଷ୍ଟିରୁ) ତୁମ୍ଭେ ଉଚ୍ଚ ମର୍ଯ୍ୟାଦା ସମ୍ପନ୍ନ ଚରିତ୍ର ଉପରେ ପ୍ରତିଷ୍ଠିତ ଅଛ ।

(ଅଲ କଲମ : ୪-୫)

## ଅଧ୍ୟାୟ ୩୩

مَا كَانَ مُحَمَّدٌ اَبَآ اَحَدٍ مِّنْ رِّجَالِكُمْ وَلٰكِنْ رَّسُوْلَ اللّٰهِ وَخَاتَمَ النَّبِيّٖنَ ؕ وَكَانَ اللّٰهُ بِكُلِّ شَيْءٍ عَلِيْمًا ۝۴۱

୪୧. ମୁହମ୍ମଦ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନଥିଲେ କି (ପିତା) ନାହାନ୍ତି (ବା ପିତା ହେବେ ନାହିଁ) କିନ୍ତୁ ସେ ଅଲ୍ଲାଃଙ୍କର ରସୁଲ ଏବଂ (ଏହାଠାରୁ ଅଧିକ) ନବୀମାନଙ୍କର ମୋହର ଏବଂ ଅଲ୍ଲାଃ ସବୁ ବିଷୟକୁ ଭଲ ଭାବରେ ଜାଣନ୍ତି ।

لَقَدْ كَانَ لَكُمْ فِيْ رَسُوْلِ اللّٰهِ اُسْوَةٌ حَسَنَةٌ لِّمَنْ كَانَ يَرْجُوا اللّٰهَ وَالْيَوْمَ الْاٰخِرَ وَذَكَرَ اللّٰهَ كَثِيْرًا ۝۲۲

୨୨. ତୁମମାନଙ୍କ ସକାଶେ ଅର୍ଥାତ ସେହି ଲୋକମାନଙ୍କ ସକାଶେ ଯେଉଁମାନେ ଅଲ୍ଲାଃ ଓ ଅନ୍ତିମ ଦିବସର ସାକ୍ଷାତ ବିଷୟରେ ଆଶା ପୋଷଣ କରନ୍ତି ଓ ଅଲ୍ଲାଃଙ୍କୁ ଅଧିକ (ପରିମାଣରେ) ସ୍ମରଣ

କରନ୍ତି, ସେମାନଙ୍କ ସକାଶେ ଅଲ୍ଲାଃଙ୍କ ରସୁଲଙ୍କ ଠାରେ ଏକ ଉଚ୍ଚ ଆଦର୍ଶ ରହିଅଛି (ଯାହାକୁ ଅନୁସରଣ କରିବା ସେମାନଙ୍କ ପକ୍ଷରେ ଉଚିତ) ।

ଽ୭. ଅଲ୍ଲାଃ ବାସ୍ତବରେ ଏହି ନବୀଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କର ଦୂତମାନେ ମଧ୍ୟ (ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି, ତେଣୁ) ହେ ବିଶ୍ୱାସକାରୀଗଣ ! ତୁମେମାନେ ମଧ୍ୟ ଏହି ନବୀଙ୍କ ପ୍ରତି (ଅଲ୍ଲାଃଙ୍କର) ଆଶୀର୍ବାଦ ଭିକ୍ଷା କର (ଅର୍ଥାତ ଦରୁଦ୍ ସରିଫ୍ ପାଠ କର) ଓ ତାହାଙ୍କ ପ୍ରତି ପ୍ରାର୍ଥନା କର ଓ ମନଯୋଗ ପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷା କର ।

إِنَّ اللّٰهَ وَمَلٰٓئِكَتَهٗ يُصَلُّوْنَ عَلَى النَّبِيِّ ؕ يٰٓاَيُّهَا الَّذِيْنَ اٰمَنُوْا صَلُّوْا عَلَيْهِ وَسَلِّمُوْا تَسْلِيْمًا ﴿٥٧﴾

(ଅଲ ଅହଜାବ୍ : ୪୧,୨୨,ଽ୭)

## ଅଧ୍ୟାୟ ୪୮

୩୦. ମୁହମ୍ମଦ ଅଲ୍ଲାଃଙ୍କର ରସୁଲ ଏବଂ ଯେଉଁମାନେ ତାହାଙ୍କ ସହିତ ଅଛନ୍ତି । କିନ୍ତୁ ଅବଜ୍ଞାକାରୀଙ୍କ ବିପକ୍ଷରେ କଠୋର ମନୋଭାବ ପୋଷଣ କରନ୍ତି ଅଥଚ ସେମାନେ ପରସ୍ପର ପ୍ରତି ଅତ୍ୟନ୍ତ କୋମଳ । ଏବଂ ତୁମେ ସେମାନଙ୍କୁ ଶିର୍କ ଠାରୁ ଦୂରରେ ଥିବାର ଓ ଅଲ୍ଲାଃଙ୍କର ଆଜ୍ଞାବହ ରହିଥିବାର ଦେଖିବାକୁ ପାଇବ । ସେମାନେ ଅଲ୍ଲାଃଙ୍କର କୃପା ଓ ସନ୍ତୋଷ ଲାଭ କରିବା ସକାଶେ ପ୍ରଚେଷ୍ଟା କରୁଥିବାର ଦେଖିବ । ସିଜ୍‌ଦା କରିବା ଫଳରେ ସେମାନଙ୍କ ମଥାରେ ସୃଷ୍ଟି ହୋଇଥିବା ଚିହ୍ନରୁ ତୁମ୍ଭେ ସେମାନଙ୍କୁ ଚିହ୍ନି ପାରିବ ଏବଂ ସେମାନଙ୍କ ବିଷୟ ତୌରାତ୍‌ରେ ବର୍ଣ୍ଣିତ ହୋଇଅଛି ଏବଂ ଇଂଜିଲ୍‌ରେ ସେମାନଙ୍କ ବିଷୟରେ ଏପରି ବର୍ଣ୍ଣନା ଅଛି ଯେ ସେମାନେ

مُحَمَّدٌ رَّسُوْلُ اللّٰهِ ؕ وَالَّذِيْنَ مَعَهٗۤ اَشِدَّآءُ عَلَى الْكُفَّارِ رُحَمَآءُ بَيْنَهُمْ تَرٰىهُمْ رُكَّعًا سُجَّدًا يَّبْتَغُوْنَ فَضْلًا مِّنَ اللّٰهِ وَرِضْوَانًا ؗ سِيْمَاهُمْ فِيْ وُجُوْهِهِمْ مِّنْ اَثَرِ السُّجُوْدِ ؕ ذٰلِكَ مَثَلُهُمْ فِي التَّوْرٰىةِ ۛۚ وَمَثَلُهُمْ فِي الْاِنْجِيْلِ ۛ۫ كَزَرْعٍ اَخْرَجَ شَطْـَٔهٗ فَاٰزَرَهٗ فَاسْتَغْلَظَ فَاسْتَوٰى عَلٰى سُوْقِهٖ يُعْجِبُ

الزُّرَّاعَ لِيَغِيْظَ بِهِمُ الْكُفَّارَ ؕ وَعَدَ اللّٰهُ الَّذِيْنَ اٰمَنُوْا وَعَمِلُوا الصّٰلِحٰتِ مِنْهُمْ مَّغْفِرَةً وَّ اَجْرًا عَظِيْمًا ﴿۳۰﴾

ଏକ ଶସ୍ୟ କ୍ଷେତ୍ର ସଦୃଶ ଯହିଁରୁ ପ୍ରଥମେ ଅଙ୍କୁରୋଦ୍‌ଗମ ହେଲା । ତା'ପରେ ଏହାକୁ (ସ୍ୱର୍ଗୀୟ ଓ ପାର୍ଥିବ ଖାଦ୍ୟ ମାଧ୍ୟମରେ) ସବଳ କଲେ ଓ ସେହି ଅଙ୍କୁର ଅଧିକତର ସବଳ ହେଲା । ଏହାପରେ ତାହାର ମୂଳ ଦ୍ୱାରା ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଗଲା । ଏପରିକି ତାହା କୃଷକ ପକ୍ଷରେ ପସନ୍ଦଯୋଗ୍ୟ ହୋଇଥିଲା; ଯାହା ଫଳରେ ଅବଜ୍ଞାକାରୀମାନେ ସେମାନଙ୍କୁ ଲକ୍ଷ୍ୟ କରି ଈର୍ଷାନ୍ୱିତ ହେବେ । ଅଲ୍ଲାଃ ବିଶ୍ୱାସକାରୀମାନଙ୍କୁ ତଥା ଯେଉଁମାନେ ବିଶ୍ୱାସ ମୁତାବକ କର୍ମ କରନ୍ତି, ସେମାନଙ୍କୁ କ୍ଷମା ଓ ମହାନ ପ୍ରତିଫଳ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

(ଅଲ ଫତାହ୍ : ୩୦)

## ଅଧ୍ୟାୟ ୩

قُلْ اِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِيْ يُحْبِبْكُمُ اللّٰهُ وَيَغْفِرْ لَكُمْ ذُنُوْبَكُمْ ؕ وَاللّٰهُ غَفُوْرٌ رَّحِيْمٌ ﴿۳۲﴾

୩୨. (ତୁମ୍ଭେ) କୁହ, "(ହେ ଲୋକମାନେ !) ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ, ତେବେ ଆମ୍ଭଙ୍କୁ ଅନୁସରଣ କର (ତାହେଲେ) ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କର ଦୋଷ କ୍ଷମା କରିବେ"; ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ ଓ କରୁଣାମୟ ।

قُلْ اَطِيْعُوا اللّٰهَ وَالرَّسُوْلَ ۚ فَاِنْ تَوَلَّوْا فَاِنَّ اللّٰهَ لَا يُحِبُّ الْكٰفِرِيْنَ ﴿۳۳﴾

୩୩. (ତୁମ୍ଭେ) କୁହ, "ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କର ଆଜ୍ଞା ପାଳନ କର"; କିନ୍ତୁ ଯଦି ସେମାନେ ବିମୁଖ ହୁଅନ୍ତି ତେବେ (ମନେରଖ ଯେ) ଅଲ୍ଲାଃ ଅବଜ୍ଞାକାରୀମାନଙ୍କୁ ଆଦୌ ପ୍ରେମ କରନ୍ତି ନାହିଁ ।

(ଆଲେ ଇମ୍ରାନ : ୩୨,୩୩)

## ଅଧ୍ୟାୟ ୫

يَاَيُّهَا الرَّسُوۡلُ بَلِّغۡ مَاۤ اُنۡزِلَ اِلَيۡكَ مِنۡ
رَّبِّكَ ؕ وَاِنۡ لَّمۡ تَفۡعَلۡ فَمَا بَلَّغۡتَ
رِسَالَتَهٗ ؕ وَاللّٰهُ يَعۡصِمُكَ مِنَ النَّاسِ ؕ
اِنَّ اللّٰهَ لَا يَهۡدِى الۡقَوۡمَ الۡكٰفِرِيۡنَ ﴿٦٨﴾

୬୮. ହେ ରସୁଲ ! ତୁମ୍ଭ ପାଳନକର୍ତ୍ତାଙ୍କ ଠାରୁ ତୁମ୍ଭ ପ୍ରତି ଯାହା (ଅର୍ଥାତ ଯେଉଁ ବାଣୀ) ଅବତୀର୍ଣ୍ଣ ହୋଇଅଛି, ତାହାକୁ (ଲୋକମାନଙ୍କ ନିକଟରେ) ପହଞ୍ଚାଇ ଦିଅ ଏବଂ ଯଦି ତୁମ୍ଭେ (ଏପରି) ନକରିବ, ତେବେ ତାହାଙ୍କର ବାର୍ତ୍ତା ଆଦୌ ପହଞ୍ଚାଇ ନାହଁ (ବୋଲି ଧରାଯିବ); ଏବଂ ଅଲ୍ଲାଃ ତୁମ୍ଭଙ୍କୁ ଲୋକମାନଙ୍କ (ଆକ୍ରମଣ) ଠାରୁ ରକ୍ଷା କରିବେ । ଅଲ୍ଲାଃ ଅବଜ୍ଞାକାରୀ ଲୋକମାନଙ୍କୁ କଦାପି (ସଫଳତାର) ପଥ ପ୍ରଦର୍ଶନ କରାଇବେ ନାହିଁ ।

(ଅଲ ମାଏଦା : ୬୮)

# ଉପାସନା

ଇସଲାମ ଧର୍ମର ପାଞ୍ଚଗୋଟି ସ୍ତମ୍ଭ ମଧ୍ୟରୁ ପ୍ରାର୍ଥନା ହେଉଛି ଦ୍ୱିତୀୟ ସ୍ତମ୍ଭ । ଅବଶ୍ୟ ପ୍ରଥମଟି ହେଉଛି ପରଂବ୍ରହ୍ମଙ୍କ ଏକତ୍ୱରେ ବିଶ୍ୱାସ । ସ୍ରଷ୍ଟାଙ୍କ ସହିତ ନିଜର ମିଳନକୁ ସୁପ୍ରତିଷ୍ଠିତ କରିବା ଓ ଦୃଢ଼ୀଭୂତ କରିବା ଏବଂ ତାଙ୍କ ନିକଟକୁ ଆକର୍ଷିତ ହେବାର ସବୁଠାରୁ ଶକ୍ତିଶାଳୀ ପନ୍ଥା ହେଉଛି ପ୍ରାର୍ଥନା । ଏହା ଏକ ଗତିଶୀଳ ଅନୁଭୁତି । ଅଲ୍ଲାଃ ପ୍ରାର୍ଥନା ଶୁଣନ୍ତି ଓ ତାର ଜବାବ ଦିଅନ୍ତି । ନିଶ୍ଚିତ ରୂପେ ଯେ ଅଲ୍ଲାଃଙ୍କର କୃପା, ଅନୁକମ୍ପା ଓ ଶକ୍ତି ହାସଲ ହେବ ଏହି ଭରସାରେ ସେହି ପବିତ୍ର ଓ ମହାମହିମ ପ୍ରଭୁଙ୍କଠାରୁ ପ୍ରତ୍ୟକ୍ଷ ଓ ଅବାରିତ ଭାବେ ପ୍ରାର୍ଥନାକାରୀର ଆତ୍ମାର ନିବେଦନ ହେଉଛି ଇସଲାମୀୟ ପ୍ରାର୍ଥନାର ତତ୍ତ୍ୱ । ଉପାସନାରେ ମଣିଷ ଓ ତାର ସ୍ରଷ୍ଟା ମଧ୍ୟରେ ମଧ୍ୟସ୍ଥତାର ଆବଶ୍ୟକତା ନାହିଁ ।

## ଅଧ୍ୟାୟ ୯୮

وَمَآ اُمِرُوۡۤا اِلَّا لِيَعۡبُدُوا اللّٰهَ مُخۡلِصِيۡنَ لَهُ الدِّيۡنَ ۙ حُنَفَآءَ وَ يُقِيۡمُوا الصَّلٰوةَ وَيُؤۡتُوا الزَّكٰوةَ وَذٰلِكَ دِيۡنُ الۡقَيِّمَةِ ؕ۝۶

୬. ଅଥଚ ସେମାନଙ୍କୁ ଏହି ଆଦେଶ ଦିଆଯାଇଥିଲା ଯେ ସେମାନେ କେବଳ ଜଣେ ମାତ୍ର ଅଲ୍ଲାହଙ୍କର ଉପାସନା କରନ୍ତୁ ଏବଂ କେବଳ ତାହାଙ୍କ ପାଇଁ ଉପାସନାକୁ (ଏପରି ଅବସ୍ଥାରେ) ସୁନିଶ୍ଚିତ କରନ୍ତୁ ଯେ ସେମାନେ ନିଜ ବାସ୍ତବ ଅନୁରକ୍ତିରେ ଦୃଢ଼ ରହନ୍ତୁ ଏବଂ (ପୁନଶ୍ଚ କେବଳ ଏହି ଆଦେଶ କରାଯାଇଥିଲା ଯେ) ସାମୂହିକ ନମାଜ ପାଠ କରନ୍ତୁ ଓ ଜକାତ ଦିଅନ୍ତୁ ଏବଂ ଏହା ହିଁ (ସର୍ବଦା ସତ୍ୟ ଉପରେ) ପ୍ରତିଷ୍ଠିତ ଧର୍ମ ।

(ଅଲ ବୟିଏନାହ୍ : ୬)

## ଅଧ୍ୟାୟ ୫୧

وَمَا خَلَقۡتُ الۡجِنَّ وَالۡاِنۡسَ اِلَّا لِيَعۡبُدُوۡنِ ۝۵۷

୫୭. ଏବଂ ଆମ୍ଭେ ଜୀନ୍ ଓ ମନୁଷ୍ୟମାନଙ୍କୁ କେବଳ ଆମ୍ଭର ଉପାସନା ସକାଶେ ସୃଷ୍ଟି କରିଅଛୁଁ ।

(ଅଲ ଜାରିଆତ୍ : ୫୭)

## ଅଧ୍ୟାୟ ୧୭

اَقِمِ الصَّلٰوةَ لِدُلُوۡكِ الشَّمۡسِ اِلٰى غَسَقِ الَّيۡلِ وَقُرۡاٰنَ الۡفَجۡرِ ؕ اِنَّ قُرۡاٰنَ الۡفَجۡرِ كَانَ مَشۡهُوۡدًا ۝۷۹

୭୯. (ମଧ୍ୟାହ୍ନରେ) ସୂର୍ଯ୍ୟ ଢ଼ଳିବା ପରଠାରୁ ରାତ୍ରିର ଘନ ଅନ୍ଧକାର ପର୍ଯ୍ୟନ୍ତ ତୁମ୍ଭେ (ବିଭିନ୍ନ ସମୟରେ) ସୁଚାରୁ ରୂପେ ନମାଜ ପାଠ କର ଏବଂ ପ୍ରଭାତରେ (ପବିତ୍ର) କୁରଆନ ଆବୃତ୍ତି (କରିବାକୁ ବିଧେୟ ମନେ) କର । ପ୍ରଭାତରେ (ପବିତ୍ର କୁରଆନ) ଆବୃତ୍ତି କରିବା ବାସ୍ତବିକ (ଅଲ୍ଲାହଙ୍କ ନିକଟରେ) ଏକ ଗ୍ରହଣଯୋଗ୍ୟ କର୍ମ ଅଟେ ।

وَمِنَ الَّيۡلِ فَتَهَجَّدۡ بِهٖ نَافِلَةً لَّكَ ۖ عَسٰۤى اَنۡ يَّبۡعَثَكَ رَبُّكَ مَقَامًا مَّحۡمُوۡدًا ۝٨٠

୮୦. ଏବଂ ରାତ୍ରିରେ କିଛି ସମୟ ନିଦ୍ରା ଯିବା ପରେ ନିଦ୍ରା ତ୍ୟାଗ କରି ଏହା (ଅର୍ଥାତ୍ ପବିତ୍ର କୁରଆନ) ମାଧ୍ୟମରେ ଅତିରିକ୍ତ ଆରାଧନା (ଅର୍ଥାତ ତହଜ୍ଜୁଦ ନମାଜ ପାଠ) କର; ଏହା ତୁମ ପାଇଁ ଏକ ଅତିରିକ୍ତ ପୁରସ୍କାର ସ୍ୱରୂପ । (ଏହି ରୂପେ) ତୁମର ପାଳନକର୍ତ୍ତା ତୁମକୁ ଏକ ପ୍ରଶଂସିତ ସ୍ଥାନରେ ପ୍ରତିଷ୍ଠିତ କରିବାର ସମ୍ଭାବନା ଅଛି ।

(ବନି ଇସ୍ରାଇଲ : ୭୯, ୮୦)

## ଅଧ୍ୟାୟ ୨

حٰفِظُوۡا عَلَى الصَّلَوٰتِ وَالصَّلٰوةِ الۡوُسۡطٰى ۗ وَقُوۡمُوۡا لِلّٰهِ قٰنِتِيۡنَ ۝٢٣٩

୨୩୯. ତୁମେମାନେ (ସକଳ ପ୍ରକାର) ନମାଜ ଓ (ବିଶେଷତଃ) ମଧ୍ୟବର୍ତ୍ତୀ ନମାଜ ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଅ; ଏବଂ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ବିନୀତ ଭାବରେ ଦଣ୍ଡାୟମାନ ହୁଅ ।

(ଅଲ ବକରା : ୨୩୯)

# ଉପବାସ

ରମଜାନ ଚନ୍ଦ୍ର ମାସରେ ପ୍ରତ୍ୟୁଷରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉପବାସ ରହିବାର ବିଧାନ ପବିତ୍ର କୁରଆନରେ ଧାର୍ଯ୍ୟ କରାଯାଇଛି । ଏହା ଏପରି ଏକ ଶୃଙ୍ଖଳା ଯାହା ଧର୍ମ ନିଷ୍ଠାକୁ ବୃଦ୍ଧି କରାଇବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକତାର ଚରମ ସୀମାକୁ ଅତିକ୍ରମ କରିବାରେ ଧର୍ମାଦ୍ୱେଷୀଙ୍କୁ ସହଜସାଧ୍ୟ କରାଏ । ଉପବାସ କରୁଥିବା ବ୍ୟକ୍ତି ସମସ୍ତ ପ୍ରକାର ଆଧ୍ୟାତ୍ମିକ ପୁରସ୍କାର ଓ ଦାନ ସମ୍ବନ୍ଧରେ ସଚେତନ ହୁଏ । ତେଣୁ ଉପବାସ ସେ ସବୁକୁ ହିତକର ଭାବେ କାର୍ଯ୍ୟରେ ଲଗାଇବାରେ ସାହାଯ୍ୟ କରେ ।

## ଅଧ୍ୟାୟ ୨

୧୮୪. ହେ ବିଶ୍ୱାସକାରୀଗଣ ! ରୋଜା ରଖିବା ତୁମମାନଙ୍କ ପାଇଁ (ସେହିପରି) ବାଧ୍ୟତାମୂଳକ କରାଯାଇଛି, ଯେପରି ତୁମମାନଙ୍କର ପୂର୍ବବର୍ତ୍ତୀ ବ୍ୟକ୍ତିମାନଙ୍କ ସକାଶେ ଏହା ବାଧ୍ୟତାମୂଳକ କରାଯାଇଥିଲା । ଫଳରେ ତୁମେମାନେ (ଆଧ୍ୟାତ୍ମିକ ଓ ନୈତିକ ଦୁର୍ବଳତା ଜନିତ ତ୍ରୁଟିରୁ) ରକ୍ଷା ପାଇବ ।

يَاَيُّهَا الَّذِيۡنَ اٰمَنُوۡا كُتِبَ عَلَيۡكُمُ الصِّيَامُ كَمَا كُتِبَ عَلَى الَّذِيۡنَ مِنۡ قَبۡلِكُمۡ لَعَلَّكُمۡ تَتَّقُوۡنَ ۙ﴿۱۸۴﴾

୧୮୫. (ସୁତରାଂ ତୁମେମାନେ ରୋଜା ରଖ) କେତେକ ନିର୍ଦ୍ଦିଷ୍ଟ ଦିନରେ; ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ପୀଡ଼ିତ ଥାଏ ବା ଯାତ୍ରା କରୁଥାଏ (ସେ) ଅନ୍ୟ ଦିନଗୁଡ଼ିକରେ ସେହି ନିର୍ଦ୍ଦିଷ୍ଟ ସଂଖ୍ୟକ ରୋଜା (ପୂରଣ) କରିବ ଏବଂ ଯେଉଁମାନେ ଏହା ରଖିବାକୁ ସମର୍ଥ ନୁହନ୍ତି (ଯଦି ସେମାନଙ୍କର ସାମର୍ଥ୍ୟ ଥାଏ) ତେବେ (କ୍ଷତିପୂରଣ ଅର୍ଥାତ ଫିଦିଆ ସ୍ୱରୂପ) ଜଣେ ଦରିଦ୍ର ଲୋକଙ୍କୁ ଖାଇବାକୁ ଦେବା ବିଧେୟ । ଯେଉଁ ବ୍ୟକ୍ତି ପୂର୍ଣ୍ଣମାତ୍ରାରେ ଆଜ୍ଞା ପାଳନ କରି କୌଣସି ପୁଣ୍ୟ କାର୍ଯ୍ୟ କରିବ, ଏହା ତା' ପକ୍ଷରେ ଉତ୍କୃଷ୍ଟ ହେବ; ଏବଂ ଯଦି ତୁମର ଜ୍ଞାନ ଥାଏ ତେବେ (ମନେରଖ ଯେ) ରୋଜା ରଖିବା ତୁମମାନଙ୍କ ପକ୍ଷରେ ଉତ୍କୃଷ୍ଟତର ।

(ଅଲ ବକରା : ୧୮୪-୧୮୫)

اَيَّامًا مَّعۡدُوۡدٰتٍ ؕ فَمَنۡ كَانَ مِنۡكُمۡ مَّرِيۡضًا اَوۡ عَلٰى سَفَرٍ فَعِدَّةٌ مِّنۡ اَيَّامٍ اُخَرَ ؕ وَعَلَى الَّذِيۡنَ يُطِيۡقُوۡنَهٗ فِدۡيَةٌ طَعَامُ مِسۡكِيۡنٍ ؕ فَمَنۡ تَطَوَّعَ خَيۡرًا فَهُوَ خَيۡرٌ لَّهٗ ؕ وَاَنۡ تَصُوۡمُوۡا خَيۡرٌ لَّكُمۡ اِنۡ كُنۡتُمۡ تَعۡلَمُوۡنَ ﴿۱۸۵﴾

# ଅଲ୍ଲାହଙ୍କ ମାର୍ଗରେ ବ୍ୟୟ କରିବା

ପବିତ୍ର କୁରଆନରେ ବିହିତ ହୋଇଥିବା ପ୍ରଧାନ କରର ନାମ 'ଜକାତ୍'ରୁ ହିଁ ତାହାର ଉଦ୍ଦେଶ୍ୟ ସ୍ପଷ୍ଟ ହୁଏ । ଏହି ଶବ୍ଦର ଅର୍ଥ ହେଉଛି ଯାହା ପବିତ୍ର କରାଏ ଓ ପାଳନ କରେ । ସମସ୍ତ ସମ୍ପତ୍ତିରୁ ଗୋଷ୍ଠୀର ଅଂଶ କାଢ଼ି ନିଆଯିବା ପରେ ଅନ୍ୟ ହକ୍‌ଦାରମାନଙ୍କ ବ୍ୟବହାର ପାଇଁ ଯାହା ରହିଲା, ତାହା ସେମାନଙ୍କ ସକାଶେ ପବିତ୍ର ହୋଇଯାଏ ଓ ଆଦାୟ ହୋଇଥିବା ସମ୍ପତ୍ତିକୁ ଗୋଷ୍ଠୀ ସେବାରେ ଲଗାଇଲେ ଗୋଷ୍ଠୀର ମଙ୍ଗଳ ସାଧନ ହୁଏ । ଜକାତ୍ ହେଉଛି ଇସଲାମ ଧର୍ମର ଅନ୍ୟତମ ସ୍ତମ୍ଭ । ସ୍ୱଜାତୀୟ ବ୍ୟକ୍ତିମାନଙ୍କ ପ୍ରତି ନିଜ ଦାୟିତ୍ୱର ଗୁରୁତ୍ୱ ଏହିରୂପେ ପ୍ରତିଫଳିତ ହୁଏ ।

## ଅଧ୍ୟାୟ ୨

وَاَقِيۡمُوا الصَّلٰوةَ وَاٰتُوا الزَّكٰوةَ وَارۡكَعُوۡا مَعَ الرّٰكِعِيۡنَ ۝٤٤

୪୪. ଏବଂ ସୁଚାରୁ ରୂପେ ନମାଜ ପାଠ କର ତଥା ଜକାତ୍ ଦିଅ ଏବଂ ଅଲ୍ଲାଃଙ୍କର (ପ୍ରକୃତ) ଉପାସନାକାରୀମାନଙ୍କ ସହ ମିଳିତ ହୋଇ ତାହାଙ୍କର ଯଥୋଚିତ ଉପାସନା କର ।

(ଅଲ ବକରା : ୪୪)

## ଅଧ୍ୟାୟ ୩୦

فَاٰتِ ذَا الۡقُرۡبٰى حَقَّهٗ وَالۡمِسۡكِيۡنَ وَابۡنَ السَّبِيۡلِ ؕ ذٰلِكَ خَيۡرٌ لِّلَّذِيۡنَ يُرِيۡدُوۡنَ وَجۡهَ اللّٰهِ ۚ وَاُولٰٓـئِكَ هُمُ الۡمُفۡلِحُوۡنَ ۝٣٩

୩୯. ସୁତରାଂ (ଯେତେବେଳେ ଅଲ୍ଲାଃ ଜୀବିକାକୁ ପ୍ରଶସ୍ତ କରି ଦିଅନ୍ତି, ସେତେବେଳେ ହେ କୁରଆନର ଅନୁଗାମୀଗଣ!) ନିକଟ ସମ୍ପର୍କୀୟ (ସ୍ୱଜନ)ମାନଙ୍କୁ, ଦରିଦ୍ରମାନଙ୍କୁ ଓ ପଥିକମାନଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ କର; ଯେଉଁମାନେ ଅଲ୍ଲାଃଙ୍କର ଅନୁଗ୍ରହ ଲାଭ କରିବା ଇଚ୍ଛା କରନ୍ତି ଏହା ସେମାନଙ୍କ ପକ୍ଷରେ ଅତ୍ୟନ୍ତ ଉତ୍କୃଷ୍ଟ ଓ ସେହି ଲୋକମାନେ କୃତକାର୍ଯ୍ୟ ହେବେ ।

(ଅଲ ରୁମ୍ : ୩୯)

## ଅଧ୍ୟାୟ ୫୧

وَفِىۡۤ اَمۡوَالِهِمۡ حَقٌّ لِّلسَّآئِلِ وَالۡمَحۡرُوۡمِ ۝٢٠

୨୦. ଏବଂ ସେମାନଙ୍କ ଧନ ସମ୍ପତ୍ତିରେ ଭିକ୍ଷୁକମାନଙ୍କର ମଧ୍ୟ ଭାଗ ରହିଥିଲା; ଏବଂ ଯେଉଁମାନେ ଭିକ୍ଷା କରିପାରୁ ନଥିଲେ ସେମାନଙ୍କର ମଧ୍ୟ (ଭାଗ) ରହିଥିଲା ।

(ଅଲ ଜାରିଆତ୍ : ୨୦)

## ଅଧ୍ୟାୟ ୭୦

وَالَّذِيۡنَ فِىۡۤ اَمۡوَالِهِمۡ حَقٌّ مَّعۡلُوۡمٌ ۝٢٥

୨୫-୨୬. ଏବଂ ଯେଉଁମାନଙ୍କର ଧନ ସମ୍ପତ୍ତିରେ ଦରିଦ୍ର ଭିକ୍ଷୁକମାନଙ୍କର ତଥା

لِّلسَّآئِلِ وَالْمَحْرُوْمِ ۝٢٦

ଯେଉଁମାନେ ଭିକ୍ଷା କରିବାରୁ ବଞ୍ଚିତ, ସେମାନଙ୍କର ମଧ୍ୟ ଏକ ନିର୍ଦ୍ଦିଷ୍ଟ ଭାଗ ରହିଅଛି ।

(ଅଲ ମଆରିଜ : ୨୫-୨୬)

## ଅଧ୍ୟାୟ ୯

اِنَّمَا الصَّدَقٰتُ لِلْفُقَرَآءِ وَالْمَسٰكِيْنِ وَالْعٰمِلِيْنَ عَلَيْهَا وَالْمُؤَلَّفَةِ قُلُوْبُهُمْ وَفِى الرِّقَابِ وَالْغٰرِمِيْنَ وَفِىْ سَبِيْلِ اللّٰهِ وَابْنِ السَّبِيْلِ ؕ فَرِيْضَةً مِّنَ اللّٰهِ ؕ وَاللّٰهُ عَلِيْمٌ حَكِيْمٌ ۝٦٠

୬୦. ଦାନ କେବଳ ଦରିଦ୍ର ଓ ଅଭାବଗ୍ରସ୍ତମାନଙ୍କ ପାଇଁ ଓ ଯେଉଁମାନେ ଏହି ଦାନ ସଂଗ୍ରହ କରନ୍ତି ସେମାନଙ୍କ ପାଇଁ ଏବଂ ଯେଉଁମାନଙ୍କ ହୃଦୟ (ତୁମମାନଙ୍କ ହୃଦୟ ସହିତ) ସଂଯୁକ୍ତ ହେବାକୁ ଉଦ୍ଦିଷ୍ଟ ସେମାନଙ୍କ ପାଇଁ; ଏବଂ ଏହି ରୂପେ ବନ୍ଦୀ ଓ ଋଣଗ୍ରସ୍ତମାନଙ୍କ ପାଇଁ ଏବଂ ଯେଉଁମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ (ଯୁଦ୍ଧ କରନ୍ତି) ସେମାନଙ୍କ ପାଇଁ ତଥା ପଥିକମାନଙ୍କ ପାଇଁ; ଏହା ଅଲ୍ଲାଃଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଅଛି; ଏବଂ ଅଲ୍ଲାଃ ହିଁ ସର୍ବଜ୍ଞ ଓ ତତ୍ତ୍ୱଜ୍ଞ ।

(ଅଲ ତୌବା: ୬୦)

## ଅଧ୍ୟାୟ ୨

يٰۤاَيُّهَا الَّذِيْنَ اٰمَنُوْۤا اَنْفِقُوْا مِمَّا رَزَقْنٰكُمْ مِّنْ قَبْلِ اَنْ يَّاْتِىَ يَوْمٌ لَّا بَيْعٌ فِيْهِ وَلَا خُلَّةٌ وَّلَا شَفَاعَةٌ ؕ وَالْكٰفِرُوْنَ هُمُ الظّٰلِمُوْنَ ۝٢٥٥

୨୫୫. ହେ ବିଶ୍ୱାସକାରୀଗଣ ! ଯେଉଁଦିନ କୌଣସି ପ୍ରକାର କ୍ରୟ ବିକ୍ରୟ, ବନ୍ଧୁତା ଓ ସୁପାରିଶ ଚଳିବ ନାହିଁ, ସେହି ଦିନର ଆଗମନ ପୂର୍ବରୁ ଆମ୍ଭେ ତୁମମାନଙ୍କୁ ଯାହା କିଛି ଦେଇଅଛୁଁ ସେଥିରୁ (ଯଥା ସମ୍ଭବ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ) ବ୍ୟୟ କର; ଏବଂ ଏହାକୁ (ଅର୍ଥାତ ଏହି ଆଦେଶକୁ) ଅବଜ୍ଞା କରିଥିବା ବ୍ୟକ୍ତିମାନେ ହିଁ (ନିଜ ଉପରେ)ଅତ୍ୟାଚର କରୁଛନ୍ତି ।

مَثَلُ الَّذِيْنَ يُنْفِقُوْنَ اَمْوَالَهُمْ فِىْ سَبِيْلِ اللّٰهِ كَمَثَلِ حَبَّةٍ اَنْۢبَتَتْ سَبْعَ سَنَابِلَ فِىْ كُلِّ

୨୬୨. ଯେଉଁମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ସେମାନଙ୍କର ଉପମା ସେହି ଶସ୍ୟର ଏକ ବୀଜ ସହିତ ତୁଳନୀୟ,

سُنۢبُلَةٍ مِّائَةُ حَبَّةٍ ؕ وَاللّٰهُ يُضٰعِفُ لِمَنۡ يَّشَآءُ ؕ وَاللّٰهُ وَاسِعٌ عَلِيۡمٌ ﴿۲۶۲﴾

ଯେଉଁଥିରୁ ସାତଗୋଟି ଶସ୍ୟ ଗୁଚ୍ଛ ଉତ୍ପନ୍ନ ହୁଏ ଏବଂ ପ୍ରତ୍ୟେକ ଗୁଚ୍ଛରେ ଏକଶତ ବୀଜ ଥାଏ ଏବଂ ଅଲ୍ଲାଃ ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି ତାହାକୁ (ଏହାଠାରୁ ମଧ୍ୟ) ଅଧିକ ପ୍ରଦାନ କରନ୍ତି; ଏବଂ ଅଲ୍ଲାଃ ହିଁ ସର୍ବବ୍ୟାପୀ ଓ ସର୍ବଜ୍ଞ ।

اَلَّذِيۡنَ يُنۡفِقُوۡنَ اَمۡوَالَهُمۡ فِىۡ سَبِيۡلِ اللّٰهِ ثُمَّ لَا يُتۡبِعُوۡنَ مَاۤ اَنۡفَقُوۡا مَنًّا وَّلَاۤ اَذًى ۙ لَّهُمۡ اَجۡرُهُمۡ عِنۡدَ رَبِّهِمۡ ۚ وَلَا خَوۡفٌ عَلَيۡهِمۡ وَلَا هُمۡ يَحۡزَنُوۡنَ ﴿۲۶۳﴾

୨୬୩. ଯେଉଁମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ଏବଂ ବ୍ୟୟ କରିବା ପରେ କୌଣସି ପ୍ରକାର ପ୍ରତ୍ୟୁପକାର ଆଶା କରନ୍ତି ନାହିଁ ବା କୌଣସି ପ୍ରକାର କଷ୍ଟ ଦିଅନ୍ତି ନାହିଁ, ସେମାନଙ୍କ ପାଇଁ ସେମାନଙ୍କର ପାଳନକର୍ତ୍ତାଙ୍କ ନିକଟରେ (ସେମାନଙ୍କ କର୍ମର) ପ୍ରତିଫଳ ଗଚ୍ଛିତ ଅଛି; ସେମାନଙ୍କର କୌଣସି ଭୟ ନାହିଁ କି ସେମାନେ ଦୁଃଖିତ ହେବେ ନାହିଁ ।

وَمَثَلُ الَّذِيۡنَ يُنۡفِقُوۡنَ اَمۡوَالَهُمُ ابۡتِغَآءَ مَرۡضَاتِ اللّٰهِ وَتَثۡبِيۡتًا مِّنۡ اَنۡفُسِهِمۡ كَمَثَلِ جَنَّةٍۢ بِرَبۡوَةٍ اَصَابَهَا وَابِلٌ فَاٰتَتۡ اُكُلَهَا ضِعۡفَيۡنِ ۚ فَاِنۡ لَّمۡ يُصِبۡهَا وَابِلٌ فَطَلٌّ ؕ وَاللّٰهُ بِمَا تَعۡمَلُوۡنَ بَصِيۡرٌ ﴿۲۶۶﴾

୨୬୬. ଏବଂ ଯେଉଁମାନେ ଅଲ୍ଲାଃଙ୍କ ପ୍ରୀତିଭାଜନ ହେବାପାଇଁ ଓ ନିଜକୁ ସୁଦୃଢ଼ କରିବା ପାଇଁ ଧନ ବ୍ୟୟ କରନ୍ତି ସେମାନଙ୍କ ଉପମା ଉଚ୍ଚ ଭୂମି ଉପରେ ଥିବା ଏକ ଉଦ୍ୟାନ ସଦୃଶ, ଯେଉଁଠାରେ ବହୁଳ ବୃଷ୍ଟି ହେଲେ ତାହା ଦୁଇଗୁଣ ଫଳ ଦିଏ ଏବଂ ବହୁଳ ବୃଷ୍ଟି ନହେଲେ, ଅଳ୍ପ ବୃଷ୍ଟି ହିଁ (ତାହାପାଇଁ ଯଥେଷ୍ଟ); ଏବଂ ତୁମ୍ଭେମାନେ ଯାହା କରୁଅଛ, ଅଲ୍ଲାଃ ତାହା ଦେଖୁଛନ୍ତି ।

اَلَّذِيۡنَ يُنۡفِقُوۡنَ اَمۡوَالَهُمۡ بِالَّيۡلِ وَالنَّهَارِ سِرًّا وَّ عَلَانِيَةً فَلَهُمۡ اَجۡرُهُمۡ عِنۡدَ رَبِّهِمۡ ۚ وَلَا خَوۡفٌ عَلَيۡهِمۡ وَلَا هُمۡ يَحۡزَنُوۡنَ ﴿۲۷۵﴾

୨୭୫. ଯେଉଁମାନେ ଦିବାରାତ୍ରି ନିଜର ଧନକୁ ଗୋପନରେ ଓ ପ୍ରକାଶ୍ୟରେ (ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ) ବ୍ୟୟ କରନ୍ତି, ସେମାନଙ୍କ ପାଇଁ ସେମାନଙ୍କ ପାଳନକର୍ତ୍ତାଙ୍କ ନିକଟରେ ପ୍ରତିଫଳ (ଗଚ୍ଛିତ) ଅଛି । ସେମାନେ ଭୟଭୀତ ହେବେ ନାହିଁ କି ଦୁଃଖିତ ହେବେ ନାହିଁ ।

(ଅଲ ବକରା :୨୫୫ ,୨୬୨-୨୬୩,୨୬୬,୨୭୫)

هَٰٓاَنۡتُمۡ هٰٓؤُلَآءِ تُدۡعَوۡنَ لِتُنۡفِقُوۡا فِیۡ
سَبِیۡلِ اللّٰہِ ۚ فَمِنۡکُمۡ مَّنۡ یَّبۡخَلُ ۚ وَمَنۡ
یَّبۡخَلۡ فَاِنَّمَا یَبۡخَلُ عَنۡ نَّفۡسِہٖ ؕ وَاللّٰہُ
الۡغَنِیُّ وَاَنۡتُمُ الۡفُقَرَآءُ ۚ وَاِنۡ تَتَوَلَّوۡا
یَسۡتَبۡدِلۡ قَوۡمًا غَیۡرَکُمۡ ۙ ثُمَّ لَا یَکُوۡنُوۡۤا
اَمۡثَالَکُمۡ ﴿۳۹﴾

୩୯. ଶୁଣ! ତୁମେମାନେ ଏପରି ଲୋକ ଯେଉଁମାନଙ୍କୁ ଏଥି ସକାଶେ ଆହ୍ୱାନ କରାଯାଉଛି ଯେ ତୁମେମାନେ ଅଲ୍ଲାଙ୍କ ପଥରେ ବ୍ୟୟ କର ଏବଂ ତୁମମାନଙ୍କ ମଧ୍ୟରେ ଏପରି କେତେକ ଅଛନ୍ତି ଯେଉଁମାନେ କୃପଣତାର ବଶବର୍ତ୍ତୀ ହୋଇଛନ୍ତି; ଏବଂ ଯେ କେହି କୃପଣତା କରେ ସେ ନିଜ ବିରୁଦ୍ଧରେ ହିଁ କୃପଣତା କରେ; ଅଲ୍ଲାଃହିଁ ସ୍ୱୟଂ ପର୍ଯ୍ୟାପ୍ତ ଅଥଚ ତୁମେମାନେ ନିର୍ଭରଶୀଳ ଅଟ; ଏବଂ ଯଦି ତୁମେମାନେ ଫେରିଯିବ, ତେବେ ସେ ତୁମମାନଙ୍କ ସ୍ଥାନରେ ଅନ୍ୟ ଏକ ସମ୍ପ୍ରଦାୟକୁ ଘେନି ଆସିବେ ଏବଂ ସେମାନେ ତୁମମାନଙ୍କ ସଦୃଶ (ଅଳସୁଆ) ହେବେ ନାହିଁ ।

(ମୁହମ୍ମଦ : ୩୯)

# ତୀର୍ଥଯାତ୍ରା (ହଜ) ଓ କା'ବା (ଅଲ୍ଲାଃଙ୍କ ଗୃହ)

ଯଦି ସମ୍ବଳ ଥାଏ ଏବଂ ଯାତ୍ରା ନିରାପଦ ହୁଏ, ତେବେ ଜୀବନରେ ଥରେ ମକ୍କାକୁ ତୀର୍ଥଯାତ୍ରା କରିବା ଲାଗି କୁରଆନ୍‌ରେ ନିର୍ଦ୍ଦେଶ ଦିଆଯାଇଛି । ତୀର୍ଥଯାତ୍ରାର କେନ୍ଦ୍ର ହେଉଛି କା'ବା, ଯାହା କୁରଆନ୍ ଅନୁସାରେ ଅଲ୍ଲାଃଙ୍କର ଉପାସନା ପାଇଁ ପ୍ରଥମ ନିର୍ମିତ ଗୃହ । ମୁସଲମାନମାନଙ୍କ ମନରେ ଆନ୍ତର୍ଜାତିକ ଭ୍ରାତୃଭାବ ସୃଷ୍ଟି କରିବା ଏବଂ କେତେକ କ୍ରିୟାନୁଷ୍ଠାନ ମାଧ୍ୟମରେ ତୀର୍ଥଯାତ୍ରୀମାନଙ୍କ ମନରେ ଅଲ୍ଲାଃଙ୍କୁ ଜୀବନର କେନ୍ଦ୍ରବିନ୍ଦୁ ରୂପେ ଅଙ୍କିତ କରିବା ହେଉଛି ତୀର୍ଥଯାତ୍ରାର ଉଦ୍ଦେଶ୍ୟ ।

# ଅଧ୍ୟାୟ ୨୨

୨୬. (କିନ୍ତୁ) ଯେଉଁମାନେ ଅବଜ୍ଞାକାରୀ ହୋଇଥାନ୍ତି ଓ ଅଲ୍ଲାଃଙ୍କ ମାର୍ଗରୁ (ମସଜିଦ ଏ ହରାମ ରୂପେ ଖ୍ୟାତ) ଅଲ୍ଲାଃଙ୍କର ସେହି ପବିତ୍ର ଗୃହ, ଯାହାକୁ ଆମ୍ଭେ ସମଗ୍ର ମାନବଜାତିର କଲ୍ୟାଣ ସକାଶେ ଗଢ଼ି ଅଛୁଁ, ସେଠାକୁ ଯିବାରେ (ଲୋକମାନଙ୍କୁ) ବାଧା ଦିଅନ୍ତି ଏବଂ ସେମାନଙ୍କୁ ମଧ୍ୟ (ବାଧା ଦିଅନ୍ତି) ଯେଉଁମାନେ ଏହା ମଧ୍ୟରେ ଉପାସନା କରନ୍ତି ଓ ସେମାନଙ୍କୁ ମଧ୍ୟ ଯେଉଁମାନେ ଜଙ୍ଗଲରେ ବାସ କରନ୍ତି; ଏବଂ ଯେଉଁ ବ୍ୟକ୍ତି ତହିଁରେ ଅତ୍ୟାଚାର ପୂର୍ବକ ବକ୍ରତା ସୃଷ୍ଟି କରିବାକୁ ଇଚ୍ଛା କରନ୍ତି, ସେମାନଙ୍କୁ ଆମ୍ଭେ ଯନ୍ତ୍ରଣାଦାୟକ ଶାସ୍ତି ପ୍ରଦାନ କରିବୁଁ ।

إِنَّ الَّذِينَ كَفَرُوا وَيَصُدُّونَ عَن سَبِيلِ
اللَّهِ وَالْمَسْجِدِ الْحَرَامِ الَّذِي جَعَلْنَاهُ
لِلنَّاسِ سَوَاءً الْعَاكِفُ فِيهِ وَالْبَادِ ۚ
وَمَن يُرِدْ فِيهِ بِإِلْحَادٍ بِظُلْمٍ نُّذِقْهُ
مِنْ عَذَابٍ أَلِيمٍ ﴿٢٦﴾

୨୭. ଏବଂ (ସ୍ମରଣ କର) ଯେତେବେଳେ ଆମ୍ଭେ ଇବ୍ରାହିମଙ୍କୁ ଅଲ୍ଲାଃଙ୍କ ଗୃହ (ଅର୍ଥାତ କାବା) ଠାରେ ଅବସ୍ଥାନ କରିବା ପାଇଁ ସୁଯୋଗ ଦେଲୁଁ (ଓ କହିଲୁଁ) "ଆମ୍ଭ ସହିତ କୌଣସି ବସ୍ତୁକୁ ସମକକ୍ଷ କର ନାହିଁ ଓ ଆମ୍ଭ ଗୃହକୁ ପରିକ୍ରମାକାରୀମାନଙ୍କ (ଅର୍ଥାତ ତୱାଫ୍) ସକାଶେ, ଦଣ୍ଡାୟମାନ ହୋଇ ଉପାସନା କରୁଥିବା ବ୍ୟକ୍ତିମାନଙ୍କ ସକାଶେ ତଥା ରୁକୁ ଓ ସଜ୍‌ଦା କରୁଥିବା ବ୍ୟକ୍ତିମାନଙ୍କ ସକାଶେ ପବିତ୍ର ରଖ ।"

وَإِذْ بَوَّأْنَا لِإِبْرَاهِيمَ مَكَانَ الْبَيْتِ أَن لَّا
تُشْرِكْ بِي شَيْئًا وَطَهِّرْ بَيْتِيَ لِلطَّائِفِينَ
وَالْقَائِمِينَ وَالرُّكَّعِ السُّجُودِ ﴿٢٧﴾

୨୮. ଏବଂ ଲୋକମାନଙ୍କ ମଧ୍ୟରେ ଘୋଷଣା କର ଯେ ସେମାନେ ହଜ ଉଦ୍ଦେଶ୍ୟରେ ତୁମ୍ଭ ନିକଟକୁ ଚାଲି ଚାଲି ଓ ଏପରି ବାହାନରେ (ଅର୍ଥାତ ଓଟ ଉପରେ) ଯାହା ଦୀର୍ଘ ଯାତ୍ରା ଯୋଗୁଁ ଶୀର୍ଣ୍ଣ ହୋଇ ଯାଇଥିବ, (ଏପରି ବାହାନ) ଦୂରଦୂରାନ୍ତରୁ ଗଭୀର ପଥ ଅତିକ୍ରମ କରି ଆସିବେ ।

وَأَذِّن فِي النَّاسِ بِالْحَجِّ يَأْتُوكَ رِجَالًا
وَعَلَىٰ كُلِّ ضَامِرٍ يَأْتِينَ مِن كُلِّ
فَجٍّ عَمِيقٍ ﴿٢٨﴾

لِّيَشْهَدُوْا مَنَافِعَ لَهُمْ وَيَذْكُرُوا اسْمَ اللّٰهِ فِيْٓ اَيَّامٍ مَّعْلُوْمٰتٍ عَلٰى مَا رَزَقَهُمْ مِّنْۢ بَهِيْمَةِ الْاَنْعَامِ ۚ فَكُلُوْا مِنْهَا وَاَطْعِمُوا الْبَآىِٕسَ الْفَقِيْرَ ٢٩

୨୯. ଯେପରିକି ସେ (ତୀର୍ଥଯାତ୍ରୀ) ମାନେ ସେହି ଲାଭକୁ ଲକ୍ଷ୍ୟ କରିବେ ଯାହା ସେମାନଙ୍କ ସକାଶେ (ନିର୍ଦ୍ଦିଷ୍ଟ) ରହିଅଛି; ଏବଂ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ଅଲ୍ଲାଃଙ୍କୁ ତାହାଙ୍କର ସେହି କୃପା ଯୋଗୁଁ ସ୍ମରଣ କର । ଯାହା ଆମ୍ଭେ (ଅଲ୍ଲାଃ) ସେମାନଙ୍କୁ ଦେଇଅଛୁଁ, ଅର୍ଥାତ ବିଭିନ୍ନ ପ୍ରକାର ବଡ଼ ବଡ଼ ଚତୁଃସ୍ପଦ ପ୍ରାଣୀ (ସେ ପଶୁମାନଙ୍କ ଉପରେ ଅଲ୍ଲାଃଙ୍କ ନାମ ଉଚ୍ଚାରଣ କରି ହଲାଲ କର); ତାପରେ ସେମାନଙ୍କ ମାଂସ ଖାଅ ଏବଂ ବିପନ୍ନ ଓ ଦୀନ ଦରିଦ୍ରଙ୍କୁ ଖୁଆଅ ।

ثُمَّ لْيَقْضُوْا تَفَثَهُمْ وَلْيُوْفُوْا نُذُوْرَهُمْ وَلْيَطَّوَّفُوْا بِالْبَيْتِ الْعَتِيْقِ ٣٠

୩୦. ତାପରେ ସେମାନେ ନିଜକୁ ପରିଷ୍କାର ପରିଚ୍ଛନ୍ନ କରନ୍ତୁ ଓ ନିଜର ବ୍ରତ ପାଳନ କରନ୍ତୁ ଓ (ଏହାପରେ) ପୁରାତନ ଗୃହ (କାବା)ର ପରିକ୍ରମା କରନ୍ତୁ ।

(ଅଲ ହଜ୍ : ୨୬-୩୦)

## ଅଧ୍ୟାୟ ୩

فِيْهِ اٰيٰتٌۢ بَيِّنٰتٌ مَّقَامُ اِبْرٰهِيْمَ ۚ وَمَنْ دَخَلَهٗ كَانَ اٰمِنًا ۗ وَلِلّٰهِ عَلَى النَّاسِ حِجُّ الْبَيْتِ مَنِ اسْتَطَاعَ اِلَيْهِ سَبِيْلًا ۗ وَمَنْ كَفَرَ فَاِنَّ اللّٰهَ غَنِيٌّ عَنِ الْعٰلَمِيْنَ ٩٨

୯୮. ଏଥିରେ ପ୍ରକାଶ୍ୟ ନିଦର୍ଶନମାନ ଅଛି, ଏହା ଇବ୍ରାହିମଙ୍କ ଆସ୍ଥାନ । ଏବଂ ଯେ କେହି ଏଥିରେ ପ୍ରବେଶ କରିବ, ସେ ଶାନ୍ତି (ପରିସର) ମଧ୍ୟକୁ ଆସିଯିବ ଏବଂ ଯେଉଁମାନଙ୍କର ଏଠାକୁ ଆସିବା ସକାଶେ ସାମର୍ଥ୍ୟ ଅଛି, ସେମାନଙ୍କ ପାଇଁ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଏହି ଗୃହକୁ ହଜ ଯାତ୍ରାରେ ଆସିବା ବିଧେୟ; ଏବଂ ଯେଉଁ ବ୍ୟକ୍ତି ବିଶ୍ୱାସ କରେ ନାହିଁ, (ସେ ମନେ ରଖିବା ଉଚିତ ଯେ) ଅଲ୍ଲାଃ ସମସ୍ତ ସୃଷ୍ଟି ଜଗତ ପ୍ରତି ଉଦାସୀନ ।

(ଆଲେ ଇମ୍ରାନ : ୯୮)

## ଅଧ୍ୟାୟ ୨

اَلْحَجُّ اَشْهُرٌ مَّعْلُوْمٰتٌ ۚ فَمَنْ فَرَضَ
فِيْهِنَّ الْحَجَّ فَلَا رَفَثَ وَلَا فُسُوْقَ ۙ وَلَا
جِدَالَ فِي الْحَجِّ ؕ وَمَا تَفْعَلُوْا مِنْ خَيْرٍ
يَّعْلَمْهُ اللّٰهُ ؕ وَتَزَوَّدُوْا فَاِنَّ خَيْرَ الزَّادِ
التَّقْوٰى ۫ وَاتَّقُوْنِ يٰۤاُولِي الْاَلْبَابِ ﴿۱۹۸﴾

୧୯୮. ହଜ ମାସଗୁଡ଼ିକ ବିଷୟରେ ସମସ୍ତେ ଅବଗତ ଅଛନ୍ତି; ସୁତରାଂ ଯେଉଁ ବ୍ୟକ୍ତି ସେହି ମାସଗୁଡ଼ିକରେ ହଜ କରିବାକୁ ଦୃଢ଼ ସଂକଳ୍ପ କରେ, ସେ ହଜ (ସମୟ) ମଧ୍ୟରେ କୌଣସି ପ୍ରକାର କାମ ଲିପ୍ସା ସକ୍ରାନ୍ତ କଥୋପକଥନ କରିବା ବା କୌଣସି ପ୍ରକାର ଅବଜ୍ଞା କରିବା ବା କୌଣସି ପ୍ରକାର କଳହ କରିବା ଉଚିତ ନୁହେଁ । ଏବଂ ତୁମେମାନେ ଯେଉଁ ମହତ୍ କାର୍ଯ୍ୟ କରୁଥାଅ, ଅଲ୍ଲାଃ ତାହାର (ଗୁରୁତ୍ୱକୁ ନିଶ୍ଚୟ) ଜାଣନ୍ତି; ଏବଂ ତୁମେମାନେ ନିଜ ସଙ୍ଗରେ ଆବଶ୍ୟକ ବାଟଖର୍ଚ୍ଚ ନିଅ; ଏବଂ ଉପଯୁକ୍ତ ବାଟଖର୍ଚ୍ଚ (ସଙ୍ଗରେ ନେବା) ହିଁ ପ୍ରକୃତ ଧର୍ମନିଷ୍ଠତା ଏବଂ ହେ ବୁଦ୍ଧିମାନ (ବ୍ୟକ୍ତି)ଗଣ ! ଆମ୍ଭଙ୍କୁ ଭୟ କର ।

(ଅଲ ବକରା : ୧୯୮)

# ସମଗ୍ର ମାନବ ଜାତିକୁ ଦିବ୍ୟ ବାର୍ତ୍ତାର ବିତରଣ

ଅଲ୍ଲାଃଙ୍କ ବାର୍ତ୍ତା ପ୍ରଚ୍ଚର କଲାବେଳେ ଯେଉଁ ଯେଉଁ ବିଷୟ ସମ୍ପୃକ୍ତ ବ୍ୟକ୍ତିଙ୍କର ଦୃଷ୍ଟିକୋଣକୁ ପ୍ରଭାବିତ କରେ, ସେପରି ପ୍ରତ୍ୟେକ ବିଷୟ ପ୍ରତି ଧ୍ୟାନ ଦିଆଯିବ । ମନେ ରଖିବାକୁ ହେବ ଯେ ସେହି ବ୍ୟକ୍ତି ଆଧାତ୍ମିକ ଆହ୍ୱାନକୁ ପସନ୍ଦ କରିବା ଓ ତଦନୁସାରେ କାର୍ଯ୍ୟ କରିବା ହେଉଛି ଏହାର ଉଦ୍ଦେଶ୍ୟ । ଫିରଔନ ନିକଟକୁ କିପରି ଯିବାକୁ ହେବ ଏବଂ ତାହାକୁ କିପରି ସାବଧାନ କରାଇବାକୁ ହେବ, ସେ ସମ୍ବନ୍ଧରେ ମୁସା ଓ ହାରୁନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶାବଳୀରେ ଏହି ନୀତିର ଦୃଷ୍ଟାନ୍ତ ଭଲ ଭାବରେ ଦିଆଯାଇଛି ।

## ଅଧ୍ୟାୟ ୪୧

وَمَنْ اَحْسَنُ قَوْلًا مِّمَّنْ دَعَآ اِلَى اللّٰهِ وَعَمِلَ صَالِحًا وَّقَالَ اِنَّنِیْ مِنَ الْمُسْلِمِیْنَ ﴿٣٤﴾

୩୪. ଏବଂ ଏହାଠାରୁ ଅଧିକ ଉତ୍ତମ କଥା କାହାର ହେବ ଯେ ଲୋକମାନଙ୍କୁ ଅଲ୍ଲାଃଙ୍କ ପ୍ରତି ଆହ୍ୱାନ କରେ ଓ ନିଜ ବିଶ୍ୱାସ ମୁତାବକ କାର୍ଯ୍ୟ କରେ ଓ କହେ "ମୁଁ ଆତ୍ମ ସମର୍ପଣକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ।"

وَلَا تَسْتَوِی الْحَسَنَةُ وَلَا السَّیِّئَةُ ؕ اِدْفَعْ بِالَّتِیْ هِیَ اَحْسَنُ فَاِذَا الَّذِیْ بَیْنَكَ وَبَیْنَهٗ عَدَاوَةٌ كَاَنَّهٗ وَلِیٌّ حَمِیْمٌ ﴿٣٥﴾

୩୫. ଏବଂ ପାପ ଓ ପୁଣ୍ୟ ସମାନ ହୋଇ ନପାରେ; ଏବଂ ତୁମେ ଉତ୍ତମ ବ୍ୟବହାର ଦ୍ୱାରା ମନ୍ଦ କାର୍ଯ୍ୟକୁ ଦୂରୀଭୂତ କର; ଯାହା ଫଳରେ ଯେଉଁ ବ୍ୟକ୍ତିର ତୁମ ସହିତ ଶତ୍ରୁତା ଥିଲା, ସେ ତୁମର ଉତ୍ତମ ବ୍ୟବହାରକୁ ଦେଖି ତୁମର ଅନ୍ତରଙ୍ଗ ବନ୍ଧୁ ହୋଇଯିବ ।

وَمَا یُلَقّٰىهَاۤ اِلَّا الَّذِیْنَ صَبَرُوْا ۚ وَمَا یُلَقّٰىهَاۤ اِلَّا ذُوْ حَظٍّ عَظِیْمٍ ﴿٣٦﴾

୩୬. ଏବଂ (ଅତ୍ୟାଚରିତ ହେବା ସତ୍ତ୍ୱେ) ଏ (ଭଳି ବ୍ୟବହାର ଜନିତ) ସୁଯୋଗ କେବଳ ସେହିମାନଙ୍କୁ ମିଳେ ଯେଉଁମାନେ ଧୈର୍ଯ୍ୟଶୀଳ; ଅଥବା ସେମାନଙ୍କୁ ମିଳେ ଯେଉଁମାନଙ୍କୁ ଅଲ୍ଲାଃଙ୍କ ତରଫରୁ ପୁଣ୍ୟର ଏକ ବଡ଼ ଅଂଶ ପ୍ରାପ୍ତ ହୋଇଥାଏ ।

(ହା ମିମ୍ ସଜ୍‌ଦା: ୩୪-୩୬)

## ଅଧ୍ୟାୟ ୧୬

اُدْعُ اِلٰى سَبِیْلِ رَبِّكَ بِالْحِكْمَةِ وَالْمَوْعِظَةِ الْحَسَنَةِ وَجَادِلْهُمْ بِالَّتِیْ هِیَ اَحْسَنُ ؕ اِنَّ رَبَّكَ هُوَ اَعْلَمُ بِمَنْ ضَلَّ عَنْ سَبِیْلِهٖ وَهُوَ اَعْلَمُ بِالْمُهْتَدِیْنَ ﴿١٢٦﴾

୧୨୬ ଏବଂ (ହେ ରସୁଲ!) ତୁମ୍ଭେ (ଲୋକମାନଙ୍କୁ) ସତ୍‌ଜ୍ଞାନ ଓ ସତ୍ ଉପଦେଶ ମାଧ୍ୟମରେ ନିଜ ପାଳନକର୍ତ୍ତାଙ୍କ ପଥ ପ୍ରତି ଆହ୍ୱାନ କର ଏବଂ ଏପରି ରୀତିରେ କର ଯାହା ସର୍ବୋତ୍ତମ; ଏବଂ ସେମାନଙ୍କ ସହିତ (ସେମାନଙ୍କ ମତଭେଦ ସକ୍ରାନ୍ତରେ) ତର୍କ କର; ବାସ୍ତବିକ ତୁମ୍ଭର ପାଳନକର୍ତ୍ତା ତାହାକୁ ଭଲ

ଭାବରେ ଜାଣନ୍ତି ଯେ ତାହାଙ୍କ ପଥରୁ ବିଚ୍ୟୁତ ହୋଇଅଛି ତଥା ଯେଉଁମାନେ ସୁପଥଗାମୀ ହୋଇଛନ୍ତି ସେମାନଙ୍କୁ ମଧ୍ୟ ଭଲ ଭାବରେ ଜାଣନ୍ତି ।

وَاِنۡ عَاقَبۡتُمۡ فَعَاقِبُوۡا بِمِثۡلِ مَا عُوۡقِبۡتُمۡ بِهٖ ؕ وَلَئِنۡ صَبَرۡتُمۡ لَهُوَ خَيۡرٌ لِّلصّٰبِرِيۡنَ ﴿۱۲۷﴾

୧୨୭. ଏବଂ ଯଦି ତୁମେମାନେ (ଅତ୍ୟାଚାରୀମାନଙ୍କ ପ୍ରତି) ଶାସ୍ତି ବିଧାନ କର, ତେବେ ସେତିକି ଶାସ୍ତି ବିଧାନ କର ଯେତିକି ତୁମେମାନେ ଅତ୍ୟାଚାରରେ କବଳିତ ହୋଇଅଛ; ଏବଂ (ଆମ୍ଭେ ଶପଥ ପୂର୍ବକ କହୁଅଛୁ କି) ଯଦି ତୁମେମାନେ ଧୈର୍ଯ୍ୟ ଧାରଣ କରିବ, ତେବେ ତାହା ନିଶ୍ଚୟ ଧୈର୍ଯ୍ୟଶୀଳମାନଙ୍କ ସକାଶେ ସର୍ବୋତ୍ତମ ହେବ ।

وَاصۡبِرۡ وَمَا صَبۡرُكَ اِلَّا بِاللّٰهِ وَلَا تَحۡزَنۡ عَلَيۡهِمۡ وَلَا تَكُ فِىۡ ضَيۡقٍ مِّمَّا يَمۡكُرُوۡنَ ﴿۱۲۸﴾

୧୨୮. ଏବଂ (ହେ ରସୁଲ!) ତୁମ୍ଭେ ଧୈର୍ଯ୍ୟ ଧାରଣ କର; ଏବଂ ତୁମ୍ଭର ଧୈର୍ଯ୍ୟ ଧାରଣ କରିବା ଅଲ୍ଲାଃଙ୍କ (ସହାୟତା) ମାଧ୍ୟମରେ (ସମ୍ଭବ) ହୋଇପାରେ; ଏବଂ ତୁମ୍ଭେ ସେମାନଙ୍କ (ଅବସ୍ଥା) ପାଇଁ ଦୁଃଖିତ ହୁଅ ନାହିଁ; ଏବଂ ସେମାନେ ଯେଉଁ ଅଭିସନ୍ଧି କରୁଛନ୍ତି ସେଥିଯୋଗୁଁ ବ୍ୟଥିତ ହୁଅନାହିଁ ।

اِنَّ اللّٰهَ مَعَ الَّذِيۡنَ اتَّقَوْا وَّالَّذِيۡنَ هُمۡ مُّحۡسِنُوۡنَ ﴿۱۲۹﴾

୧୨୯. ଏବଂ (ମନେରଖ ଯେ) ଯେଉଁମାନେ ଧର୍ମପରାୟଣ ଓ ଯେଉଁମାନେ ସତ୍ କାର୍ଯ୍ୟ କରନ୍ତି; ବାସ୍ତବରେ ଅଲ୍ଲାଃ ସେହିମାନଙ୍କ ସହିତ ରହିଛନ୍ତି ।

(ଅଲ୍ ନହଲ : ୧୨୬-୧୨୯)

## ଅଧ୍ୟାୟ ୯

وَاِنۡ اَحَدٌ مِّنَ الۡمُشۡرِكِيۡنَ اسۡتَجَارَكَ

୬. ଏବଂ ଯଦି ମୁସରିକମାନଙ୍କ ମଧ୍ୟରୁ କେହି ତୁମ୍ଭର ଶରଣ ଭିକ୍ଷା କରେ ତେବେ ସେ ଅଲ୍ଲାଃଙ୍କ

فَاَجِرْهُ حَتّٰى يَسْمَعَ كَلٰمَ اللّٰهِ ثُمَّ اَبْلِغْهُ مَاْمَنَهٗ ؕ ذٰلِكَ بِاَنَّهُمْ قَوْمٌ لَّا يَعْلَمُوْنَ ۝٦

ବାଣୀ ଶୁଣିବା ପର୍ଯ୍ୟନ୍ତ ତାହାକୁ ଶରଣ ପ୍ରଦାନ କର; ତାପରେ ତାହାକୁ ତାହାର ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ଦିଅ, କାରଣ ସେମାନେ ଏପରି ଏକ ସମ୍ପ୍ରଦାୟ ଯେଉଁମାନେ (ବାସ୍ତବତାକୁ) ଜାଣନ୍ତି ନାହିଁ ।

(ଅଲ ତୌବା: ୬)

## ଅଧ୍ୟାୟ ୩୯

وَالَّذِيْنَ اجْتَنَبُوا الطَّاغُوْتَ اَنْ يَّعْبُدُوْهَا وَاَنَابُوْۤا اِلَى اللّٰهِ لَهُمُ الْبُشْرٰى ۚ فَبَشِّرْ عِبَادِ ۝١٨

୧୮. ଯେଉଁମାନେ ଦୁରାଚାରୀମାନଙ୍କର ଆଜ୍ଞା ପାଳନ କରିବାରୁ ନିବୃତ୍ତ ହୁଅନ୍ତି ଏବଂ ଅଲ୍ଲାହ୍‌ଙ୍କ ପ୍ରତି ଅନୁରକ୍ତ ହୁଅନ୍ତି, ସେମାନଙ୍କ ସକାଶେ ସୁସମାଚାର ରହିଅଛି । ସୁତରାଂ ତୁମେ ଆମ୍ଭର ସେହି ସେବକମାନଙ୍କୁ ସୁସମାଚାର ଦିଅ ।

الَّذِيْنَ يَسْتَمِعُوْنَ الْقَوْلَ فَيَتَّبِعُوْنَ اَحْسَنَهٗ ؕ اُولٰٓئِكَ الَّذِيْنَ هَدٰىهُمُ اللّٰهُ وَاُولٰٓئِكَ هُمْ اُولُوا الْاَلْبَابِ ۝١٩

୧୯. ଯେଉଁମାନେ ଆମ୍ଭର ବାଣୀକୁ ଶ୍ରବଣ କରନ୍ତି ଏବଂ ତା'ପରେ ତନ୍ମଧ୍ୟରୁ ସର୍ବୋତ୍କୃଷ୍ଟ ଆଦେଶ ଅନୁସରଣ କରନ୍ତି, ସେମାନଙ୍କୁ ହିଁ ଅଲ୍ଲାହ୍ ସତ୍‌ପଥ ପ୍ରଦାନ କରିଛନ୍ତି ଓ ସେହିମାନେ ହିଁ ବୁଦ୍ଧିମାନ ।

(ଅଲ ଜୁମର୍ : ୧୮-୧୯)

# ଶିଷ୍ଟାଚାର, ନୀତିଶାସ୍ତ୍ର, ଭଦ୍ରାମି

ଜୀବନକୁ ଗ୍ରହଣ କରିବା ପାଇଁ କୁରଆନ୍ ଶିକ୍ଷା ଦିଏ, ପରିହାର କରିବାକୁ ନୁହେଁ କି ପ୍ରତ୍ୟାହାର କରିବାକୁ ନୁହେଁ । ଆଶ୍ରମ ଜୀବନ ବା ସନ୍ନ୍ୟାସ ଜୀବନକୁ ଇସଲାମ ଧର୍ମ ଅନୁମୋଦନ କରେ ନାହିଁ । ଜୀବନର ନୀତି ହେଉଛି, ନିଷ୍ପାପର ଜୀବନ ଯାପନ କରିବା ଏବଂ ନିଜର ପ୍ରତିଭା ଓ ଅଲ୍ଲାଃଙ୍କ ପ୍ରଦତ୍ତ ବିପୁଳ ଦାନର ଉଚିତ ଓ ସମତୁଲ ବ୍ୟବହାର କରିବା । ଏହି ସାଧାରଣ ତତ୍ତ୍ୱ ମଧ୍ୟରେ ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ଅଭିବୃଦ୍ଧି ପାଇଁ କୁରଆନ୍‌ରେ ବିଶଦ ଭାବରେ ଉପଦେଶମାନ ଉଲ୍ଲେଖ କରାହୋଇଛି । ସମସ୍ତ ପ୍ରତିଭାର କଲ୍ୟାଣକାରୀ ଓ ସମନ୍ୱୀତ ବିକାଶ ହେଉଛି ଏହାର ଲକ୍ଷ୍ୟ ।

## ଅଧ୍ୟାୟ ୪୯

୧୧. ବିଶ୍ୱାସକାରୀମାନଙ୍କର ପରସ୍ପର ମଧ୍ୟରେ ସମ୍ପର୍କ ଭାତୃତୁଲ୍ୟ; ସୁତରାଂ ତୁମେମାନେ କଳହରତ ଦୁଇ ଭାଇଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରାଅ; ଏବଂ ଅଲ୍ଲାହଙ୍କୁ ଭୟକର, ତାହାହେଲେ ତୁମମାନଙ୍କ ପ୍ରତି କରୁଣା କରାହେବ ।

إِنَّمَا الْمُؤْمِنُونَ إِخْوَةٌ فَأَصْلِحُوا بَيْنَ أَخَوَيْكُمْ وَاتَّقُوا اللَّهَ لَعَلَّكُمْ تُرْحَمُونَ ﴿١١﴾

୧୨. ହେ ବିଶ୍ୱାସକାରୀଗଣ! କେହି କୌଣସି ସମ୍ପ୍ରଦାୟକୁ ହେୟ ମନେ କରି ଥଟ୍ଟା ପରିହାସ ନକରୁ; ସମ୍ଭବତଃ ସେମାନେ ଏମାନଙ୍କ ଅପେକ୍ଷା ଉତ୍କୃଷ୍ଟ ହୋଇପାରନ୍ତି । ଏବଂ (କୌଣସି ସମ୍ପ୍ରଦାୟର) ନାରୀମାନେ ଅନ୍ୟ (ସମ୍ପ୍ରଦାୟର) ନାରୀମାନଙ୍କୁ ହେୟ ମନେକରି ଥଟ୍ଟା ପରିହାସ ନ କରନ୍ତୁ । ସମ୍ଭବତଃ ସେ (ଶେଷୋକ୍ତ ସମ୍ପ୍ରଦାୟର ବା ଅବସ୍ଥାର) ନାରୀମାନେ ଏମାନଙ୍କ ଅପେକ୍ଷା ଉତ୍କୃଷ୍ଟ ହୋଇପାରନ୍ତି । ଏବଂ ତୁମେମାନେ ପରସ୍ପର ପ୍ରତି କଟୁ ମନ୍ତବ୍ୟ ଦିଅ ନାହିଁ କି ଜଣେ ଅନ୍ୟକୁ ବିଦ୍ରୁପାତ୍ମକ ନାମରେ ଡ଼ାକ ନାହିଁ । କାରଣ ବିଶ୍ୱାସ ସ୍ଥାପନ କଲାପରେ (ବିଦ୍ରୁପାତ୍ମକ ନାମରେ ଡ଼ାକି) ଆଜ୍ଞା ପାଳନରୁ ଦୂରେଇ ଯିବା ଫଳରେ ତାହା ନିଜକୁ ଦୁର୍ନାମଗ୍ରସ୍ତ କରିଥାଏ (ଅର୍ଥାତ ସେ ନିଜେ ପାପାଚାରୀ ହୁଏ); ଏବଂ ଯେ ଅନୁତାପ ନ କରିବ ସେ ହିଁ ଅତ୍ୟାଚାରୀ ହେବ ।

يَا أَيُّهَا الَّذِينَ آمَنُوا لَا يَسْخَرْ قَوْمٌ مِّن قَوْمٍ عَسَىٰ أَن يَكُونُوا خَيْرًا مِّنْهُمْ وَلَا نِسَاءٌ مِّن نِّسَاءٍ عَسَىٰ أَن يَكُنَّ خَيْرًا مِّنْهُنَّ ۖ وَلَا تَلْمِزُوا أَنفُسَكُمْ وَلَا تَنَابَزُوا بِالْأَلْقَابِ ۖ بِئْسَ الِاسْمُ الْفُسُوقُ بَعْدَ الْإِيمَانِ ۚ وَمَن لَّمْ يَتُبْ فَأُولَٰئِكَ هُمُ الظَّالِمُونَ ﴿١٢﴾

୧୩. ହେ ବିଶ୍ୱାସକାରୀଗଣ ! ନିଜକୁ ସନ୍ଦେହ ଠାରୁ ଦୂରେଇ ରଖ । କାରଣ କେତେକ ସନ୍ଦେହ ପାପରେ ପରିଣତ ହୋଇଯାଏ; ଗୋପନରେ (ଅନ୍ୟର) ଦୋଷ ଅନ୍ୱେଷଣ କର ନାହିଁ; ତୁମମାନଙ୍କ ମଧ୍ୟରୁ କେହି ଅନ୍ୟର ଚୁଗୁଲି ନକରୁ; କ'ଣ ତୁମମାନଙ୍କ ମଧ୍ୟରୁ କେହି ନିଜର ମୃତ

يَا أَيُّهَا الَّذِينَ آمَنُوا اجْتَنِبُوا كَثِيرًا مِّنَ الظَّنِّ إِنَّ بَعْضَ الظَّنِّ إِثْمٌ ۖ وَلَا تَجَسَّسُوا وَلَا يَغْتَب بَّعْضُكُم بَعْضًا ۚ أَيُحِبُّ أَحَدُكُمْ أَن يَأْكُلَ لَحْمَ أَخِيهِ

مَيْتًا فَكَرِهْتُمُوْهُ ؕ وَاتَّقُوا اللّٰهَ ؕ اِنَّ اللّٰهَ
تَوَّابٌ رَّحِيْمٌ ⑬

ଭାଇର ମାଂସ ଖାଇବାକୁ ପସନ୍ଦ କରେ କି? (ଯଦି ତୁମମାନଙ୍କୁ ଏହା କରିବାକୁ କୁହାଯାଏ ତେବେ) ତୁମେମାନେ ଏହାକୁ ଅପସନ୍ଦ କରିବ । ଏବଂ ଅଲ୍ଲାଃଙ୍କୁ ଭୟ କର; ଅଲ୍ଲାଃ ହିଁ ଅନୁତାପ ଗ୍ରହଣକାରୀ ଓ ଅତ୍ୟନ୍ତ କରୁଣାମୟ ।

(ଅଲ ହୁଜୁରାତ୍ : ୧୧-୧୩)

## ଅଧ୍ୟାୟ ୪

وَاعْبُدُوا اللّٰهَ وَلَا تُشْرِكُوْا بِهٖ شَيْـًٔا
وَّبِالْوَالِدَيْنِ اِحْسَانًا وَّ بِذِى الْقُرْبٰى
وَالْيَتٰمٰى وَالْمَسٰكِيْنِ وَالْجَارِ ذِى الْقُرْبٰى
وَالْجَارِ الْجُنُبِ وَالصَّاحِبِ بِالْجَنْۢبِ
وَابْنِ السَّبِيْلِ ۙ وَمَا مَلَكَتْ اَيْمَانُكُمْ ؕ
اِنَّ اللّٰهَ لَا يُحِبُّ مَنْ كَانَ مُخْتَالًا فَخُوْرَا ۙ ㊲

୩୭. ଏବଂ ତୁମେମାନେ ଅଲ୍ଲାଃଙ୍କର ଉପାସନା କର ଏବଂ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କର ନାହିଁ; ଏବଂ ପିତାମାତାଙ୍କ ପ୍ରତି ଓ ନିକଟ ସମ୍ପର୍କୀୟମାନଙ୍କ ପ୍ରତି ଓ ଅନାଥମାନଙ୍କ ପ୍ରତି ଓ ଦରିଦ୍ରମାନଙ୍କ ପ୍ରତି ଓ ସମ୍ପର୍କୀୟ ପଡ଼ୋଶୀମାନଙ୍କ ପ୍ରତି ଓ ଅପରିଚିତ ପଡ଼ୋଶୀ ମାନଙ୍କ ପ୍ରତି ଓ ସମୀପବର୍ତ୍ତୀ ବ୍ୟକ୍ତିମାନଙ୍କ ପ୍ରତି ଓ ପଥିକମାନଙ୍କ ପ୍ରତି ଏବଂ ଯେଉଁମାନେ ତୁମମାନଙ୍କର କର୍ତ୍ତୃତ୍ୱାଧୀନ ହୋଇଛନ୍ତି, ସେମାନଙ୍କ ପ୍ରତି ଉତ୍ତମ ବ୍ୟବହାର କର ଓ ବାସ୍ତବିକ ଅଲ୍ଲାଃ ଅହଙ୍କାର ଓ ଆତ୍ମାଭିମାନୀ ମାନଙ୍କୁ ଆଦୌ ପସନ୍ଦ କରନ୍ତି ନାହିଁ ।

اَلَّذِيْنَ يَبْخَلُوْنَ وَيَاْمُرُوْنَ النَّاسَ بِالْبُخْلِ
وَيَكْتُمُوْنَ مَاۤ اٰتٰهُمُ اللّٰهُ مِنْ فَضْلِهٖ ؕ
وَاَعْتَدْنَا لِلْكٰفِرِيْنَ عَذَابًا مُّهِيْنًا ۚ ㊳

୩୮. ଯେଉଁମାନେ କୃପଣତା କରନ୍ତି ଓ (ଅନ୍ୟ) ଲୋକମାନଙ୍କୁ କୃପଣତା କରିବାକୁ ଉପଦେଶ ଦିଅନ୍ତି ଏବଂ ଅଲ୍ଲାଃ ନିଜ କୃପାରୁ ଯାହାକିଛି ସେମାନଙ୍କୁ ଦେଇଛନ୍ତି ତାହାକୁ ଗୋପନ କରନ୍ତି (ଅଲ୍ଲାଃ ସେମାନଙ୍କୁ ପସନ୍ଦ କରନ୍ତି ନାହିଁ); ଏବଂ ଆମ୍ଭେ ଅବଜ୍ଞାକାରୀମାନଙ୍କ ପାଇଁ ଅପମାନଜନକ ଶାସ୍ତି ପ୍ରସ୍ତୁତ କରିଅଛୁଁ ।

وَالَّذِيْنَ يُنْفِقُوْنَ اَمْوَالَهُمْ رِئَآءَ النَّاسِ وَلَا يُؤْمِنُوْنَ بِاللّٰهِ وَلَا بِالْيَوْمِ الْاٰخِرِ ؕ وَمَنْ يَّكُنِ الشَّيْطٰنُ لَهٗ قَرِيْنًا فَسَآءَ قَرِيْنًا ﴿٣٩﴾

୩୯. ଏବଂ ଯେଉଁମାନେ ଲୋକମାନଙ୍କୁ ଦେଖାଇବା ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ଏବଂ ଅଲ୍ଲାଃଙ୍କ ଉପରେ ଓ ପରକାଳ ଉପରେ ବିଶ୍ୱାସ ସ୍ଥାପନ କରନ୍ତି ନାହିଁ (ସେମାନଙ୍କର ପରିଣାମ ମନ୍ଦ ହେବ), ଶୈତାନ ଯାହାର ସାଥୀ, (ତାକୁ ମନେ ରଖିବା ଉଚିତ ଯେ) ସେ ଅତ୍ୟନ୍ତ ଖରାପ ସାଥୀ ।

(ଅଲ ନିସା : ୩୭-୩୯)

## ଅଧ୍ୟାୟ ୧୬

اِنَّ اللّٰهَ يَاْمُرُ بِالْعَدْلِ وَالْاِحْسَانِ وَاِيْتَآئِ ذِی الْقُرْبٰى وَيَنْهٰى عَنِ الْفَحْشَآءِ وَالْمُنْكَرِ وَالْبَغْیِ ۚ يَعِظُكُمْ لَعَلَّكُمْ تَذَكَّرُوْنَ ﴿٩١﴾

୯୧. ବାସ୍ତବରେ ଅଲ୍ଲାଃ ନ୍ୟାୟ ବିଚାର କରିବାକୁ ତଥା (ଅନ୍ୟର) ହିତସାଧନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ (ଅନ୍ୟମାନଙ୍କୁ) ସାହାଯ୍ୟ କରିବାକୁ ଆଦେଶ ଦେଉଛନ୍ତି; ଏବଂ (ପ୍ରତ୍ୟେକ ପ୍ରକାର) ଅଶ୍ଲୀଳତା, ଅଶୋଭନୀୟ ବ୍ୟବହାର ଓ ବିଦ୍ରୋହ କରିବାକୁ ବାରଣ କରୁଛନ୍ତି; ସେ ତୁମମାନଙ୍କୁ ଉପଦେଶ ଦେଉଛନ୍ତି ଯଦ୍ୱାରା ତୁମେମାନେ ବୁଝିପାରିବ ।

وَاَوْفُوْا بِعَهْدِ اللّٰهِ اِذَا عٰهَدْتُّمْ وَلَا تَنْقُضُوا الْاَيْمَانَ بَعْدَ تَوْكِيْدِهَا وَقَدْ جَعَلْتُمُ اللّٰهَ عَلَيْكُمْ كَفِيْلًا ؕ اِنَّ اللّٰهَ يَعْلَمُ مَا تَفْعَلُوْنَ ﴿٩٢﴾

୯୨. ଏବଂ ଯେବେ ତୁମେମାନେ ଅଲ୍ଲାଃଙ୍କ ସହିତ କୌଣସି ଅଙ୍ଗୀକାର କରିଥାଅ ତେବେ ତାହାକୁ ପାଳନ କର ଏବଂ ଅଲ୍ଲାଃଙ୍କୁ ନିଜର ଜାମିନ ରୂପେ ଗ୍ରହଣ କରି ଦୃଢ଼ ଶପଥ କରିବା ପରେ ତାହାକୁ ଭଙ୍ଗ କର ନାହିଁ । ତୁମେମାନେ ଯାହାକିଛି କରୁଅଛ, ବାସ୍ତବରେ ଅଲ୍ଲାଃ ତାହାକୁ ଜାଣନ୍ତି ।

وَلَا تَكُوْنُوْا كَالَّتِیْ نَقَضَتْ غَزْلَهَا مِنْۢ بَعْدِ قُوَّةٍ اَنْكَاثًا ؕ تَتَّخِذُوْنَ اَيْمَانَكُمْ

୯୩. ଏବଂ ସେହି ନାରୀ ସଦୃଶ ହୁଅ ନାହିଁ ଯେ ନିଜେ କାଟିଥିବା ସୁତାକୁ ତାହା ଟାଣ ହେବା ପରେ ଛିଣ୍ଡାଇ ଖଣ୍ଡବିଖଣ୍ଡ କରିଦିଏ ଏବଂ

دَخَلًاۢ بَيۡنَكُمۡ اَنۡ تَكُوۡنَ اُمَّةٌ هِىَ اَرۡبٰى مِنۡ اُمَّةٍ ؕ اِنَّمَا يَبۡلُوۡكُمُ اللّٰهُ بِهٖ ؕ وَلَيُبَيِّنَنَّ لَـكُمۡ يَوۡمَ الۡقِيٰمَةِ مَا كُنۡتُمۡ فِيۡهِ تَخۡتَلِفُوۡنَ ۝٩٣

(ଏହିପରି ଭାବରେ) କାଳେ ହେଁ କୌଣସି ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟ ତୁଳନାରେ ଅଧିକ ଶକ୍ତିଶାଳୀ ହୋଇଯିବ, ଏହି ଭୟରେ ତୁମେମାନେ ପ୍ରତାରଣା ପୂର୍ବକ ନିଜର ଶପଥକୁ ପରସ୍ପର ମଧ୍ୟରେ ପ୍ରଭାବ ବିସ୍ତାର କରିବାର ଏକ ମାଧ୍ୟମ ରୂପେ ଗ୍ରହଣ କରୁଅଛ । ତଦ୍ୱାରା ଅଲ୍ଲାଃ ତୁମମାନଙ୍କୁ କେବଳ ପରୀକ୍ଷା କରୁଛନ୍ତି ଏବଂ ଯେଉଁ ବିଷୟରେ ତୁମମାନଙ୍କର ମତ ପାର୍ଥକ୍ୟ ଥିଲା, କୟାମତ ଦିବସରେ ସେ ତାହାକୁ ତୁମମାନଙ୍କ ନିକଟରେ ପ୍ରକାଶ କରିଦେବେ ।

(ଅଲ ନହଲ : ୯୧-୯୩)

## ଅଧ୍ୟାୟ ୪

يٰۤاَيُّهَا الَّذِيۡنَ اٰمَنُوۡا كُوۡنُوۡا قَوّٰمِيۡنَ بِالۡقِسۡطِ شُهَدَآءَ لِلّٰهِ وَلَوۡ عَلٰٓى اَنۡفُسِكُمۡ اَوِ الۡوَالِدَيۡنِ وَالۡاَقۡرَبِيۡنَ ۚ اِنۡ يَّكُنۡ غَنِيًّا اَوۡ فَقِيۡرًا فَاللّٰهُ اَوۡلٰى بِهِمَا ࣞ فَلَا تَتَّبِعُوا الۡهَوٰٓى اَنۡ تَعۡدِلُوۡا ۚ وَاِنۡ تَلۡوٗۤا اَوۡ تُعۡرِضُوۡا فَاِنَّ اللّٰهَ كَانَ بِمَا تَعۡمَلُوۡنَ خَبِيۡرًا ۝١٣٦

୧୩୬. ହେ ବିଶ୍ୱାସକାରୀ ! ତୁମେମାନେ ନ୍ୟାୟ ବିଚାରରେ ସମ୍ପୂର୍ଣ୍ଣ ଭାବରେ ସୁଦୃଢ଼ ରହ ଓ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସାକ୍ଷ୍ୟ ପ୍ରଦାନକାରୀ ହୋଇଯାଅ, ଯଦିଚ ଏହା ତୁମମାନଙ୍କ ନିଜ ବିରୁଦ୍ଧରେ ବା ତୁମମାନଙ୍କ ପିତାମାତା ଓ ନିକଟ ସମ୍ପର୍କୀୟ ବିରୁଦ୍ଧରେ ହେଉଥାଏ; ଯଦି ସେ (ଅର୍ଥାତ ଯାହାଙ୍କ ସଂକ୍ରାନ୍ତରେ ସାକ୍ଷ୍ୟ ପ୍ରଦାନ କରାଯାଇଛି) ଧନବାନ ବା ଦରିଦ୍ର ହୋଇଥାଏ, ତେବେ (ଉଭୟ କ୍ଷେତ୍ରରେ ତୁମଠାରୁ) ଅଲ୍ଲାଃ ସେ ଉଭୟଙ୍କର ଅଧିକ ଶୁଭାକାଂକ୍ଷୀ ଅଟନ୍ତି । ସୁତରାଂ ନ୍ୟାୟ ପ୍ରଦାନ କର, ତୁମେମାନେ କୁପ୍ରବୃତ୍ତିର ଅନୁସରଣ କର ନାହିଁ; ଏବଂ ଯଦି ତୁମେ (ସତ୍ୟ ସାକ୍ଷ୍ୟକୁ) ଗୋପନ ରଖିବ ବା ଏଡ଼ିଦେବ, ତେବେ (ମନେରଖ ଯେ) ତୁମେମାନେ ଯାହାକିଛି କରୁଅଛ ଅଲ୍ଲାଃ ସେ ବିଷୟରେ ଭଲ ରୁପେ ଅବଗତ ଅଛନ୍ତି ।

| | |
|---|---|
| ୧୪୯. ଅଲ୍ଲାଃ ଅଶ୍ଳୀଳ ବିଷୟର ପ୍ରକାଶକୁ ପସନ୍ଦ କରନ୍ତି ନାହିଁ, କିନ୍ତୁ ଯାହାପ୍ରତି ଅତ୍ୟାଚାର କରାଯାଇଥାଏ ସେ (ଏହି ଅତ୍ୟାଚାର ବିଷୟରେ) ପ୍ରକାଶ କରିପାରେ; ଅଲ୍ଲାଃ ହିଁ ମହାନ ଶ୍ରୋତା ଓ ସର୍ବଜ୍ଞ । | لَا يُحِبُّ اللّٰهُ الْجَهْرَ بِالسُّوْٓءِ مِنَ الْقَوْلِ اِلَّا مَنْ ظُلِمَ ؕ وَكَانَ اللّٰهُ سَمِيْعًا عَلِيْمًا ﴿١٤٩﴾ |
| ୧୫୦. ଯଦି ତୁମେ କୌଣସି ପୁଣ୍ୟ କାର୍ଯ୍ୟକୁ ପ୍ରକାଶ କର ବା ଗୋପନ କର କିମ୍ବା (କାହାରି) କୁକାର୍ଯ୍ୟକୁ କ୍ଷମା କର ତେବେ (ମନେ ରଖ ଯେ) ଅଲ୍ଲାଃ (ଦୋଷ) ମାର୍ଜନାକାରୀ ଓ ସର୍ବଶକ୍ତିମାନ । | اِنْ تُبْدُوْا خَيْرًا اَوْ تُخْفُوْهُ اَوْ تَعْفُوْا عَنْ سُوْٓءٍ فَاِنَّ اللّٰهَ كَانَ عَفُوًّا قَدِيْرًا ﴿١٥٠﴾ |

(ଅଲ ନିସା : ୧୩୬, ୧୪୯, ୧୫୦)

## ଅଧ୍ୟାୟ ୫

| | |
|---|---|
| ୯. ହେ ବିଶ୍ୱାସକାରୀଗଣ ! ତୁମେମାନେ ନ୍ୟାୟ ସଙ୍ଗତ ଭାବରେ ସାକ୍ଷ୍ୟ ପ୍ରଦାନ କରି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ଼ ରହ ଏବଂ କୌଣସି ସମ୍ପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତ୍ତାଉ । ତୁମେମାନେ ନ୍ୟାୟ କର; ତାହା ଧର୍ମନିଷ୍ଠତାର ଅଧିକ ନିକଟବର୍ତ୍ତୀ; ଏବଂ ଅଲ୍ଲାଃଙ୍କୁ ଭୟ କର । ତୁମେମାନେ ଯାହା କରୁଅଛ, ବାସ୍ତବିକ ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି । | يٰٓاَيُّهَا الَّذِيْنَ اٰمَنُوْا كُوْنُوْا قَوّٰمِيْنَ لِلّٰهِ شُهَدَآءَ بِالْقِسْطِ ۫ وَلَا يَجْرِمَنَّكُمْ شَنَاٰنُ قَوْمٍ عَلٰٓى اَلَّا تَعْدِلُوْا ؕ اِعْدِلُوْا ۟ هُوَ اَقْرَبُ لِلتَّقْوٰى ۫ وَاتَّقُوا اللّٰهَ ؕ اِنَّ اللّٰهَ خَبِيْرٌۢ بِمَا تَعْمَلُوْنَ ﴿٩﴾ |
| ୧୦. ଯେଉଁମାନେ ବିଶ୍ୱାସ ସ୍ଥାପନ କରିଛନ୍ତି ଓ ସତ୍ କାର୍ଯ୍ୟ କରିଛନ୍ତି, ଅଲ୍ଲାଃ ସେମାନଙ୍କୁ କ୍ଷମା ଓ ମହାନ ପ୍ରତିଫଳର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । | وَعَدَ اللّٰهُ الَّذِيْنَ اٰمَنُوْا وَعَمِلُوا الصّٰلِحٰتِ ۙ لَهُمْ مَّغْفِرَةٌ وَّاَجْرٌ عَظِيْمٌ ﴿١٠﴾ |
| ୧୧. ଏବଂ ଯେଉଁମାନେ ଅବଜ୍ଞା କରିଛନ୍ତି ଓ ଆମ୍ଭର ନିଦର୍ଶନଗୁଡ଼ିକ ପ୍ରତି ମିଥ୍ୟା ଆରୋପ କରିଛନ୍ତି, ସେମାନେ ନର୍କବାସୀ ହେବେ । | وَالَّذِيْنَ كَفَرُوْا وَكَذَّبُوْا بِاٰيٰتِنَآ اُولٰٓئِكَ اَصْحٰبُ الْجَحِيْمِ ﴿١١﴾ |

(ଅଲ ମାଏଦା : ୯-୧୧)

# ଅଧ୍ୟାୟ ୧୭

୩୨. ଏବଂ ତୁମେମାନେ ଦାରିଦ୍ର୍ୟ ଭୟରେ ନିଜ ସନ୍ତାନମାନଙ୍କୁ ହତ୍ୟା କର ନାହିଁ; ଆମ୍ଭେ ହିଁ ସେମାନଙ୍କୁ ଓ ତୁମମାନଙ୍କୁ ଜୀବିକା ପ୍ରଦାନ କରିଥାଉଁ; ସେମାନଙ୍କୁ ହତ୍ୟା କରିବା ମହାପାପ ।

وَلَا تَقْتُلُوْٓا اَوْلَادَكُمْ خَشْيَةَ اِمْلَاقٍ ؕ نَحْنُ نَرْزُقُهُمْ وَاِيَّاكُمْ ؕ اِنَّ قَتْلَهُمْ كَانَ خِطْـًٔا كَبِيْرًا ﴿٣٢﴾

୩୩. ଏବଂ ତୁମେମାନେ ବ୍ୟଭିଚାରର ନିକଟବର୍ତ୍ତୀ ହୁଅ ନାହିଁ । ବାସ୍ତବିକ ତାହା ପ୍ରକାଶ୍ୟ ଅଶ୍ଳୀଳତା ଓ ଅତ୍ୟନ୍ତ ମନ୍ଦ ପଥ ।

وَلَا تَقْرَبُوا الزِّنٰٓى اِنَّهٗ كَانَ فَاحِشَةً ؕ وَسَآءَ سَبِيْلًا ﴿٣٣﴾

୩୪. ଏବଂ ଯେଉଁ ପ୍ରାଣୀକୁ (ହତ୍ୟା କରିବା) ଅଲ୍ଲାଃ ଅବୈଧ ସାବ୍ୟସ୍ତ କରିଛନ୍ତି, ତାହାକୁ ବିନା କାରଣରେ ହତ୍ୟା କର ନାହିଁ; ଏବଂ ଯେଉଁ ବ୍ୟକ୍ତିକୁ ଅନ୍ୟାୟ ପୂର୍ବକ ହତ୍ୟା କରାଯାଏ ଆମ୍ଭେ ତାହାର ଉତ୍ତରାଧିକାରୀଙ୍କୁ (ପ୍ରତିଶୋଧ ସଂକ୍ରାନ୍ତରେ) ଅଧିକାର ପ୍ରଦାନ କରିଅଛୁଁ; ସୁତରାଂ (ଆମ୍ଭର ନିର୍ଦ୍ଦେଶ ହେଉଛି ଯେ ହତ୍ୟାକାରୀକୁ) ସେ ହତ୍ୟା କରିବା ସକାଶେ (ଆମ୍ଭ ଦ୍ୱାରା ନିର୍ଦ୍ଧାରିତ) ସୀମା ଲଂଘନ ନ କରୁ; (ଯଦି ସେ ସୀମା ମଧ୍ୟରେ ରହିବ) ତେବେ ଆମ୍ଭର ସହାୟତା ନିଶ୍ଚୟ ଲାଭ କରିବ ।

وَلَا تَقْتُلُوا النَّفْسَ الَّتِىْ حَرَّمَ اللّٰهُ اِلَّا بِالْحَقِّ ؕ وَمَنْ قُتِلَ مَظْلُوْمًا فَقَدْ جَعَلْنَا لِوَلِيِّهٖ سُلْطٰنًا فَلَا يُسْرِفْ فِّى الْقَتْلِ ؕ اِنَّهٗ كَانَ مَنْصُوْرًا ﴿٣٤﴾

୩୫. ଯେଉଁ ପନ୍ଥା (ଅନାଥ ସକାଶେ) ଉତ୍ତମ, ତାକୁ ଛାଡି ଦେଇ ଅନ୍ୟ ପ୍ରକାର ପନ୍ଥାରେ ତୁମେମାନେ କୌଣସି ଅନାଥ ସାବାଳକ ନହେବା ପର୍ଯ୍ୟନ୍ତ ତାହାର ଧନ ସମ୍ପତ୍ତିର ନିକଟବର୍ତ୍ତୀ ହୁଅ ନାହିଁ ଏବଂ (ନିଜର) ଅଙ୍ଗୀକାରକୁ ପୂର୍ଣ୍ଣ କର । (କାରଣ) ପ୍ରତ୍ୟେକ ଅଙ୍ଗୀକାର ସମ୍ବନ୍ଧରେ (ଦିନେ ବା ଦିନେ) ନିଶ୍ଚୟ ତୁମେମାନେ ଉତ୍ତରଦାୟୀ ହେବ ।

وَلَا تَقْرَبُوْا مَالَ الْيَتِيْمِ اِلَّا بِالَّتِىْ هِىَ اَحْسَنُ حَتّٰى يَبْلُغَ اَشُدَّهٗ ۖ وَاَوْفُوْا بِالْعَهْدِ ۚ اِنَّ الْعَهْدَ كَانَ مَسْـُٔوْلًا ﴿٣٥﴾

وَاَوۡفُوا الۡـكَيۡلَ اِذَا كِلۡتُمۡ وَزِنُوۡا
بِالۡقِسۡطَاسِ الۡمُسۡتَقِيۡمِ‌ ؕ ذٰ لِكَ خَيۡرٌ
وَّاَحۡسَنُ تَاۡوِيۡلًا ۝٣٦

୩୬. ଏବଂ ଯେତେବେଳେ ତୁମେମାନେ ମାପ କର, ସେତେବେଳେ ପୂର୍ଣ୍ଣ ମାତ୍ରାରେ ମାପିକରି ଦିଅ; (ଓଜନ କଲାବେଳେ) ଠିକ୍ ତରାଜୁରେ ଓଜନ କର । ଏ ବିଷୟ ଅଧିକ ଉତ୍କୃଷ୍ଟ ଓ ପରିଣାମ ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ।

وَلَا تَقۡفُ مَا لَـيۡسَ لَكَ بِهٖ عِلۡمٌ‌ ؕ
اِنَّ السَّمۡعَ وَالۡبَصَرَ وَالۡفُؤَادَ كُلُّ اُولٰۤـئِكَ
كَانَ عَنۡهُ مَسۡـُٔوۡلًا ۝٣٧

୩୭. ଏବଂ ଯେଉଁ ବିଷୟରେ ତୁମମାନଙ୍କର କୌଣସି ଜ୍ଞାନ ନାହିଁ, ତାହାର ଅନୁସରଣ କର ନାହିଁ । (କାରଣ) କାନ, ଆଖି ଓ ହୃଦୟ ଏସବୁ ବିଷୟରେ (ତୁମକୁ) ପଚରାଯିବ ।

وَلَا تَمۡشِ فِى الۡاَرۡضِ مَرَحًا‌ ۚ اِنَّكَ لَنۡ
تَخۡرِقَ الۡاَرۡضَ وَلَنۡ تَبۡلُغَ الۡجِبَالَ
طُوۡلًا ۝٣٨

୩୮. ଏବଂ ପୃଥିବୀ ପୃଷ୍ଠରେ ଉଦ୍ଧତ ଭାବରେ ଚାଲ ନାହିଁ । କାରଣ ତୁମେ ଏପରି ଭାବରେ ଦେଶର ଶେଷ ସୀମାରେ ପହଞ୍ଚି ପାରିବ ନାହିଁ କି ନେତୃତ୍ୱର ଶିଖର ଦେଶରେ ପହଞ୍ଚି ପାରିବ ନାହିଁ ।

كُلُّ ذٰ لِكَ كَانَ سَيِّئُهٗ عِنۡدَ رَبِّكَ
مَكۡرُوۡهًا ۝٣٩

୩୯. ଏ (ଆଦେଶ)ମାନଙ୍କ ମଧ୍ୟରୁ ପ୍ରତ୍ୟେକ (କାର୍ଯ୍ୟ)ର ମନ୍ଦ ରୂପକୁ ତୁମର ପାଳନକର୍ତ୍ତା ପସନ୍ଦ କରନ୍ତି ନାହିଁ ।

(ବନି ଇସ୍ରାଇଲ : ୩୨-୩୯)

# ଅର୍ଥନୀତିକ ପଦ୍ଧତିର ମୌଳିକ ନୀତି

ଯାହାକିଛି ଅଛି ସେସବୁର ନିରଙ୍କୁଶ ମାଲିକାନା ସ୍ୱତ୍ତ୍ୱ କେବଳ ଅଲ୍ଲାଃଙ୍କ ଠାରେ ରହିଅଛି । ଏହାହିଁ ଇସଲାମ ଧର୍ମର ମୌଳିକ ଅର୍ଥନୀତିକ ତତ୍ତ୍ୱ । ଇସଲାମ ଧର୍ମର ବ୍ୟକ୍ତିବିଶେଷଙ୍କ ବୈଧାନିକ ମାଲିକାନା ସ୍ୱତ୍ତ୍ୱ ଅର୍ଥାତ ଦଖଲ କରିବାର ଅଧିକାର, ସମ୍ପତ୍ତିର ବ୍ୟବହାର ଓ ହସ୍ତାନ୍ତରକୁ କୁରଆନ୍‌ରେ ସ୍ୱୀକାର ଓ ସୁରକ୍ଷିତ କରାଯାଇଛି । କିନ୍ତୁ ସମସ୍ତ ସମ୍ପତ୍ତି ଉପରେ ସମାଜର ସବୁ ଶ୍ରେଣୀର ଲୋକଙ୍କର ନ୍ୟାୟସଙ୍ଗତ ଅଂଶ ରହିବ । ଏହି ନୈତିକ ବାଧ୍ୟତା ପ୍ରତି ମାଲିକ ସ୍ୱତ୍ତ୍ୱ ସାପେକ୍ଷ ଅଟେ । ଏହି ବାଧ୍ୟତାର ଏକ ଅଂଶକୁ ବୈଧିକ ରୂପ ଦିଆଯାଇଛି ତଥା ବିଧିଗତ ମଞ୍ଜୁରି ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି । କିନ୍ତୁ ଏହାର ବଡ଼ ଅଂଶ ସ୍ୱେଚ୍ଛାକୃତ ପ୍ରଚେଷ୍ଟାରେ ମିଳିଥାଏ । କାରଣ ତଦ୍ଦ୍ୱାରା ସଂପୃକ୍ତ ସମସ୍ତେ ସର୍ବୋଚ୍ଚ ଆଧ୍ୟାତ୍ମିକ ଓ ନୈତିକ ଲାଭ ହାସଲ କରିବା ପାଇଁ ଲାଳାୟିତ ।

# ଅଧ୍ୟାୟ ୨୦

୧୧୭. ଏବଂ (ଏହା ମଧ୍ୟ ସ୍ମରଣ କର) ଯେତେବେଳେ ଆମ୍ଭେ ଦେବଦୂତମାନଙ୍କୁ କହିଲୁ, "ଆଦମଙ୍କୁ (ଆମ୍ଭେ ସୃଷ୍ଟି କରୁଥିବାରୁ) ତୁମେମାନେ (କୃତଜ୍ଞତା ସ୍ୱରୁପ ଆମ୍ଭଙ୍କୁ) ସଜ୍‌ଦା କର"। ସେତେବେଳେ ଇବଲିସ ବ୍ୟତୀତ ଅନ୍ୟ ସମସ୍ତେ ସଜ୍‌ଦା କରିଥିଲେ, (କିନ୍ତୁ) ସେ ପ୍ରତ୍ୟଖ୍ୟାନ କରିଥିଲା ।

وَاِذْ قُلْنَا لِلْمَلٰٓئِكَةِ اسْجُدُوْا لِاٰدَمَ فَسَجَدُوْٓا اِلَّآ اِبْلِيْسَ ؕ اَبٰى ﴿١١٧﴾

୧୧୮. ତାପରେ ଆମ୍ଭେ (ଆଦମଙ୍କୁ) କହିଲୁଁ "ହେ ଆଦମ! ଏ (ଇବଲିସ) ନିଶ୍ଚୟ ତୁମର ଓ ତୁମ ପତ୍ନୀ ତଥା ସଙ୍ଗୀମାନଙ୍କର ଶତ୍ରୁ ଅଟେ; ତେଣୁ ସେ ତୁମ ଉଭୟ (ଗୋଷ୍ଠୀ)କୁ ଏହି ବୈକୁଣ୍ଠରୁ ବିତାଡ଼ିତ ନକରୁ, ଯଦ୍ୱାରା ତୁମେ (ଓ ତୁମର ପ୍ରତ୍ୟେକ ସଙ୍ଗୀ) ବିପଦଗ୍ରସ୍ତ ହେବ ।

فَقُلْنَا يٰٓاٰدَمُ اِنَّ هٰذَا عَدُوٌّ لَّكَ وَلِزَوْجِكَ فَلَا يُخْرِجَنَّكُمَا مِنَ الْجَنَّةِ فَتَشْقٰى ﴿١١٨﴾

୧୧୯. ଏଠାରେ ତୁମେ (ଓ ତୁମର ସଙ୍ଗୀମାନେ) କ୍ଷୁଧାର୍ତ୍ତ ହେବ ନାହିଁ କି ଉଲଗ୍ନ ରହିବ ନାହିଁ ।

اِنَّ لَكَ اَلَّا تَجُوْعَ فِيْهَا وَلَا تَعْرٰى ﴿١١٩﴾

୧୨୦. ଏବଂ ତୁମେ (ସେଠାରେ) ତୁଷାର୍ତ୍ତ ହେବ ନାହିଁ କି ରୌଦ୍ର ତାପ (ତୁମକୁ) କଷ୍ଟ ଦେବ ନାହିଁ ।

وَاَنَّكَ لَا تَظْمَؤُا فِيْهَا وَلَا تَضْحٰى ﴿١٢٠﴾

(ତାହା : ୧୧୭-୧୨୦)

# ଅଧ୍ୟାୟ ୨

୧୮୯. ଏବଂ ତୁମେମାନେ ଅସତ୍ ପନ୍ଥା ଅବଲମ୍ବନ କରି ଆପଣା (ଭାଇମାନଙ୍କ) ସମ୍ପତ୍ତିକୁ ନିଜ ନିଜ ମଧ୍ୟରେ ଆତ୍ମସାତ କର ନାହିଁ । ଏବଂ ତୁମେମାନେ ଅନ୍ୟାୟ ପୂର୍ବକ ଜାଣିଶୁଣି ଅପରର ସମ୍ପତ୍ତିକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ ତାହାର ଏକ ଅଂଶକୁ (ଉତ୍କୋଚ ରୁପେ) କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କର ନାହିଁ ।

وَلَا تَاْكُلُوْٓا اَمْوَالَكُمْ بَيْنَكُمْ بِالْبَاطِلِ وَتُدْلُوْا بِهَآ اِلَى الْحُكَّامِ لِتَاْكُلُوْا فَرِيْقًا مِّنْ اَمْوَالِ النَّاسِ بِالْاِثْمِ وَاَنْتُمْ تَعْلَمُوْنَ ﴿١٨٩﴾

(ଅଲ ବକରା : ୧୮୯)

## ଅଧ୍ୟାୟ ୪

ୟَاَيُّهَا الَّذِيْنَ اٰمَنُوْا لَا تَاْكُلُوْٓا اَمْوَالَكُمْ بَيْنَكُمْ بِالْبَاطِلِ اِلَّآ اَنْ تَكُوْنَ تِجَارَةً عَنْ تَرَاضٍ مِّنْكُمْ ۗ وَلَا تَقْتُلُوْٓا اَنْفُسَكُمْ ۗ اِنَّ اللّٰهَ كَانَ بِكُمْ رَحِيْمًا ۝٣٠

୩୦. ହେ ବିଶ୍ୱସକାରୀଗଣ ! ତୁମେମାନେ ପରସ୍ପରର ଧନ ଆତ୍ମସାତ କର ନାହିଁ; କିନ୍ତୁ ପରସ୍ପରର ସମ୍ମତିକ୍ରମେ ବ୍ୟବସାୟ ଦ୍ୱାରା ଧନ ଅର୍ଜନ କରିବା ବୈଧ ଏବଂ ତୁମେମାନେ ନିଜେ ନିଜକୁ ହତ୍ୟା କର ନାହିଁ । ନିଶ୍ଚୟ ଅଲ୍ଲାଃ ତୁମମାନଙ୍କ ପ୍ରତି କରୁଣାମୟ ।

(ଅଲ ନିସା : ୩୦)

# ଜିହାଦ୍ - ଅଲ୍ଲାହଙ୍କ ମାର୍ଗରେ ଚରମ ପ୍ରଚେଷ୍ଟା

ଜିହାଦ୍ ଅର୍ଥ ନିଜର ସମସ୍ତ ଶକ୍ତି ଖଟାଇ ପ୍ରତିକୂଳ ମତ ସହିତ ପ୍ରତିଯୋଗିତା କରିବା । ତାହା ତିନି ପ୍ରକାରର ଯଥା: (୧) ଦୃଶ୍ୟମାନ ଶତ୍ରୁ ସହିତ (୨) ଶୈତାନ୍ ସହିତ (୩) ନିଜ ସହିତ ।

କୁରଆନ୍ ଶିକ୍ଷା ଦିଏ ଯେ ଯୁଦ୍ଧ ହେଲେ ଏପରି ଭାବେ ଯୁଦ୍ଧ କରିବ ଯେପରିକି ଧନ ଓ ଜୀବନ ପ୍ରତି ଖୁବ୍ କମ୍ କ୍ଷତି ଘଟିବ ଏବଂ ଯଥାସମ୍ଭବ ଶୀଘ୍ର ଶତ୍ରୁତାର ପରିସମାପ୍ତି ଘଟିବ ।

## ଅଧ୍ୟାୟ ୨୨

୪୦. ଯେଉଁମାନଙ୍କ ସହିତ (ବିନା କାରଣରେ) ଯୁଦ୍ଧ କରାଯାଏ, ସେମାନଙ୍କୁ ମଧ୍ୟ (ଯୁଦ୍ଧ କରିବା ପାଇଁ) ଅନୁମତି ଦିଆଯାଉଛି । କାରଣ ସେମାନଙ୍କ ପ୍ରତି ଅତ୍ୟାଚାର କରାଯାଇଛି ଏବଂ ବାସ୍ତବିକ ଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ।

أُذِنَ لِلَّذِيْنَ يُقٰتَلُوْنَ بِاَنَّهُمْ ظُلِمُوْا ؕ
وَاِنَّ اللّٰهَ عَلٰى نَصْرِهِمْ لَقَدِيْرُ ۙ۝٤٠

୪୧. ଏମାନେ (ସେହି ଲୋକ) ଯେଉଁମାନଙ୍କୁ ସେମାନଙ୍କ ଗୃହରୁ କେବଳ ଏହା କହିବାରୁ ଯେ 'ଅଲ୍ଲାଃ ଆମମାନଙ୍କର ପାଳନକର୍ତ୍ତା ଅଟନ୍ତି' କୌଣସି ଯୁକ୍ତି ସଙ୍ଗତ କାରଣ ନଥାଇ ବିତାଡ଼ିତ କରାଗଲା । ଏବଂ ଯଦି ଅଲ୍ଲାଃ ଏହି (ଅବଜ୍ଞାକାରୀ) ମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟ କେତେକଙ୍କ (ଦୁଷ୍କୃତି) ଠାରୁ ଦୂରେଇ ନ ରଖନ୍ତେ, ତେବେ ଆଶ୍ରମ, ଗିର୍ଜା, (ଇହୁଦୀମାନଙ୍କ) ଉପାସନା ଗୃହ ଓ ମସ୍‌ଜିଦ୍, ଯେଉଁଠାରେ ଅଲ୍ଲାଃଙ୍କ ନାମ ବହୁଳ ଭାବରେ ନିଆଯାଏ, ସେ ସବୁ ଧ୍ୱଂସ କରି ଦିଆଯାଆନ୍ତା । ଏବଂ ଅଲ୍ଲାଃ ସେହିମାନଙ୍କୁ ସାହାଯ୍ୟ କରିବେ, ଯେଉଁମାନେ ତାହାଙ୍କର ଧର୍ମ କାର୍ଯ୍ୟରେ ସାହାଯ୍ୟ କରିବେ । ବାସ୍ତବିକ ଅଲ୍ଲାଃ ହିଁ ବଳବାନ ଓ ପରାକ୍ରମୀ ।

(ଅଲ ହଜ୍: ୪୦-୪୧)

الَّذِيْنَ اُخْرِجُوْا مِنْ دِيَارِهِمْ بِغَيْرِ حَقٍّ
اِلَّآ اَنْ يَّقُوْلُوْا رَبُّنَا اللّٰهُ ؕ وَلَوْلَا دَفْعُ اللّٰهِ
النَّاسَ بَعْضَهُمْ بِبَعْضٍ لَّهُدِّمَتْ
صَوَامِعُ وَبِيَعٌ وَّصَلَوٰتٌ وَّمَسٰجِدُ
يُذْكَرُ فِيْهَا اسْمُ اللّٰهِ كَثِيْرًا ؕ وَلَيَنْصُرَنَّ
اللّٰهُ مَنْ يَّنْصُرُهٗ ؕ اِنَّ اللّٰهَ لَقَوِيٌّ عَزِيْزٌ ۝٤١

## ଅଧ୍ୟାୟ ୬୦

୯. ଯେଉଁମାନେ ତୁମମାନଙ୍କ ସହିତ ଧର୍ମ ବିଷୟରେ ବିରୋଧ କରି ଯୁଦ୍ଧ କରିନାହାନ୍ତି ଓ ତୁମମାନଙ୍କୁ ତୁମମାନଙ୍କ ଗୃହରୁ ବିତାଡ଼ିତ କରିନାହାନ୍ତି, ସେମାନଙ୍କର କଲ୍ୟାଣ ସାଧନ କରିବା ପାଇଁ ଓ ସେମାନଙ୍କ ସହିତ ନ୍ୟାୟସଙ୍ଗତ

لَا يَنْهٰىكُمُ اللّٰهُ عَنِ الَّذِيْنَ لَمْ
يُقَاتِلُوْكُمْ فِي الدِّيْنِ وَلَمْ يُخْرِجُوْكُمْ
مِّنْ دِيَارِكُمْ اَنْ تَبَرُّوْهُمْ وَتُقْسِطُوْٓا

اِلَيۡهِمۡ ؕ اِنَّ اللّٰهَ يُحِبُّ الۡمُقۡسِطِيۡنَ ۝۹

ବ୍ୟବହାର କରିବା ପାଇଁ ଅଲ୍ଲାଃ ତୁମ୍ଭମାନଙ୍କୁ ବାରଣ କରିନାହାନ୍ତି । ଅଲ୍ଲାଃ ନ୍ୟାୟବାନମାନଙ୍କୁ ପସନ୍ଦ କରିଥାଆନ୍ତି ।

اِنَّمَا يَنۡهٰٮكُمُ اللّٰهُ عَنِ الَّذِيۡنَ قٰتَلُوۡكُمۡ فِى الدِّيۡنِ وَاَخۡرَجُوۡكُمۡ مِّنۡ دِيَارِكُمۡ وَظٰهَرُوۡا عَلٰٓى اِخۡرَاجِكُمۡ اَنۡ تَوَلَّوۡهُمۡ‌ ۚ وَمَنۡ يَّتَوَلَّهُمۡ فَاُولٰٓـئِكَ هُمُ الظّٰلِمُوۡنَ ۝۱۰

୧୦. ଅଲ୍ଲାଃ ତୁମ୍ଭମାନଙ୍କୁ କେବଳ ସେହି ଲୋକମାନଙ୍କ ଠାରୁ (ବନ୍ଧୁତା ସ୍ଥାପନ କରିବା ସମ୍ବନ୍ଧରେ) ବାରଣ କରୁଛନ୍ତି, ଯେଉଁମାନେ ତୁମ୍ଭମାନଙ୍କ ସହିତ ଧର୍ମ ବିଷୟରେ ବିରୋଧ କରି ଯୁଦ୍ଧ କରିଛନ୍ତି ଓ ତୁମ୍ଭମାନଙ୍କୁ (ନିଜ) ଗୃହରୁ ବିତାଡ଼ିତ କରିଛନ୍ତି କିମ୍ବା ତୁମ୍ଭମାନଙ୍କୁ ବିତାଡ଼ିତ କରିବାରେ ଅନ୍ୟାନ୍ୟ ଶତ୍ରୁଙ୍କୁ ସାହାଯ୍ୟ କରିଛନ୍ତି; ଏବଂ ଯେଉଁମାନେ ଏପରି ଲୋକମାନଙ୍କ ସହିତ ବନ୍ଧୁତା ସ୍ଥାପନ କରନ୍ତି, ସେମାନେ ହିଁ ଅତ୍ୟାଚାରୀ ।

(ଅଲ ମୁମ୍ତହନା : ୯-୧୦)

## ଅଧ୍ୟାୟ ୬୧

يٰۤاَيُّهَا الَّذِيۡنَ اٰمَنُوۡا هَلۡ اَدُلُّكُمۡ عَلٰى تِجَارَةٍ تُنۡجِيۡكُمۡ مِّنۡ عَذَابٍ اَلِيۡمٍ ۝۱۱

୧୧. ହେ ବିଶ୍ୱାସକାରୀମାନେ! କ'ଣ ଆମ୍ଭେ ତୁମ୍ଭମାନଙ୍କୁ ଏପରି ଏକ ବ୍ୟବସାୟ ସମ୍ବନ୍ଧରେ ସମାଚାର ଦେବୁଁ, ଯାହା ତୁମ୍ଭମାନଙ୍କୁ ଯନ୍ତ୍ରଣାଦାୟକ ଶାସ୍ତିରୁ ରକ୍ଷା କରିବ ।

تُؤۡمِنُوۡنَ بِاللّٰهِ وَرَسُوۡلِهٖ وَتُجَاهِدُوۡنَ فِىۡ سَبِيۡلِ اللّٰهِ بِاَمۡوَالِكُمۡ وَاَنۡفُسِكُمۡ‌ ؕ ذٰ لِكُمۡ خَيۡرٌ لَّـكُمۡ اِنۡ كُنۡتُمۡ تَعۡلَمُوۡنَ ۝۱۲

୧୨. (ସେ ବ୍ୟବସାୟ ଏହି ଯେ) ତୁମ୍ଭେମାନେ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ପ୍ରତି ବିଶ୍ୱାସ ସ୍ଥାପନ କର ଓ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଆପଣା ଧନ ସମ୍ପତ୍ତି ଓ ଜୀବନ ଅର୍ପଣ କରି ଧର୍ମଯୁଦ୍ଧ (ଅର୍ଥାତ ଜିହାଦ) କର । ଯଦି ତୁମ୍ଭେମାନେ ଏହା ଜାଣିବ, ତେବେ ଏହା ତୁମ୍ଭମାନଙ୍କ ପକ୍ଷରେ ଅତି ଉତ୍ତମ ।

(ଅଲ ସଫ୍: ୧୧-୧୨)

## ଅଧ୍ୟାୟ ୨୯

وَالَّذِيْنَ جَاهَدُوْا فِيْنَا لَنَهْدِيَنَّهُمْ سُبُلَنَا ۭ وَاِنَّ اللّٰهَ لَمَعَ الْمُحْسِنِيْنَ ۝

୬୦. ଏବଂ ଯେଉଁମାନେ ଆମ୍ଭ ସହିତ ମିଳିତ ହେବାପାଇଁ ଉଦ୍ୟମ କରନ୍ତି, ଆମ୍ଭେ ସେମାନଙ୍କୁ ନିଶ୍ଚୟ ଆମ୍ଭ ପଥରେ ପରିଚାଳିତ ହେବାର ସୁଯୋଗ ଦେବୁଁ; ଏବଂ ଅଲ୍ଲାଃ ନିଶ୍ଚୟ ହିତକାରୀମାନଙ୍କ ସହିତ ଥାଆନ୍ତି ।

(ଅଲ ଅନକବୁତ୍ : ୬୦)

## ଅଧ୍ୟାୟ ୯

اَلَّذِيْنَ اٰمَنُوْا وَهَاجَرُوْا وَجٰهَدُوْا فِيْ سَبِيْلِ اللّٰهِ بِاَمْوَالِهِمْ وَاَنْفُسِهِمْ ۙ اَعْظَمُ دَرَجَةً عِنْدَ اللّٰهِ ۭ وَاُولٰۗىِٕكَ هُمُ الْفَاۗىِٕزُوْنَ ۝

୨୦. ଯେଉଁମାନେ ବିଶ୍ୱାସ ସ୍ଥାପନ କରିଛନ୍ତି ଓ ହିଜ୍‌ରତ କରିଛନ୍ତି ଏବଂ ନିଜର ଧନ ଓ ଜୀବନ ଦାନ ପୂର୍ବକ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଧର୍ମଯୁଦ୍ଧ କରିଛନ୍ତି, ଅଲ୍ଲାଃଙ୍କ ନିକଟରେ ସେମାନଙ୍କ ମର୍ଯ୍ୟାଦା ବହୁ ଉଚ୍ଚରେ; ଏବଂ ସେହିମାନେ ହିଁ କୃତକାର୍ଯ୍ୟ ହେବେ ।

اِنَّ اللّٰهَ اشْتَرٰى مِنَ الْمُؤْمِنِيْنَ اَنْفُسَهُمْ وَاَمْوَالَهُمْ بِاَنَّ لَهُمُ الْجَنَّةَ ۭ يُقَاتِلُوْنَ فِيْ سَبِيْلِ اللّٰهِ فَيَقْتُلُوْنَ وَيُقْتَلُوْنَ ۣ وَعْدًا عَلَيْهِ حَقًّا فِي التَّوْرٰىةِ وَالْاِنْجِيْلِ وَالْقُرْاٰنِ ۭ وَمَنْ اَوْفٰى بِعَهْدِهٖ مِنَ اللّٰهِ فَاسْتَبْشِرُوْا بِبَيْعِكُمُ الَّذِيْ بَايَعْتُمْ بِهٖ ۭ وَذٰلِكَ هُوَ الْفَوْزُ الْعَظِيْمُ ۝

୧୧୧. ନିଶ୍ଚୟ ଅଲ୍ଲାଃ ବିଶ୍ୱାସକାରୀମାନଙ୍କ ଠାରୁ ସେମାନଙ୍କ ଧନ ଓ ଜୀବନ (ଏପରି ପ୍ରତିଶ୍ରୁତି ସହ) କ୍ରୟ କରିଛନ୍ତି, ଯାହାର ବିନିମୟରେ ସେମାନଙ୍କୁ ବୈକୁଣ୍ଠ ପ୍ରାପ୍ତ ହେବ । (କାରଣ) ସେମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଯୁଦ୍ଧ କରନ୍ତି; ତା'ପରେ ସେମାନେ (ଶତ୍ରୁମାନଙ୍କୁ) ହତ୍ୟା କରନ୍ତି ବା (ନିଜେ) ନିହତ ହୁଅନ୍ତି । ଏହା ଏପରି ଏକ ପ୍ରତିଶ୍ରୁତି ଯାହା ଅଲ୍ଲାଃ ନିଜ ଉପରେ ଅନିବାର୍ଯ୍ୟ କରିଛନ୍ତି । (ଏବଂ ଏହା) ତୌରାତ୍, ଇଞ୍ଜିଲ ଓ କୁରଆନରେ (ବର୍ଣ୍ଣିତ) ଅଛି ଏବଂ ଅଲ୍ଲାଃଙ୍କ ଅପେକ୍ଷା କିଏ ନିଜର ପ୍ରତିଶ୍ରୁତିକୁ ଅଧିକ ପୂର୍ଣ୍ଣ କରିପାରେ ? ସୁତରାଂ (ହେ ବିଶ୍ୱାସକାରୀଗଣ !) ତୁମେମାନେ ଯେଉଁ ବ୍ୟବସାୟ କରିଛ, ସେଥିପାଇଁ ଆନନ୍ଦିତ ହୁଅ; ଏବଂ ଏହାହିଁ ଏକ ମହାନ ସଫଳତା ।

(ଅଲ ତୌବା : ୨୦, ୧୧୧)

## ଅଧ୍ୟାୟ ୪

لَا يَسْتَوِى الْقٰعِدُوْنَ مِنَ الْمُؤْمِنِيْنَ
غَيْرُ اُولِى الضَّرَرِ وَالْمُجٰهِدُوْنَ فِىْ
سَبِيْلِ اللّٰهِ بِاَمْوَالِهِمْ وَاَنْفُسِهِمْ ؕ فَضَّلَ
اللّٰهُ الْمُجٰهِدِيْنَ بِاَمْوَالِهِمْ وَاَنْفُسِهِمْ
عَلَى الْقٰعِدِيْنَ دَرَجَةً ؕ وَكُلًّا وَّعَدَ اللّٰهُ
الْحُسْنٰى ؕ وَفَضَّلَ اللّٰهُ الْمُجٰهِدِيْنَ عَلَى
الْقٰعِدِيْنَ اَجْرًا عَظِيْمًا ۙ﴿۹۶﴾

୯୬. ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଯେଉଁମାନେ ଅସମର୍ଥ ନ ଥାଇ (ଘରେ) ବସି ରହନ୍ତି ଏବଂ ଯେଉଁମାନେ ନିଜ ସମ୍ପତ୍ତି ଓ ନିଜର ପ୍ରାଣ ଦେଇ ଅଲ୍ଲାଃଙ୍କ ପଥରେ ଧର୍ମଯୁଦ୍ଧ କରନ୍ତି, ସେମାନେ ସମାନ ନୁହନ୍ତି; ନିଜର ସମ୍ପତ୍ତି ଓ ପ୍ରାଣ ଦେଇ ଧର୍ମଯୁଦ୍ଧ କରୁଥିବା ବ୍ୟକ୍ତିମାନଙ୍କୁ ବସି ରହିଥିବା ଲୋକମାନଙ୍କ ତୁଳନାରେ ଅଲ୍ଲାଃ ପଦ ମର୍ଯ୍ୟାଦାରେ ଶ୍ରେଷ୍ଠତା ପ୍ରଦାନ କରିଛନ୍ତି ଏବଂ ଅଲ୍ଲାଃ ପ୍ରତ୍ୟେକଙ୍କୁ କଲ୍ୟାଣ ବିଷୟକ ପ୍ରତିଶ୍ରୁତି ଦେଇଛନ୍ତି; ଏବଂ ଅଲ୍ଲାଃ ଧର୍ମଯୁଦ୍ଧକାରୀମାନଙ୍କୁ ବସି ରହିଥିବା ଲୋକମାନଙ୍କ ତୁଳନାରେ ମହାନ ପ୍ରତିଫଳର ପ୍ରତିଶ୍ରୁତି ଦେଇ (ନିଶ୍ଚୟ) ଶ୍ରେଷ୍ଠତା ପ୍ରଦାନ କରିଛନ୍ତି ।

(ଅଲ ନିସା: ୯୬)

# ବିଶ୍ୱାସକାରୀମାନଙ୍କର ଗୁଣ ଓ ଚରିତ୍ର

ପରଂବ୍ରହ୍ମ (ଅଲ୍ଲାଃ)ଙ୍କ ଠାରେ ବିଶ୍ୱାସ ରଖିବାର ଆବଶ୍ୟକତା ସମ୍ବନ୍ଧରେ କୁରଆନ୍‌ରେ ଆଲୋକପାତ କରାଯାଇଛି ଏବଂ ତାହାଙ୍କ ଅସ୍ତିତ୍ୱ ବିଷୟକ ପ୍ରମାଣଗୁଡ଼ିକ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି । ସେ ପ୍ରକଟନ (ଅର୍ଥାତ୍ ଓହି) ମାଧ୍ୟମରେ ତାହାଙ୍କ ବାଣୀକୁ ଅବତୀର୍ଣ୍ଣ କରାଉଥିବା ବିଷୟ ଉପରେ ଏହି ଗ୍ରନ୍ଥରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଯଦି ସେ ଅବତାର ଓ ତାଙ୍କ ଅନୁଗାମୀମାନଙ୍କ ମାଧ୍ୟମରେ ତାଙ୍କର ଗୁଣାବଳୀ ପ୍ରକଟିତ ନକରନ୍ତେ, ତେବେ ତାହାଙ୍କ ଅସ୍ତିତ୍ୱ ଉପରେ ଦୃଢ଼ ବିଶ୍ୱାସ ରହନ୍ତା ନାହିଁ । ସୁତରାଂ ମାନବ ଜଗତ ତିଷ୍ଠି ରହିଥିବା ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ କେତେକଙ୍କ ପ୍ରତି ଯେ ସ୍ୱର୍ଗୀୟ ପ୍ରକଟନ ହେଉଥିବ ଏହା ଅବଶ୍ୟମ୍ଭାବୀ ।

## ଅଧ୍ୟାୟ 25

| | |
|---|---|
| ୬୯. ଏବଂ ସେମାନେ ଏପରି ଯେଉଁମାନେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାକୁ ଉପାସ୍ୟ ରୁପେ ଆହ୍ୱାନ କରନ୍ତି ନାହିଁ; ଏବଂ କୌଣସି ନ୍ୟାୟସଙ୍ଗତ କାରଣ ନଥାଇ ସେମାନେ ଏପରି କାହାରିକୁ ହତ୍ୟା କରନ୍ତି ନାହିଁ, ଯାହାକୁ ଅଲ୍ଲାଃ ନିରାପତ୍ତା ପ୍ରଦାନ କରିଛନ୍ତି । ଏବଂ (ସେମାନେ) ବ୍ୟଭିଚାର କରନ୍ତି ନାହିଁ; ଏବଂ ଯେ କେହି ଏପରି କାର୍ଯ୍ୟ କରିବ ସେ ତାର ପାପ ପାଇଁ ଶାସ୍ତି ପାଇବ । | وَالَّذِيْنَ لَا يَدْعُوْنَ مَعَ اللّٰهِ اِلٰهًا اٰخَرَ وَلَا يَقْتُلُوْنَ النَّفْسَ الَّتِيْ حَرَّمَ اللّٰهُ اِلَّا بِالْحَقِّ وَلَا يَزْنُوْنَ ۚ وَمَنْ يَّفْعَلْ ذٰلِكَ يَلْقَ اَثَامًا ﴿٦٩﴾ |
| ୭୦. କୟାମତ୍ ଦିନ ତାହାର ଶାସ୍ତିକୁ ବୃଦ୍ଧି କରାଯିବ; ଏବଂ ସେ ସେଠାରେ ଲାଞ୍ଛିତ ଅବସ୍ଥାରେ ରହିବ । | يُّضٰعَفْ لَهُ الْعَذَابُ يَوْمَ الْقِيٰمَةِ وَيَخْلُدْ فِيْهٖ مُهَانًا ﴿٧٠﴾ |
| ୭୧. କିନ୍ତୁ ଯେଉଁମାନେ ଅନୁତାପ କରନ୍ତି ଓ ବିଶ୍ୱାସ ସ୍ଥାପନ କରନ୍ତି ଓ ବିଶ୍ୱାସ ଅନୁସାରେ ସତ୍ କାର୍ଯ୍ୟ କରନ୍ତି, ଏପରି ଲୋକମାନଙ୍କର ପାପକୁ ଅଲ୍ଲାଃ ପୁଣ୍ୟରେ ପରିଣତ କରିଦେବେ; ଏବଂ ଅଲ୍ଲାଃ ହିଁ ଅତ୍ୟନ୍ତ କ୍ଷମାଶୀଳ ଓ କରୁଣାମୟ । | اِلَّا مَنْ تَابَ وَاٰمَنَ وَعَمِلَ عَمَلًا صَالِحًا فَاُولٰٓئِكَ يُبَدِّلُ اللّٰهُ سَيِّاٰتِهِمْ حَسَنٰتٍ ؕ وَكَانَ اللّٰهُ غَفُوْرًا رَّحِيْمًا ﴿٧١﴾ |
| ୭୨. ଏବଂ ଯେ ଅନୁତାପ କରେ ଓ ସେହି ମୁତାବକ କାର୍ଯ୍ୟ କରେ, ସେହି ବ୍ୟକ୍ତି ପ୍ରକୃତରେ ଅଲ୍ଲାଃଙ୍କ ପ୍ରତି ଅବନତ ହୁଏ । | وَمَنْ تَابَ وَعَمِلَ صَالِحًا فَاِنَّهٗ يَتُوْبُ اِلَى اللّٰهِ مَتَابًا ﴿٧٢﴾ |
| ୭୩. ଏବଂ ସେମାନେ ମଧ୍ୟ (ଅଲ୍ଲାଃଙ୍କର ସେବକ) ଯେଉଁମାନେ ମିଥ୍ୟା ସାକ୍ଷ୍ୟ ଦିଅନ୍ତି ନାହିଁ ଏବଂ ନିରର୍ଥକ ବିଷୟ ଆଲୋଚନା ହେଉଥିବା ବେଳେ (ତହିଁରେ ଅଂଶ ଗ୍ରହଣ ନକରି) ଭଦ୍ରଲୋକ ଭଳି ଅତିକ୍ରମ କରି ଚାଲିଯାଆନ୍ତି । | وَالَّذِيْنَ لَا يَشْهَدُوْنَ الزُّوْرَ ۙ وَاِذَا مَرُّوْا بِاللَّغْوِ مَرُّوْا كِرَامًا ﴿٧٣﴾ |

| | |
|---|---|
| ୭୪. ଏବଂ ସେତେବେଳେ ସେମାନଙ୍କୁ ଅଲ୍ଲାହ୍‌ଙ୍କର ନିଦର୍ଶନଗୁଡ଼ିକ ସଂକ୍ରାନ୍ତରେ ସ୍ମରଣ କରାଇ ଦିଆଯାଏ, ସେତେବେଳେ ସେମାନେ ବଧିର ଓ ଅନ୍ଧ ସଦୃଶ ବ୍ୟବହାର ପ୍ରଦର୍ଶନ କରନ୍ତି ନାହିଁ । | وَالَّذِيْنَ اِذَا ذُكِّرُوْا بِاٰيٰتِ رَبِّهِمْ لَمْ يَخِرُّوْا عَلَيْهَا صُمًّا وَّعُمْيَانًا ﴿٧٤﴾ |
| ୭୫. ଏବଂ ସେମାନେ ମଧ୍ୟ ସେହି ଦୟାବନ୍ତଙ୍କର ସେବକ, ଯେଉଁମାନେ କହନ୍ତି "ହେ ଆମମାନଙ୍କର ପାଳନକର୍ତ୍ତା! ନିଜର ପତ୍ନୀ ଓ ସନ୍ତାନ ସନ୍ତତିଙ୍କ ତରଫରୁ ଆମମାନଙ୍କର ଚକ୍ଷୁକୁ ଶୀତଳତା ପ୍ରଦାନ କର ଏବଂ ଆମମାନଙ୍କୁ ଧର୍ମନିଷ୍ଠମାନଙ୍କର ନେତା (ଇମାମ୍) କର ।" | وَالَّذِيْنَ يَقُوْلُوْنَ رَبَّنَا هَبْ لَنَا مِنْ اَزْوَاجِنَا وَذُرِّيّٰتِنَا قُرَّةَ اَعْيُنٍ وَّاجْعَلْنَا لِلْمُتَّقِيْنَ اِمَامًا ﴿٧٥﴾ |
| ୭୬. ସେମାନେ ପୁଣ୍ୟ କାର୍ଯ୍ୟରେ ଦୃଢ଼ ରହିଥିବା ଯୋଗୁଁ ସେମାନଙ୍କୁ ବୈକୁଣ୍ଠରେ ଉଚ୍ଚ ପ୍ରକୋଷ୍ଠ ପ୍ରଦାନ କରାଯିବ ଏବଂ ସେଠାରେ ସେମାନଙ୍କୁ ଆଶୀର୍ବାଦ ଓ ଶାନ୍ତିର ସନ୍ଦେଶ ମିଳିବ । | اُولٰٓئِكَ يُجْزَوْنَ الْغُرْفَةَ بِمَا صَبَرُوْا وَيُلَقَّوْنَ فِيْهَا تَحِيَّةً وَّسَلٰمًا ﴿٧٦﴾ |
| ୭୭. ସେମାନେ ସେଠାରେ ରହୁଥିବେ; ସେହି ବୈକୁଣ୍ଠ ଅସ୍ଥାୟୀ ଓ ସ୍ଥାୟୀ ବିଶ୍ରାମସ୍ଥଳୀ ରୂପେ ଉତ୍ତମ । | خٰلِدِيْنَ فِيْهَا ؕ حَسُنَتْ مُسْتَقَرًّا وَّمُقَامًا ﴿٧٧﴾ |
| ୭୮. (ହେ ରସୁଲ! ତୁମ୍ଭେ ସେମାନଙ୍କୁ) କୁହ "ଯଦି ତୁମେମାନେ ପ୍ରାର୍ଥନା (ଓ କ୍ଷମାଭିକ୍ଷା) ନ କରିବ, ତେବେ କ'ଣ ଆମ୍ଭର ପାଳନକର୍ତ୍ତା ସେଥିପାଇଁ ତୁମମାନଙ୍କୁ କିଛି ଖାତିର କରିବେ? ସୁତରାଂ ତୁମେମାନେ (ଅଲ୍ଲାହ୍‌ଙ୍କ ବାର୍ତ୍ତା ପ୍ରତି) ମିଥ୍ୟା ଆରୋପ କରିଥିବାରୁ ତାହାଙ୍କର ଶାସ୍ତି ତୁମମାନଙ୍କୁ ଜାବୁଡ଼ି ଧରିବ ।" | قُلْ مَا يَعْبَؤُا بِكُمْ رَبِّيْ لَوْلَا دُعَآؤُكُمْ ۚ فَقَدْ كَذَّبْتُمْ فَسَوْفَ يَكُوْنُ لِزَامًا ﴿٧٨﴾ |

(ଅଲ ଫୁରକାନ୍ : 63-78)

# ଅଧ୍ୟାୟ ୨୩

୨. (ସମ୍ପୂର୍ଣ୍ଣ) ବିଶ୍ୱାସକାରୀଗଣ ନିଜର (ଅଭିଳଷିତ) ଲକ୍ଷ୍ୟ ହାସଲ କରିଛନ୍ତି;

قَدْ اَفْلَحَ الْمُؤْمِنُوْنَ ﴿٢﴾

୩. ସେ (ବିଶ୍ୱାସକାରୀ) ମାନେ ଯେଉଁମାନେ ଆପଣା ନମାଜ ପାଠରେ ବିନୟ ଭାବ ପୋଷଣ କରନ୍ତି;

الَّذِيْنَ هُمْ فِيْ صَلَاتِهِمْ خٰشِعُوْنَ ﴿٣﴾

୪. ଯେଉଁମାନେ ଅଯଥା କଥୋପକଥନ ଠାରୁ ଦୂରେଇ ରହନ୍ତି;

وَالَّذِيْنَ هُمْ عَنِ اللَّغْوِ مُعْرِضُوْنَ ﴿٤﴾

୫. ଯେଉଁମାନେ (ନିୟମାନୁସାରେ) ଜକାତ ଦିଅନ୍ତି;

وَالَّذِيْنَ هُمْ لِلزَّكٰوةِ فٰعِلُوْنَ ﴿٥﴾

୬. ଓ ଯେଉଁମାନେ ନିଜ ଗୁପ୍ତାଙ୍ଗଗୁଡ଼ିକୁ ସୁରକ୍ଷିତ କରନ୍ତି;

وَالَّذِيْنَ هُمْ لِفُرُوْجِهِمْ حٰفِظُوْنَ ﴿٦﴾

୭. ସେମାନଙ୍କର ନିଜ ପତ୍ନୀ ବା ସେମାନଙ୍କର ଦକ୍ଷିଣ ହସ୍ତ ଯେଉଁମାନଙ୍କର ଅଧିକାରୀ ହୋଇଛି, ସେମାନଙ୍କ ବ୍ୟତୀତ; ଅତଏବ ଏପରି ଲୋକମାନଙ୍କୁ କୌଣସି ପ୍ରକାରେ ଭର୍ତ୍ସନା କରାଯିବ ନାହିଁ ।

اِلَّا عَلٰۤى اَزْوَاجِهِمْ اَوْ مَا مَلَكَتْ اَيْمَانُهُمْ فَاِنَّهُمْ غَيْرُ مَلُوْمِيْنَ ﴿٧﴾

୮. ଏବଂ ଯେକେହି ଏତଦ୍‌ଭିନ୍ନ ଅନ୍ୟ କୌଣସି ବିଷୟକୁ ଇଚ୍ଛା କରିବେ, ତେବେ ସେପରି ଲୋକମାନେ ହିଁ ସୀମା ଲଙ୍ଘନକାରୀ ହେବେ ।

فَمَنِ ابْتَغٰى وَرَآءَ ذٰلِكَ فَاُولٰٓئِكَ هُمُ الْعٰدُوْنَ ﴿٨﴾

୯. ଏବଂ ସେହି ଲୋକମାନେ (ଅର୍ଥାତ ସମ୍ପୂର୍ଣ୍ଣ ବିଶ୍ୱାସକାରୀମାନେ) ଯେଉଁମାନେ ନିଜର ନ୍ୟାସ ଓ ନିଜର ଅଙ୍ଗୀକାରଗୁଡ଼ିକ ପ୍ରତି ସଜାଗ ଥାନ୍ତି;

وَالَّذِيْنَ هُمْ لِاَمٰنٰتِهِمْ وَعَهْدِهِمْ رٰعُوْنَ ﴿٩﴾

୧୦. ଏବଂ ଯେଉଁମାନେ ନିଜ ନମାଜକୁ ସୁରକ୍ଷିତ କରନ୍ତି;

وَالَّذِيْنَ هُمْ عَلٰى صَلَوٰتِهِمْ يُحَافِظُوْنَ ﴿١٠﴾

୧୧. ସେମାନେ ହିଁ ପ୍ରକୃତ ଉତ୍ତରାଧିକାରୀ,

୧୨. ଯେଉଁମାନେ ସ୍ୱର୍ଗର ଉତ୍ତରାଧିକାରୀ ହେବେ, ସେମାନେ ସେଠାରେ ସର୍ବଦା ରହିଥିବେ ।

(ଅଲ ମୁମିନୁନ୍ : ୨-୧୨)

أُولَٰٓئِكَ هُمُ الْوٰرِثُوْنَ ﴿١١﴾
الَّذِيْنَ يَرِثُوْنَ الْفِرْدَوْسَ ؕ هُمْ فِيْهَا
خٰلِدُوْنَ ﴿١٢﴾

# ନାରୀ ଓ ପୁରୁଷମାନଙ୍କ ପାଇଁ ସମାନ ଅଧିକାର

ଇସଲାମ ଧର୍ମର ଆଗମନ ପୂର୍ବରୁ ଏକ ଜାତି ହିସାବରେ ନାରୀ କୌଣସି ବୈଧାନିକ ଅଧିକାର ଉପଭୋଗ କରୁ ନଥିଲା । ଇସଲାମ ହେଉଛି ଏକମାତ୍ର ଧର୍ମ, ଯାହା ନାରୀମାନଙ୍କର ଅଧିକାରକୁ ପୂର୍ଣ୍ଣମାତ୍ରାରେ ସୁରକ୍ଷିତ କରି ଜୀବନର ଆଧ୍ୟାତ୍ମିକ ଓ ଧାର୍ମିକ ସ୍ତରରେ ସେମାନଙ୍କୁ ପୁରୁଷମାନଙ୍କ ସହିତ ସମାନ କରି, ସେମାନଙ୍କୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇ, ସେମାନଙ୍କୁ ସ୍ୱତ୍ତ୍ୱାଧିକାର ପ୍ରଦାନ କରି ଏବଂ ସେମାନଙ୍କ ଦାୟିତ୍ୱ ଓ ଅଧିକାରକୁ ଧାର୍ମିକ ବିଧିର ଏକ ଅଂଶ ବିଶେଷ କରି ଏକ ପୂର୍ଣ୍ଣାଙ୍ଗ ବିଧାନମାଳା ସୁପ୍ରତିଷ୍ଠିତ କରିଅଛି ।

## ଅଧ୍ୟାୟ ୧୬

୯୮. ପୁରୁଷ ହେଉ ବା ନାରୀ, ଯେ କେହି ବିଶ୍ୱାସକାରୀ ଥାଇ ପୁଣ୍ୟ ଓ ଯଥାର୍ଥ କାର୍ଯ୍ୟ କରିବ, ଆମ୍ଭେ ନିଶ୍ଚୟ ତାହାକୁ ଏକ ପବିତ୍ର ଜୀବନ ଦାନ କରିବୁଁ ଏବଂ ଆମ୍ଭେ ସେମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାର୍ଯ୍ୟ ଅନୁସାରେ ପ୍ରତିଫଳ ପ୍ରଦାନ କରିବୁଁ ।

(ଅଲ ନହଲ୍ : ୯୮)

مَنْ عَمِلَ صَالِحًا مِّنْ ذَكَرٍ اَوْ اُنْثٰى وَهُوَ مُؤْمِنٌ فَلَنُحْيِيَنَّهٗ حَيٰوةً طَيِّبَةً ۚ وَلَنَجْزِيَنَّهُمْ اَجْرَهُمْ بِاَحْسَنِ مَا كَانُوْا يَعْمَلُوْنَ ۝٩٨

## ଅଧ୍ୟାୟ ୪

୧୨୫. ପୁରୁଷ ହେଉ ବା ନାରୀ ଯେଉଁ ବ୍ୟକ୍ତି ବିଶ୍ୱାସକାରୀ ଥାଇ ପୁଣ୍ୟ ଓ ଯଥାର୍ଥ କାର୍ଯ୍ୟ କରିବେ, ସେ ବୈକୁଣ୍ଠରେ ପ୍ରବେଶ କରିବେ, ଏବଂ ସେମାନଙ୍କ ପ୍ରତି ଖଜୁରୀ ମଞ୍ଜିର ରନ୍ଧ୍ର ସ୍ୱରୁପ (ସାମାନ୍ୟ) ଅତ୍ୟାଚର କରାଯିବ ନାହିଁ ।

(ଅଲ ନିସା : ୧୨୫)

وَمَنْ يَّعْمَلْ مِنَ الصّٰلِحٰتِ مِنْ ذَكَرٍ اَوْ اُنْثٰى وَهُوَ مُؤْمِنٌ فَاُولٰٓئِكَ يَدْخُلُوْنَ الْجَنَّةَ وَلَا يُظْلَمُوْنَ نَقِيْرًا ۝١٢٥

## ଅଧ୍ୟାୟ ୩୩

୩୬. ବାସ୍ତବିକ ପ୍ରକୃତ ମୁସଲମାନ ପୁରୁଷ ଓ ପ୍ରକୃତ ମୁସଲମାନ ନାରୀ ଏବଂ ସମ୍ପୂର୍ଣ୍ଣ ବିଶ୍ୱାସକାରୀ ପୁରୁଷ ଓ ସମ୍ପୂର୍ଣ୍ଣ ବିଶ୍ୱାସକାରିଣୀ ନାରୀ ଏବଂ ସମ୍ପୂର୍ଣ୍ଣ ଆଜ୍ଞାପାଳନକାରୀ ପୁରୁଷ ଓ ସମ୍ପୂର୍ଣ୍ଣ ଆଜ୍ଞାପାଳନକାରିଣୀ ନାରୀ ଏବଂ ସମ୍ପୂର୍ଣ୍ଣ ସତ୍ୟବାଦୀ ପୁରୁଷ ଓ ସମ୍ପୂର୍ଣ୍ଣ ସତ୍ୟବାଦିନୀ ନାରୀ ଏବଂ ସମ୍ପୂର୍ଣ୍ଣ ଧୈର୍ଯ୍ୟଶୀଳ ପୁରୁଷ ଓ ସମ୍ପୂର୍ଣ୍ଣ ଧୈର୍ଯ୍ୟଶୀଳା ନାରୀ ଏବଂ ସମ୍ପୂର୍ଣ୍ଣ ବିନୟ ପ୍ରଦର୍ଶନକାରୀ ପୁରୁଷ ଓ ସମ୍ପୂର୍ଣ୍ଣ ବିନୟ ପ୍ରଦର୍ଶନକାରୀ ନାରୀ ଏବଂ ପ୍ରକୃତରେ ଦାନ

اِنَّ الْمُسْلِمِيْنَ وَالْمُسْلِمٰتِ وَالْمُؤْمِنِيْنَ وَالْمُؤْمِنٰتِ وَالْقٰنِتِيْنَ وَالْقٰنِتٰتِ وَالصّٰدِقِيْنَ وَالصّٰدِقٰتِ وَالصّٰبِرِيْنَ وَالصّٰبِرٰتِ وَالْخٰشِعِيْنَ وَالْخٰشِعٰتِ وَالْمُتَصَدِّقِيْنَ وَالْمُتَصَدِّقٰتِ وَالصَّآئِمِيْنَ وَالصّٰٓئِمٰتِ وَالْحٰفِظِيْنَ فُرُوْجَهُمْ

وَالْحٰفِظٰتِ وَالذّٰكِرِيْنَ اللّٰهَ كَثِيْرًا وَّالذّٰكِرٰتِ ۙ اَعَدَّ اللّٰهُ لَهُمْ مَّغْفِرَةً وَّاَجْرًا عَظِيْمًا ﴿٣٦﴾

କରୁଥିବା ପରୁଷ ଓ ପ୍ରକୃତରେ ଦାନ କରୁଥିବା ନାରୀ ଏବଂ ପ୍ରକୃତରେ ରୋଜା କରୁଥିବା ପୁରୁଷ ଓ ପ୍ରକୃତରେ ରୋଜା କରୁଥିବା ନାରୀ, ନିଜ ଗୁପ୍ତାଙ୍ଗର ସମ୍ପୂର୍ଣ୍ଣ ସୁରକ୍ଷା କରୁଥିବା ପୁରୁଷ ଓ ନିଜ ଗୁପ୍ତାଙ୍ଗର ସମ୍ପୂର୍ଣ୍ଣ ସୁରକ୍ଷା କରୁଥିବା ନାରୀ ଏବଂ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କରୁଥିବା ପୁରୁଷ ଓ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କରୁଥିବା ନାରୀ, ଏ ସମସ୍ତଙ୍କ ସକାଶେ ଅଲ୍ଲାଃଙ୍କର କ୍ଷମା ଓ ମହାନ ପ୍ରତିଫଳ ପ୍ରସ୍ତୁତ ରହିଅଛି ।

(ଅଲ ଅହଜାବ: ୩୬)

## ଅଧ୍ୟାୟ ୪୦

مَنْ عَمِلَ سَيِّئَةً فَلَا يُجْزٰٓى اِلَّا مِثْلَهَا ۚ وَمَنْ عَمِلَ صَالِحًا مِّنْ ذَكَرٍ اَوْ اُنْثٰى وَهُوَ مُؤْمِنٌ فَاُولٰٓئِكَ يَدْخُلُوْنَ الْجَنَّةَ يُرْزَقُوْنَ فِيْهَا بِغَيْرِ حِسَابٍ ﴿٤١﴾

୪୧. "ଯେ ମନ୍ଦ କାର୍ଯ୍ୟ କରିବ ତାହାକୁ ତଦନୁଯାୟୀ ପ୍ରତିଫଳ ମିଳିବ; ଏବଂ ଯେ କେହି ବିଶ୍ୱାସ ମୁତାବକ କାର୍ଯ୍ୟ କରିବ, ସେ ପୁରୁଷ ହେଉ କି ନାରୀ, ଯଦି ପ୍ରକୃତ ବିଶ୍ୱାସକାରୀ ହୋଇଥିବ, ତେବେ ସେ ଓ ତାହାଙ୍କର ସମଧର୍ମୀ ଲୋକମାନେ ବୈକୁଣ୍ଠରେ ପ୍ରବେଶ କରିବେ ଏବଂ ସେମାନଙ୍କୁ ସେଠାରେ ଅଗଣିତ ପୁରସ୍କାର ଦିଆଯିବ ।"

(ଅଲ ମୁମିନ୍ : ୪୧)

# ଅତ୍ୟଧିକ ସୁଧଖୋରିର ନିଷେଧ

କୁରଆନରେ ସୁଧ ସମ୍ବନ୍ଧରେ ବ୍ୟବହୃତ ହୋଇଥିବା ଶବ୍ଦ ହେଉଛି 'ରିବା' । ସାଧାରଣ ଭାବେ ବୁଝାପଡୁଥିବା 'ସୁଧ' ଶବ୍ଦର ଅର୍ଥ ସହିତ ଏହାର ଅର୍ଥ ସମାନ ନୁହେଁ । 'ରିବା'କୁ ନିଷେଧ କରାଯାଇଛି, କାରଣ ଏହା ଅଳ୍ପ କେତେକ ଲୋକଙ୍କ ହାତକୁ ଧନ ଆଣି ଦିଏ ଏବଂ ସେମାନଙ୍କର ସ୍ୱଜାତୀୟ ବ୍ୟକ୍ତିମାନଙ୍କ କଲ୍ୟାଣ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରେ । ସୁଧ ବହନ କରୁଥିବା କରଜ କ୍ଷେତ୍ରରେ କରଜଦାତା ବସ୍ତୁତଃ ଅନ୍ୟର ଆବଶ୍ୟକତା ଓ ଦୁର୍ଦ୍ଦିନର ସୁଯୋଗ ନିଏ ଓ ତଦ୍ଦ୍ୱାରା ଲାଭବାନ ହୁଏ ।

# ଅଧ୍ୟାୟ ୨

୨୭୬. ଯେଉଁମାନେ ସୁଧ ଗ୍ରହଣ କରନ୍ତି, ସେମାନେ ଏପରି ବ୍ୟକ୍ତିଙ୍କ ସଦୃଶ ଦଣ୍ଡାୟମାନ ହୁଅନ୍ତି ଯେ ଶୈତାନ (ଅର୍ଥାତ ପାଗଳାମୀ) ଦ୍ୱାରା ଆକ୍ରାନ୍ତ ହୋଇଥାଏ; (ଏପରି ଅବସ୍ଥା) ଏଥିଯୋଗୁଁ ହୋଇଅଛି ଯେ ସେମାନେ କହନ୍ତି 'କ୍ରୟ ବିକ୍ରୟ ମଧ୍ୟ ସୁଧ ସଦୃଶ ଅଥଚ ଅଲ୍ଲାଃ କ୍ରୟ ବିକ୍ରୟକୁ ବୈଧ ଓ ସୁଧ ଗ୍ରହଣକୁ ଅବୈଧ ସାବ୍ୟସ୍ତ କରିଛନ୍ତି"; ସୁତରାଂ (ମନେରଖ ଯେ) ଯାହା ପାଖକୁ ତାର ପାଳନକର୍ତ୍ତା ଠାରୁ କୌଣସି ଉପଦେଶ ଆସିବା ପରେ ସେ ତହିଁରୁ (ଅର୍ଥାତ୍ ସୁଧ ବ୍ୟବସାୟରୁ) ନିବୃତ୍ତ ହୁଏ, ଅତୀତର ସମସ୍ତ ପ୍ରାପ୍ତି ତାହାର (ହିଁ) ହେବ । ଏବଂ ତାର ମାମଲା ଅଲ୍ଲାଃଙ୍କ ହାତରେ ଅଛି; ଏବଂ ଯେଉଁମାନେ ପୁନର୍ବାର ସେଥିରେ ଲିପ୍ତ ହେବେ, ସେମାନେ ହିଁ ନରକାଗ୍ନିର ଅଧିବାସୀ ହେବେ ଏବଂ ସେମାନେ ସେଠାରେ ପଡ଼ି ରହିବେ ।

اَلَّذِيْنَ يَاْكُلُوْنَ الرِّبٰوا لَا يَقُوْمُوْنَ اِلَّا كَمَا يَقُوْمُ الَّذِىْ يَتَخَبَّطُهُ الشَّيْطٰنُ مِنَ الْمَسِّ ؕ ذٰلِكَ بِاَنَّهُمْ قَالُوْٓا اِنَّمَا الْبَيْعُ مِثْلُ الرِّبٰوا ۘ وَاَحَلَّ اللّٰهُ الْبَيْعَ وَحَرَّمَ الرِّبٰوا ؕ فَمَنْ جَآءَهٗ مَوْعِظَةٌ مِّنْ رَّبِّهٖ فَانْتَهٰى فَلَهٗ مَا سَلَفَ ؕ وَاَمْرُهٗٓ اِلَى اللّٰهِ ؕ وَمَنْ عَادَ فَاُولٰٓئِكَ اَصْحٰبُ النَّارِ ۚ هُمْ فِيْهَا خٰلِدُوْنَ ﴿٢٧٦﴾

୨୭୭. ଅଲ୍ଲାଃ ସୁଧ (ବ୍ୟବସାୟ)କୁ ବିଲୋପ କରିବେ ଏବଂ ଦାନକୁ ବୃଦ୍ଧି କରାଇବେ; ଏବଂ ଅଲ୍ଲାଃ କୌଣସି କଠୋର ଅବଜ୍ଞାକାରୀ (ତଥା) ପାପୀକୁ ପସନ୍ଦ କରନ୍ତି ନାହିଁ ।

يَمْحَقُ اللّٰهُ الرِّبٰوا وَيُرْبِى الصَّدَقٰتِ ؕ وَاللّٰهُ لَا يُحِبُّ كُلَّ كَفَّارٍ اَثِيْمٍ ﴿٢٧٧﴾

୨୭୮. ବାସ୍ତବରେ ଯେଉଁମାନେ ବିଶ୍ୱାସ ସ୍ଥାପନ କରନ୍ତି ଏବଂ ପୁଣ୍ୟ ଓ ଯଥାର୍ଥ କାର୍ଯ୍ୟ କରନ୍ତି ଏବଂ (ମନଯୋଗ ସହିତ) ନମାଜ ପାଠ କରନ୍ତି ଓ ଜକାତ୍ ଦିଅନ୍ତି, ସେମାନଙ୍କ ପାଇଁ ସେମାନଙ୍କ ପାଳନକର୍ତ୍ତାଙ୍କ ଠାରେ ପ୍ରତିଫଳ (ଗଚ୍ଛିତ) ଅଛି; ସେମାନେ ଭୟଭୀତ ହେବେ ନାହିଁ କି ଦୁଃଖିତ ହେବେ ନାହିଁ ।

اِنَّ الَّذِيْنَ اٰمَنُوْا وَعَمِلُوا الصّٰلِحٰتِ وَاَقَامُوا الصَّلٰوةَ وَاٰتَوُا الزَّكٰوةَ لَهُمْ اَجْرُهُمْ عِنْدَ رَبِّهِمْ ۚ وَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ ﴿٢٧٨﴾

୨୭୯. ହେ ବିଶ୍ୱାସକାରୀଗଣ ! ଅଲ୍ଲାଃଙ୍କୁ ଭୟକର ଏବଂ ଯଦି ତୁମେମାନେ ବିଶ୍ୱାସକାରୀ ହୋଇଥାଅ, ତେବେ ସୁଧର ଅବଶିଷ୍ଟ (ଅଂଶ) ଛାଡ଼ିଦିଅ ।

يَٰٓأَيُّهَا ٱلَّذِينَ ءَامَنُوا۟ ٱتَّقُوا۟ ٱللَّهَ وَذَرُوا۟ مَا بَقِىَ مِنَ ٱلرِّبَوٰٓا۟ إِن كُنتُم مُّؤْمِنِينَ ﴿٢٧٩﴾

୨୮୦. ଏବଂ ଯଦି ତୁମେମାନେ ଏହା ନକର, ତେବେ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ତରଫରୁ ଏକ ଯୁଦ୍ଧ ଘୋଷଣା ହୋଇପାରେ ବୋଲି ସାବଧାନ ହୁଅ । ଏବଂ ଯଦି ତୁମେମାନେ ସୁଧ ଗ୍ରହଣ କରିବା ସଂକ୍ରାନ୍ତରେ ଅନୁତାପ କରିବ (ସେଥିରେ ସେତେ କ୍ଷତି ନାହିଁ) । କାରଣ ତୁମମାନଙ୍କ ପକ୍ଷରେ ତୁମର ମୂଳଧନ ଆଦାୟ କରିବା ବିଧେୟ; (ସୁତରାଂ) ତୁମେମାନେ ଅତ୍ୟାଚାର କରିବ ନାହିଁ ବା ତୁମ ପ୍ରତି ଅତ୍ୟାଚାର କରାଯିବ ନାହିଁ ।

فَإِن لَّمْ تَفْعَلُوا۟ فَأْذَنُوا۟ بِحَرْبٍ مِّنَ ٱللَّهِ وَرَسُولِهِۦ ۖ وَإِن تُبْتُمْ فَلَكُمْ رُءُوسُ أَمْوَٰلِكُمْ لَا تَظْلِمُونَ وَلَا تُظْلَمُونَ ﴿٢٨٠﴾

୨୮୧. ଏବଂ ଯଦି କୌଣସି ଋଣୀଗ୍ରହୀତା ଅଭାବଗ୍ରସ୍ତ ଥାଏ, ସେ ସମର୍ଥ ହେବା ପର୍ଯ୍ୟନ୍ତ ତାହାକୁ ଅବସର ଦେବାକୁ ହେବ; ଏବଂ ଯଦି ତୁମେମାନେ ଏହା ଜାଣିଥାଅ, ତେବେ ତାହାକୁ (ଅର୍ଥାତ ମୂଳଧନରୁ) ଦାନ ସ୍ୱରୁପ ଛାଡ଼ିଦେବା ତୁମ ପକ୍ଷରେ ଏକ ମହତ କାର୍ଯ୍ୟ ହେବ ।

وَإِن كَانَ ذُو عُسْرَةٍ فَنَظِرَةٌ إِلَىٰ مَيْسَرَةٍ ۚ وَأَن تَصَدَّقُوا۟ خَيْرٌ لَّكُمْ ۖ إِن كُنتُمْ تَعْلَمُونَ ﴿٢٨١﴾

୨୮୨. ଏବଂ ଯେଉଁ ଦିନ ତୁମମାନଙ୍କୁ ଅଲ୍ଲାଃଙ୍କ ପାଖକୁ ଫେରାଇ ନିଆଯିବ, ସେହି ଦିନକୁ ଭୟ କର । ପୁନଶ୍ଚ ପ୍ରତ୍ୟେକ ବ୍ୟକ୍ତି ଯାହାକିଛି ଉପାର୍ଜନ କରିଅଛି, ତାହାକୁ ସମ୍ପୂର୍ଣ୍ଣ ରୁପେ ପ୍ରଦାନ କରାଯିବ ଏବଂ ସେମାନଙ୍କ ପ୍ରତି କୌଣସି ଅତ୍ୟାଚାର କରାଯିବ ନାହିଁ ।

(ଅଲ ବକରା : ୨୭୬-୨୮୨)

وَٱتَّقُوا۟ يَوْمًا تُرْجَعُونَ فِيهِ إِلَى ٱللَّهِ ۖ ثُمَّ تُوَفَّىٰ كُلُّ نَفْسٍ مَّا كَسَبَتْ وَهُمْ لَا يُظْلَمُونَ ﴿٢٨٢﴾

# ଭବିଷ୍ୟବାଣୀ ସମୂହ

କୁରଆନର ସର୍ବପ୍ରଥମ ପ୍ରକଟିତ ଅଧ୍ୟାୟମାନଙ୍କ ମଧ୍ୟରୁ ଅନେକ ଅଧ୍ୟାୟରେ କୁରଆନର ପ୍ରମୁଖ ମତବାଦ ଓ ଶିକ୍ଷା ସପକ୍ଷରେ ପ୍ରମାଣ ରୂପେ ବିଭିନ୍ନ ଘଟଣାକୁ ଉଦ୍ଧାର କରାଯାଇଛି । ଏହି ଲେଖାଂଶଗୁଡ଼ିକ ମଧ୍ୟରୁ କେତେକ ହେଉଛି ଭବିଷ୍ୟତବାଣୀ, ଯାହାର ସତ୍ୟତା ଶତାବ୍ଦୀ ଗଡ଼ି ଚାଲିବା ଭିତରେ ପ୍ରମାଣିତ ହୋଇଛି । ଏହି ସତ୍ୟ ଅନେକ ସମୟରେ ଆକ୍ଷରିକ ଅର୍ଥରେ, କେତେବେଳେ ବା ଆଳଂକାରିକ ଅର୍ଥରେ, କିମ୍ବା ଅନ୍ୟ କେତେବେଳେ ଉଭୟ ପ୍ରକାରର ହୋଇଥାଏ । ଆଗରୁ କୁହାଯାଇଛି ଯେ ଏହି ଗ୍ରନ୍ଥର ନାମ ହିଁ ଏକ ମହାନ ଭବିଷ୍ୟତବାଣୀ ଓ ଏହାର ସତ୍ୟତା ଯୁଗ ଯୁଗ ଧରି ପ୍ରମାଣିତ ହୋଇଛି । ଲେଖନୀର ବ୍ୟାପକ ବ୍ୟବହାର ମାଧ୍ୟମରେ ଜ୍ଞାନ ଆହରଣର ଯୁଗ ଆରମ୍ଭ ହେବା କଥା ଏହାର ପ୍ରଥମ ପ୍ରକଟନରେ ଘୋଷଣା କରାଯାଇଛି । (୯୬ : ୪-୬)

## ଅଧ୍ୟାୟ ୫୫

مَرَجَ الْبَحْرَيْنِ يَلْتَقِيٰنِ ﴿٢٠﴾

୨୦. ସେ ଦୁଇ ସମୁଦ୍ରକୁ ଏପରି ଭାବରେ ପ୍ରବାହିତ କରାଉଛନ୍ତି ଯେ ସେମାନେ ଏକ ସମୟରେ ମିଶିଯିବେ ।

بَيْنَهُمَا بَرْزَخٌ لَّا يَبْغِيٰنِ ﴿٢١﴾

୨୧. (ସମ୍ପ୍ରତି) ସେମାନଙ୍କ ମଧ୍ୟରେ ଏକ ପ୍ରତିବନ୍ଧକ ଅଛି; ଯେଉଁଥିପାଇଁ ଗୋଟିଏ ଅନ୍ୟ ମଧ୍ୟରେ ପ୍ରବେଶ କରିପାରୁ ନାହିଁ ।

يٰمَعْشَرَ الْجِنِّ وَالْاِنْسِ اِنِ اسْتَطَعْتُمْ اَنْ تَنْفُذُوْا مِنْ اَقْطَارِ السَّمٰوٰتِ وَالْاَرْضِ فَانْفُذُوْا ؕ لَا تَنْفُذُوْنَ اِلَّا بِسُلْطٰنٍ ﴿٣٤﴾

୩୪. ହେ ଜିନ ଓ ମାନବ ଗୋଷ୍ଠୀ ! ଯଦି ଆକାଶ ଓ ପୃଥିବୀର ସୀମା ଅତିକ୍ରମ କରି ପଳାୟନ କରିବା ପାଇଁ ତୁମମାନଙ୍କର ଶକ୍ତି ଅଛି, ତେବେ ପଳାୟନ କରି ଦେଖାଇ ଦିଅ । କିନ୍ତୁ ତୁମେମାନେ ବିନା ପ୍ରମାଣରେ ପଳାୟନ କରିପାରିବ ନାହିଁ ।

فَبِاَيِّ اٰلَآءِ رَبِّكُمَا تُكَذِّبٰنِ ﴿٣٥﴾

୩୫. ତେବେ କହିଲ ଭଲା ତୁମେ ଦୁହେଁ (ଅର୍ଥାତ ଜିନ ଓ ମାନବ) ନିଜ ପାଳନକର୍ତ୍ତାଙ୍କର କେଉଁ ଅନୁଗ୍ରହକୁ ଅସ୍ୱୀକାର କରିବ ?

يُرْسَلُ عَلَيْكُمَا شُوَاظٌ مِّنْ نَّارٍ ۙ وَّنُحَاسٌ فَلَا تَنْتَصِرٰنِ ﴿٣٦﴾

୩୬. ତୁମମାନଙ୍କ ଉପରକୁ ଅଗ୍ନିଶିଖା ପ୍ରେରଣ କରାହେବ ଏବଂ (ଉତ୍ତପ୍ତ) ତମ୍ବା ମଧ୍ୟ; ସୁତରାଂ ତୁମେ ଦୁହେଁ କଦାପି ବିଜୟୀ ହେବ ନାହିଁ ।

(ଅଲ ରହମାନ : ୨୦-୨୧, ୩୪-୩୬)

## ଅଧ୍ୟାୟ ୮୪

اِذَا السَّمَآءُ انْشَقَّتْ ﴿٢﴾

୨. ଯେତେବେଳେ ଆକାଶ ଫାଟି ପଡ଼ିବ ।

وَاَذِنَتْ لِرَبِّهَا وَحُقَّتْ ﴿٣﴾

୩. ଏବଂ ନିଜ ପାଳନକର୍ତ୍ତାଙ୍କ (ଆଦେଶ ଶୁଣିବା) ସକାଶେ କାନ ପାତିବ ଏବଂ ଏହାହିଁ (ତାହାପାଇଁ) ଅନିବାର୍ଯ୍ୟ ।

وَاِذَا الْاَرْضُ مُدَّتْ ﴿٤﴾

୪. ଏବଂ ଯେତେବେଳେ ପୃଥିବୀକୁ ପ୍ରସାରିତ କରି ଦିଆଯିବ ।

| | |
|---|---|
| وَاَلْقَتْ مَا فِيْهَا وَتَخَلَّتْ ۝٤ | ୪. ଏବଂ ଯାହାକିଛି ତନ୍ମଧ୍ୟରେ ଅଛି, ସେ ତାହାକୁ ବାହାରକୁ ଫିଙ୍ଗିଦେଇ ଶୂନ୍ୟ ହୋଇଯିବ; |
| وَاَذِنَتْ لِرَبِّهَا وَحُقَّتْ ۝٥ | ୫. ଏବଂ ନିଜ ପାଳନକର୍ତ୍ତାଙ୍କ (ଆଦେଶ ଶୁଣିବା) ସକାଶେ କାନ ପାତିବ ଏବଂ ଏହାହିଁ (ତାହାପାଇଁ) ଅନିବାର୍ଯ୍ୟ । |

(ଅଲ ଇନସିକାକ୍ : ୨-୬)

## ଅଧ୍ୟାୟ ୮୧

| | |
|---|---|
| وَاِذَا الْعِشَارُ عُطِّلَتْ ۝٤ | ୪. ଏବଂ ଯେତେବେଳେ ଦଶମାସର ଗର୍ଭବତୀ ମାଇ ଓଟମାନଙ୍କୁ ପରିତ୍ୟାଗ କରା ହେବ । |
| وَاِذَا النُّفُوْسُ زُوِّجَتْ ۝٧ | ୮. ଏବଂ ଯେତେବେଳେ (ବିଭିନ୍ନ) ପ୍ରାଣୀଙ୍କୁ ଏକତ୍ରିତ କରାହେବ । |
| وَاِذَا الصُّحُفُ نُشِرَتْ ۝١٠ | ୧୧. ଏବଂ ଯେତେବେଳେ ପୁସ୍ତକଗୁଡ଼ିକର ପ୍ରସାରଣ ହେବ (ଅର୍ଥାତ ବହୁଳ ଭାବରେ ମୁଦ୍ରଣାଳୟ ସ୍ଥାପିତ ହେବ) । |
| وَاِذَا السَّمَآءُ كُشِطَتْ ۝١١ | ୧୨. ଏବଂ ଯେତେବେଳେ ଆକାଶର ଆବରଣକୁ ଉନ୍ମୁକ୍ତ କରାହେବ । |

(ଅଲ ତକୱିର : ୫, ୮, ୧୧, ୧୨)

## ଅଧ୍ୟାୟ ୯୯

| | |
|---|---|
| اِذَا زُلْزِلَتِ الْاَرْضُ زِلْزَالَهَا ۝١ | ୨. ଯେତେବେଳେ ପୃଥିବୀକୁ ସମ୍ପୂର୍ଣ୍ଣ ଭାବରେ ପ୍ରକାଶିତ କରାହେବ । |
| وَاَخْرَجَتِ الْاَرْضُ اَثْقَالَهَا ۝٢ | ୩. ଏବଂ ପୃଥିବୀ ଆପଣା ବୋଝକୁ ବାହାର କରି (ଫିଙ୍ଗି) ଦେବ । |
| وَقَالَ الْاِنْسَانُ مَا لَهَا ۝٣ | ୪. ଏବଂ ମନୁଷ୍ୟ କହି ପକାଇବ "ଏହାର କ'ଣ ହୋଇଛି ?" |

يَوْمَىِٕذٍ تُحَدِّثُ اَخْبَارَهَا ۟ۙ

୫. ସେଦିନ ସେ ନିଜର (ସମସ୍ତ ଗୁପ୍ତ) ତଥ୍ୟ ପ୍ରକାଶ କରିବ ।

بِاَنَّ رَبَّكَ اَوْحٰى لَهَا ۟ؕ

୬. କାରଣ ତୁମ୍ଭର ପାଳନକର୍ତ୍ତା ଏହାକୁ (ଅର୍ଥାତ ପୃଥିବୀକୁ) ଆଦେଶ ଦେଇଥାନ୍ତି ।

يَوْمَىِٕذٍ يَّصْدُرُ النَّاسُ اَشْتَاتًا ۙ۬ لِّيُرَوْا اَعْمَالَهُمْ ۟ؕ

୭. ସେଦିନ ଲୋକମାନେ ବିଭିନ୍ନ ଦଳରେ ଏକତ୍ରିତ ହେବେ, ଯଦ୍ୱାରା ସେମାନେ ନିଜ ପ୍ରଚେଷ୍ଟାର ପରିଣାମକୁ ଦେଖିବେ ।

فَمَنْ يَّعْمَلْ مِثْقَالَ ذَرَّةٍ خَيْرًا يَّرَهٗ ۟ؕ

୮. ତାପରେ ଯେ ଅଣୁ ପରିମାଣର ପୁଣ୍ୟ (କାର୍ଯ୍ୟ) କରିଥିବ, ସେ ତାହାକୁ (ଅର୍ଥାତ ତାହାର ପରିଣାମକୁ) ଦେଖିବ ।

وَمَنْ يَّعْمَلْ مِثْقَالَ ذَرَّةٍ شَرًّا يَّرَهٗ ۟۠

୯. ଏବଂ ଯେ ଅଣୁ ପରିମାଣର ପାପ (କାର୍ଯ୍ୟ) କରିଥିବ, ସେ ତାହାକୁ (ଅର୍ଥାତ ତାହାର ପରିଣାମକୁ) ଦେଖିବ ।

(ଅଲ ଜିଲ୍‌ଜାଲ୍ : ୨-୯)

## ଅଧ୍ୟାୟ ୨୦

وَيَسْـَٔلُوْنَكَ عَنِ الْجِبَالِ فَقُلْ يَنْسِفُهَا رَبِّيْ نَسْفًا ۟ۙ

୧୦୬. ଏବଂ ସେମାନେ ତୁମକୁ ପର୍ବତ ସଂକ୍ରାନ୍ତରେ ପ୍ରଶ୍ନ କରୁଛନ୍ତି, ତୁମେ କୁହ "ଆମ ପାଳନକର୍ତ୍ତା ଏଗୁଡ଼ିକର ମୂଳୋତ୍ପାଟନ କରିଦେବେ ।"

فَيَذَرُهَا قَاعًا صَفْصَفًا ۟ۙ

୧୦୭. "ଏବଂ ସେଗୁଡ଼ିକୁ ଟାଙ୍ଗରା ସମତଳ ଭୂମିରେ ପରିଣତ କରିଦେବେ ।"

لَّا تَرٰى فِيْهَا عِوَجًا وَّلَاۤ اَمْتًا ۟ؕ

୧୦୮. ତୁମ୍ଭେ ସେଥିରେ କୌଣସି ବାଙ୍କ ବା (ଖାଲ) ଢ଼ିପ ଦେଖିବ ନାହିଁ ।

(ତାହା : ୧୦୬-୧୦୮)

## ଅଧ୍ୟାୟ ୨୭

وَاِذَا وَقَعَ الْقَوْلُ عَلَيْهِمْ اَخْرَجْنَا لَهُمْ دَآبَّةً مِّنَ الْاَرْضِ تُكَلِّمُهُمْ ۙ اَنَّ النَّاسَ كَانُوْا بِاٰيٰتِنَا لَا يُوْقِنُوْنَ ﴿٨٣﴾

୮୩. ଏବଂ ଯେତେବେଳେ ସେମାନଙ୍କ ସଂକ୍ରାନ୍ତରେ ବିନାଶର ଭବିଷ୍ୟତବାଣୀ ପୂରଣ ହେବ, ସେତେବେଳେ ଆମ୍ଭେ ସେମାନଙ୍କ ପାଇଁ ପୃଥିବୀ ମଧ୍ୟରୁ ଏପରି ଏକ କୀଟ ସୃଷ୍ଟି କରିବୁଁ, ଯାହା ସେମାନଙ୍କୁ ଦଂଶନ କରିବ । କାରଣ ଲୋକମାନେ ଆମ୍ଭର ନିଦର୍ଶନଗୁଡ଼ିକ ଉପରେ ବିଶ୍ୱାସ ସ୍ଥାପନ କରୁ ନଥିଲେ ।

(ଅଲ ନମଲ : ୮୩)

## ଅଧ୍ୟାୟ ୭୫

فَاِذَا بَرِقَ الْبَصَرُ ﴿٨﴾

୮. ସୁତରାଂ ଯେତେବେଳେ ଆଖି ଝଲସି ଉଠିବ;

وَخَسَفَ الْقَمَرُ ﴿٩﴾

୯. ଏବଂ ଚନ୍ଦ୍ରରେ ଗ୍ରହଣ ଲାଗିବ;

وَجُمِعَ الشَّمْسُ وَالْقَمَرُ ﴿١٠﴾

୧୦. ଏବଂ (ଗ୍ରହଣ କାଳରେ) ଚନ୍ଦ୍ର ଓ ସୂର୍ଯ୍ୟକୁ ଏକତ୍ରିତ କରାହେବ ।

(ଅଲ କେୟାମା : ୮-୧୦)

# ପ୍ରକୃତି ସମ୍ପର୍କିତ ପର୍ଯ୍ୟବେକ୍ଷଣ

କୁରଆନର ଅନୁପମ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଯେ ଏହା ୧୪୦୦ ବର୍ଷର ପୁରୁଣା ହେଲେ ହେଁ ଏଥିରେ ପ୍ରକୃତି ସମ୍ବନ୍ଧରେ ଯାହା ବର୍ଣ୍ଣନା କରାଯାଇଛି, ତାହା ପରବର୍ତ୍ତୀ ଗବେଷଣାରେ ମିଥ୍ୟା ପ୍ରମାଣିତ ହୋଇନାହିଁ । ଅନେକ ଲେଖାଂଶ ସାମ୍ପ୍ରତିକ ବୈଜ୍ଞାନିକ ଆବିଷ୍କାର ସମ୍ବନ୍ଧରେ ଉଲ୍ଲେଖ କରିଥିବା ସ୍ଥଳେ ଅନ୍ୟ ସବୁ ଯେଉଁ ଘଟଣାବଳୀକୁ ନିର୍ଦ୍ଦିଷ୍ଟ କରିଛି, ତାହା ଗବେଷଣା ସାପେକ୍ଷ । କୁରଆନରେ ପ୍ରକୃତି ସମ୍ବନ୍ଧରେ ଉଲ୍ଲେଖ କରାଯାଇଥିବା ଅନେକ ବିଷୟରୁ କିଛି ଦୃଷ୍ଟାନ୍ତ ଦେବା ଲାଗି ଅଳ୍ପ କେତେକ ଲେଖାଂଶ ବଛାଯାଇଛି ।

## ଅଧ୍ୟାୟ ୪୨

୩୦. ତାହାଙ୍କର ଅନ୍ୟତମ ନିଦର୍ଶନ ହେଉଛି ଆକାଶ ଓ ପୃଥିବୀର ସୃଷ୍ଟି ଏବଂ ସେ ଉଭୟ ମଧ୍ୟରେ ବିଭିନ୍ନ ପ୍ରକାରର ଯେଉଁସବୁ ପ୍ରାଣୀଙ୍କୁ ବିସ୍ତାରିତ କରି ରଖିଛନ୍ତି; ଏବଂ ଯେତେବେଳେ ଇଚ୍ଛା କରିବେ, ସେତେବେଳେ ସେ ସମସ୍ତଙ୍କୁ ଏକତ୍ରିତ କରାଇବାକୁ ସମର୍ଥ ।

(ଶୁରା : ୩୦)

وَمِنْ اٰيٰتِهٖ خَلْقُ السَّمٰوٰتِ وَالْاَرْضِ وَمَا بَثَّ فِيْهِمَا مِنْ دَآبَّةٍ ؕ وَهُوَ عَلٰى جَمْعِهِمْ اِذَا يَشَآءُ قَدِيْرٌ ۳۰

## ଅଧ୍ୟାୟ ୬

୯୯. ଏବଂ ସେ ହିଁ ତୁମମାନଙ୍କୁ ଗୋଟିଏ ଜୀବରୁ ସୃଷ୍ଟି କରିଛନ୍ତି ଏବଂ ତତ୍‌ପରେ (ସେ ତୁମମାନଙ୍କ ପାଇଁ) ଏକ ଅସ୍ଥାୟୀ ବାସସ୍ଥାନ ଓ ଏକ ସ୍ଥାୟୀ ବାସସ୍ଥାନ ନିର୍ଦ୍ଧାରିତ କରିଛନ୍ତି । ଆମ୍ଭେ ବୁଝିପାରୁଥିବା ଲୋକମାନଙ୍କ ପାଇଁ ନିଦର୍ଶକମାନ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଅଛୁଁ ।

(ଅଲ ଅନଆମ୍ : ୯୯)

وَهُوَ الَّذِيْٓ اَنْشَاَكُمْ مِّنْ نَّفْسٍ وَّاحِدَةٍ فَمُسْتَقَرٌّ وَّمُسْتَوْدَعٌ ؕ قَدْ فَصَّلْنَا الْاٰيٰتِ لِقَوْمٍ يَّفْقَهُوْنَ ۹۹

## ଅଧ୍ୟାୟ ୪

୨. ହେ ଲୋକମାନେ ! ନିଜର ପାଳନକର୍ତ୍ତାଙ୍କୁ ଭୟ କର, ଯେ କି ତୁମମାନଙ୍କୁ ଗୋଟିଏ (ମାତ୍ର) ଜୀବରୁ ସୃଷ୍ଟି କରିଛନ୍ତି ଏବଂ ତନ୍ମଧ୍ୟରୁ ତାହାର ଯୋଡ଼ି ସୃଷ୍ଟି କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ପୁରୁଷ ଓ ନାରୀ (ସୃଷ୍ଟିକରି ପୃଥିବୀରେ) ବିସ୍ତାର କରିଛନ୍ତି; ଏବଂ ଅଲ୍ଲାଃଙ୍କୁ ଭୟ କର, ଯାହାଙ୍କ ନାମରେ ତୁମେମାନେ ପରସ୍ପରରେ ସାହାଯ୍ୟ ଭିକ୍ଷା କରୁଅଛ; ଏବଂ ବିଶେଷତଃ ବନ୍ଧୁବାନ୍ଧବଙ୍କ (ମାମଲା) ସଂକ୍ରାନ୍ତରେ ଅଲ୍ଲାଃଙ୍କୁ ଭୟ କର, ଅଲ୍ଲାଃ ନିଶ୍ଚୟ ତୁମମାନଙ୍କର ତତ୍ତ୍ୱାବଧାରକ ଅଟନ୍ତି ।

(ଅଲ ନିସା: ୨)

يٰٓاَيُّهَا النَّاسُ اتَّقُوْا رَبَّكُمُ الَّذِيْ خَلَقَكُمْ مِّنْ نَّفْسٍ وَّاحِدَةٍ وَّخَلَقَ مِنْهَا زَوْجَهَا وَبَثَّ مِنْهُمَا رِجَالًا كَثِيْرًا وَّنِسَآءً ۚ وَاتَّقُوا اللّٰهَ الَّذِيْ تَسَآءَلُوْنَ بِهٖ وَالْاَرْحَامَ ؕ اِنَّ اللّٰهَ كَانَ عَلَيْكُمْ رَقِيْبًا ۲

## ଅଧ୍ୟାୟ ୩

هُوَ الَّذِیۡ یُصَوِّرُکُمۡ فِی الۡاَرۡحَامِ کَیۡفَ یَشَآءُ ؕ لَاۤ اِلٰہَ اِلَّا ہُوَ الۡعَزِیۡزُ الۡحَکِیۡمُ ﴿۷﴾

୮. ସେ ହିଁ ନିଜ ଇଚ୍ଛାରେ ତୁମ୍ଭମାନଙ୍କୁ (ମାତୃ) ଗର୍ଭ ମଧ୍ୟରେ ଆକୃତି ପ୍ରଦାନ କରନ୍ତି; ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହେଁ; ସେ ପରାକ୍ରମୀ ଓ ତତ୍ତ୍ୱଜ୍ଞ ।

(ଆଲେ ଇମ୍ରାନ: ୮)

## ଅଧ୍ୟାୟ ୧୪

اَلَمۡ تَرَ اَنَّ اللّٰہَ خَلَقَ السَّمٰوٰتِ وَ الۡاَرۡضَ بِالۡحَقِّ ؕ اِنۡ یَّشَاۡ یُذۡہِبۡکُمۡ وَ یَاۡتِ بِخَلۡقٍ جَدِیۡدٍ ﴿ۙ۲۰﴾

୨୦. କ'ଣ ତୁମେ ଲକ୍ଷ୍ୟ କରୁନାହଁ ଯେ ଅଲ୍ଲାଃ ଆକାଶ ଓ ପୃଥିବୀରୁ ସତ୍ୟ ଓ ତତ୍ତ୍ୱ ଅନୁସାରେ ସୃଷ୍ଟି କରିଛନ୍ତି ? ଯଦି ସେ ଇଚ୍ଛା କରିବେ ତେବେ ତୁମ୍ଭମାନଙ୍କୁ ବିନାଶ କରିବେ ଓ (ତୁମ୍ଭମାନଙ୍କ ସ୍ଥାନରେ) ଏକ ନୂତନ (ମାନବ ସମାଜ) ସୃଷ୍ଟି କରିବେ ।

(ଇବ୍ରାହିମ୍ : ୨୦)

## ଅଧ୍ୟାୟ ୨୭

وَ تَرَی الۡجِبَالَ تَحۡسَبُہَا جَامِدَۃً وَّ ہِیَ تَمُرُّ مَرَّ السَّحَابِ ؕ صُنۡعَ اللّٰہِ الَّذِیۡۤ اَتۡقَنَ کُلَّ شَیۡءٍ ؕ اِنَّہٗ خَبِیۡرٌۢ بِمَا تَفۡعَلُوۡنَ ﴿۸۹﴾

୮୯. ଏବଂ ତୁମ୍ଭେ ପର୍ବତମାଳାକୁ ସ୍ୱସ୍ଥାନରେ ଦୃଢ଼ଭାବରେ ସ୍ଥିର ରହିଥିବାର ଦେଖୁଅଛ, ଅଥଚ ସେଗୁଡ଼ିକ ମେଘମାଳା ସଦୃଶ ଚଳମାନ ଅଟନ୍ତି; ଏବଂ ଏହା ଅଲ୍ଲାଃଙ୍କର କଳାକୃତି ଯେ ପ୍ରତ୍ୟେକ ବିଷୟକୁ ଦୃଢ଼ (ଓ ନିଖୁଣ) ଭାବରେ ଗଢ଼ିଛନ୍ତି; ସେ ତୁମ୍ଭମାନଙ୍କର କାର୍ଯ୍ୟ ସମ୍ବନ୍ଧରେ ଉତ୍ତମ ରୂପେ ଅବଗତ ଅଛନ୍ତି ।

(ଅଲ ନମଲ: ୮୯)

## ଅଧ୍ୟାୟ ୨୨

یٰۤاَیُّہَا النَّاسُ اِنۡ کُنۡتُمۡ فِیۡ رَیۡبٍ مِّنَ

୬. ହେ ଲୋକମାନେ! ଯଦି ତୁମେମାନେ ପୁନରୁତ୍ଥାନ ହେବା ସମ୍ବନ୍ଧରେ ସନ୍ଦେହ

الْبَعْثِ فَاِنَّا خَلَقْنٰكُمْ مِّنْ تُرَابٍ ثُمَّ
مِنْ نُّطْفَةٍ ثُمَّ مِنْ عَلَقَةٍ ثُمَّ مِنْ مُّضْغَةٍ
مُّخَلَّقَةٍ وَّغَيْرِ مُخَلَّقَةٍ لِّنُبَيِّنَ لَكُمْ ؕ
وَنُقِرُّ فِي الْاَرْحَامِ مَا نَشَآءُ اِلٰۤى اَجَلٍ
مُّسَمًّى ثُمَّ نُخْرِجُكُمْ طِفْلًا ثُمَّ
لِتَبْلُغُوْۤا اَشُدَّكُمْ ۚ وَمِنْكُمْ مَّنْ يُّتَوَفّٰى
وَمِنْكُمْ مَّنْ يُّرَدُّ اِلٰۤى اَرْذَلِ الْعُمُرِ لِكَيْلَا
يَعْلَمَ مِنْۢ بَعْدِ عِلْمٍ شَيْـًٔا ؕ وَتَرَى الْاَرْضَ
هَامِدَةً فَاِذَاۤ اَنْزَلْنَا عَلَيْهَا الْمَآءَ اهْتَزَّتْ
وَرَبَتْ وَاَنْۢبَتَتْ مِنْ كُلِّ زَوْجٍۭ بَهِيْجٍ ﴿٦﴾
ذٰلِكَ بِاَنَّ اللّٰهَ هُوَ الْحَقُّ وَاَنَّهٗ يُحْيِ الْمَوْتٰى
وَاَنَّهٗ عَلٰى كُلِّ شَيْءٍ قَدِيْرٌ ۙ ﴿٧﴾

କରୁଥାଅ, ତେବେ (ମନେରଖ) ଆମ୍ଭେ ତୁମମାନଙ୍କୁ ପ୍ରଥମେ ମାଟିରୁ ସୃଷ୍ଟି କରିଥିଲୁଁ ଏବଂ ଏହାପରେ ବୀର୍ଯ୍ୟରୁ, ତତ୍‌ପରେ (କ୍ରମଶଃ ଅଭିବୃଦ୍ଧି କରାଇ) ରକ୍ତ ପିଣ୍ଡୁଳାରୁ, ତତ୍‌ପରେ ମାଂସ ପିଣ୍ଡରୁ । କିଛି କାଳପାଇଁ ତାହା ଏକ ସମ୍ପୂର୍ଣ୍ଣ ମାଂସ ପିଣ୍ଡ ଆକାରରେ ଓ (ଅନ୍ୟ) କିଛି କାଳ ପାଇଁ ତାହା ଏକ ଅସମ୍ପୂର୍ଣ୍ଣ ମାଂସ ପିଣ୍ଡ ଆକାରରେ ରହିଥିଲା । ଯାହାଫଳରେ କି ଆମ୍ଭେ ତୁମମାନଙ୍କ ନିକଟରେ (ପ୍ରକୃତ ତଥ୍ୟ) ପ୍ରକାଶ କରିଦେବୁଁ; ଏବଂ ଆମ୍ଭେ ଯେଉଁ ବିଷୟକୁ ଇଚ୍ଛା କରୁଁ, ତାହାକୁ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଗର୍ଭାଶୟ ମଧ୍ୟରେ ସ୍ଥାପନ କରୁ । ଏବଂ ଏହାପରେ ତୁମମାନଙ୍କୁ (ଗର୍ଭାଶୟରୁ) ଏକ ଶିଶୁ ରୂପେ ବହିର୍ଗତ କରାଉଁ (ଏହିପରି କ୍ରମବୃଦ୍ଧି କରିଥାଉଁ) । ଫଳରେ ତୁମେମାନେ ସମ୍ପୂର୍ଣ୍ଣ ସବଳ (ବୟସ୍କ) ହେବ । ତୁମମାନଙ୍କ ମଧ୍ୟରୁ ଏପରି କେତେକ ଅଛନ୍ତି, ଯେଉଁମାନେ ଅପ୍ରାପ୍ତ ବୟସ୍କ ଥାଇ ମୃତ୍ୟୁବରଣ କରନ୍ତି ଓ ଅନ୍ୟ କେତେକ ନିଜର ଚରମ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୁଅନ୍ତି । ଯାହାଫଳରେ ସେମାନେ ପ୍ରଚୁର ଜ୍ଞାନ ହାସଲ କରିବାପରେ ସମ୍ପୂର୍ଣ୍ଣ ଜ୍ଞାନ ହରାଇ ବସନ୍ତି; ଏବଂ ତୁମେମାନେ ପୃଥିବୀ (ପୃଷ୍ଠ)କୁ ଲକ୍ଷ୍ୟ କରୁଅଛ ଯେ ତାହା (ସମୟେ ସମୟେ) ନିଜର ସମସ୍ତ ଶକ୍ତି ହରାଇ ବସେ । ଏହାପରେ ଯେତେବେଳେ ଆମ୍ଭେ ଜଳ ବୃଷ୍ଟି କରାଉଁ, ସେତେବେଳେ ତାହା ଆଲୋଡ଼ିତ (ହୋଇ ପୁନର୍ଜୀବିତ) ହୁଏ ଓ ତାହାର ଅଭିବୃଦ୍ଧି ଘଟେ ଓ ତାହା ପ୍ରତ୍ୟେକ ପ୍ରକାରର ସୁନ୍ଦର ଉଦ୍ଭିଦ ଉପୁଜାଏ ।

(ଅଲ ହଜ୍‌ : ୬)

## ଅଧ୍ୟାୟ ୧୬

وَّالۡخَیۡلَ وَالۡبِغَالَ وَالۡحَمِیۡرَ لِتَرۡکَبُوۡهَا وَزِیۡنَۃً ؕ وَیَخۡلُقُ مَا لَا تَعۡلَمُوۡنَ ﴿۹﴾

୯. ଏବଂ ସେ ତୁମମାନଙ୍କ ଆରୋହଣ ତଥା ଶୋଭାବର୍ଦ୍ଧକ ସକାଶେ ଘୋଡ଼ା, ଖଚର ଓ ଗଧମାନଙ୍କୁ ସୃଷ୍ଟି କରିଛନ୍ତି ଓ ସେ (ତୁମମାନଙ୍କ ଆରୋହଣ ସକାଶେ ଭବିଷ୍ୟତରେ ଅଧିକ ସାଧନ ମଧ୍ୟ) ସୃଷ୍ଟି କରିବେ, ତାହା ତୁମେମାନେ (ବର୍ତ୍ତମାନ) ଜାଣ ନାହିଁ ।

(ଅଲ ନହଲ : ୯)

## ଅଧ୍ୟାୟ ୬୭

تَبٰرَكَ الَّذِیۡ بِیَدِہِ الۡمُلۡكُ ۫ وَھُوَ عَلٰی کُلِّ شَیۡءٍ قَدِیۡرُ ۨ﴿۲﴾

୨. ସେ ଅଲ୍ଲାଃ ଅତ୍ୟନ୍ତ ମଙ୍ଗଳମୟ ଯାହାଙ୍କ ଦଖଲରେ ରାଜତ୍ୱ ରହିଅଛି ଏବଂ ସେ ପ୍ରତ୍ୟେକ (ପ୍ରକାର ଅଭିଳାଷ)କୁ ପୂର୍ଣ୍ଣ କରିବାରେ ସକ୍ଷମ ।

الَّذِیۡ خَلَقَ الۡمَوۡتَ وَالۡحَیٰوۃَ لِیَبۡلُوَکُمۡ اَیُّکُمۡ اَحۡسَنُ عَمَلًا ؕ وَھُوَ الۡعَزِیۡزُ الۡغَفُوۡرُ ۙ﴿۳﴾

୩. ତୁମମାନଙ୍କ ମଧ୍ୟରେ କିଏ ଉତ୍ତମ କାର୍ଯ୍ୟ କରୁଅଛ ତାହା ପରୀକ୍ଷା କରିବା ନିମନ୍ତେ ସେ ମୃତ୍ୟୁ ଓ ଜୀବନକୁ ସୃଷ୍ଟି କରିଛନ୍ତି; ସେ ହିଁ ପରାକ୍ରମୀ ଓ ଅତ୍ୟନ୍ତ କ୍ଷମାଶୀଳ ।

الَّذِیۡ خَلَقَ سَبۡعَ سَمٰوٰتٍ طِبَاقًا ؕ مَا تَرٰی فِیۡ خَلۡقِ الرَّحۡمٰنِ مِنۡ تَفٰوُتٍ ؕ فَارۡجِعِ الۡبَصَرَ ۙ هَلۡ تَرٰی مِنۡ فُطُوۡرٍ ﴿۴﴾

୪. ସେ ହିଁ ସପ୍ତ ଆକାଶକୁ ସ୍ତର ସ୍ତର କରି ଗଢ଼ିଛନ୍ତି; ଏବଂ ତୁମେ ଦୟାବନ୍ତ (ଅଲ୍ଲାଃ) ସୃଷ୍ଟିରେ କୌଣସି ତ୍ରୁଟି ଦେଖିବାକୁ ପାଇବ ନାହିଁ; ଏବଂ ତୁମେ ନିଜ ଚକ୍ଷୁକୁ (ଚତୁର୍ଦ୍ଦିଗକୁ) ବୁଲାଇ ଦେଖ; କ'ଣ ତୁମଙ୍କୁ (ଅଲ୍ଲାଃଙ୍କ ସୃଷ୍ଟିରେ) କୌଣସି ତ୍ରୁଟି ଦୃଷ୍ଟିଗୋଚର ହେଉଛି ?

(ଅଲ ମୁଲକ : ୨-୪)

# ପବିତ୍ର କୁରଆନ୍ ଅନ୍ତର୍ଗତ କେତେକ ବିନୀତ ପ୍ରାର୍ଥନା

ଅଲ୍ଲାଃ ବା ପରଂବ୍ରହ୍ମ ଓ ଧାର୍ମିକ ବ୍ୟକ୍ତିଙ୍କ ମଧ୍ୟରେ ପ୍ରାର୍ଥନା ହେଉଛି ଏକ ଗତିଶୀଳ ସମ୍ବନ୍ଧ । ଅଲ୍ଲାଃଙ୍କର କୃପା ପ୍ରଥମେ ମଣିଷକୁ ତାହାଙ୍କ ପ୍ରତି ଆକର୍ଷଣ କରେ । ନିଷ୍ଠା ଓ କୃତଜ୍ଞତାର ସହିତ ମଣିଷ ଉନ୍ମୁଖ ହୁଏ ଏବଂ ଅଲ୍ଲାଃ ତାକୁ ତାହାଙ୍କ ନିକଟକୁ ଆକର୍ଷଣ କରିଁଥାଆନ୍ତି । ପ୍ରାର୍ଥନାରେ ଏହି ସମ୍ବନ୍ଧ ସ୍ୱକୀୟ ଗୁଣ ଧାରଣ କରେ ଓ ଏହାର ନିଜସ୍ୱ ସ୍ୱତନ୍ତ୍ର ପରିଣାମ ସୃଷ୍ଟି କରେ । ଯେଉଁମାନେ ଆଧ୍ୟାତ୍ମିକ ଅନୁଭୂତି ଓ ସାଫଲ୍ୟ ସମ୍ବନ୍ଧରେ ଜାଣିଛନ୍ତି, ସେମାନେ ସେମାନଙ୍କର ପୁନଃ ପୁନଃ ଅନୁଭୂତିରୁ ଏହା ଭଲ ଭାବରେ ଜାଣନ୍ତି ଯେ ଜଣେ ଶୁଦ୍ଧ ବିଶ୍ୱାସୀ ବ୍ୟକ୍ତି ପ୍ରାର୍ଥନା ମାଧ୍ୟମରେ ସୃଜନୀ ଶକ୍ତି ଲାଭ କରିପାରେ ।

## ଅଧ୍ୟାୟ - ୨

୧୮୭. ଏବଂ (ହେ ରସୁଲ !) ଯେବେ ଆମ୍ଭର ସେବକମାନେ ତୁମକୁ ଆମ୍ଭ ବିଷୟରେ ପ୍ରଶ୍ନ କରିବେ, ତେବେ (କୁହ) ଆମ୍ଭେ ସେମାନଙ୍କ ନିକଟରେ ଅଛୁଁ। ପ୍ରାର୍ଥନାକାରୀ ଯେବେବି ଆମ୍ଭଙ୍କୁ ପ୍ରାର୍ଥନା କରେ, ଆମ୍ଭେ ତାହାର ପ୍ରାର୍ଥନା ଗ୍ରହଣ କରିଥାଉଁ । ସୁତରାଂ ଆମ୍ଭର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ, ତାହେଲେ ସେମାନେ ସୁପଥଗାମୀ ହେବେ ।

وَ اِذَا سَاَلَكَ عِبَادِىْ عَنِّىْ فَاِنِّىْ قَرِيْبٌ ؕ اُجِيْبُ دَعْوَةَ الدَّاعِ اِذَا دَعَانِ ۙ فَلْيَسْتَجِيْبُوْا لِىْ وَلْيُؤْمِنُوْا بِىْ لَعَلَّهُمْ يَرْشُدُوْنَ ﴿١٨٧﴾

୨୦୨. ଏବଂ ସେମାନଙ୍କ ମଧ୍ୟରୁ କେତେକ କହନ୍ତି, "ହେ ଆମମାନଙ୍କର ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ ଏହି ପୃଥିବୀରେ ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ୟ) ସଫଳତା ପ୍ରଦାନ କର, ଏବଂ ଆମ୍ଭମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷା କର ।"

وَمِنْهُمْ مَّنْ يَّقُوْلُ رَبَّنَآ اٰتِنَا فِى الدُّنْيَا حَسَنَةً وَّ فِى الْاٰخِرَةِ حَسَنَةً وَّ قِنَا عَذَابَ النَّارِ ﴿٢٠٢﴾

୨୦୩. ସେମାନେ ଯାହା ଉପାର୍ଜନ କରିଛନ୍ତି, ସେଥିଯୋଗୁଁ ସେମାନଙ୍କ ପାଇଁ (ପୁଣ୍ୟର) ଏକ (ବଡ଼) ଅଂଶ ରହିଅଛି; ଏବଂ ଅଲ୍ଲାଃ ହିସାବ ନିକାଶ କରିବାରେ (ଅତ୍ୟନ୍ତ) ତତ୍‌ପର ଅଟନ୍ତି ।

اُولٰٓئِكَ لَهُمْ نَصِيْبٌ مِّمَّا كَسَبُوْا ؕ وَاللّٰهُ سَرِيْعُ الْحِسَابِ ﴿٢٠٣﴾

୨୮୭. ଅଲ୍ଲାଃ କୌଣସି ବ୍ୟକ୍ତିକୁ ତାହାର ସାମର୍ଥ୍ୟ ବାହାରେ କୌଣସି ଦାୟିତ୍ୱ ଦିଅନ୍ତି ନାହିଁ । ସେ ଯାହାକିଛି (ମହତ୍) କାର୍ଯ୍ୟ ସମ୍ପାଦନ କରିଥାଏ, ତାହା ନିଜପାଇଁ ଲାଭଜନକ ହେବ ଏବଂ ସେ ଯାହାକିଛି (ମନ୍ଦ) କାର୍ଯ୍ୟ କରିଥାଏ, ତାହା ସେ (ଶାସ୍ତି ଆକାରରେ) ପାଇବ । (ସେମାନେ ପୁଣି କହନ୍ତି) "ହେ ଆମମାନଙ୍କର ପାଳନକର୍ତ୍ତା ! ଯଦି ଆମେମାନେ କେବେ ଭୁଲି ଯାଉଁ ବା ଦୋଷ

لَا يُكَلِّفُ اللّٰهُ نَفْسًا اِلَّا وُسْعَهَا ؕ لَهَا مَا كَسَبَتْ وَعَلَيْهَا مَا اكْتَسَبَتْ ؕ رَبَّنَا لَا تُؤَاخِذْنَآ اِنْ نَّسِيْنَآ اَوْ اَخْطَاْنَا ۚ رَبَّنَا وَلَا تَحْمِلْ عَلَيْنَآ اِصْرًا كَمَا حَمَلْتَهٗ عَلَى الَّذِيْنَ مِنْ قَبْلِنَا ۚ رَبَّنَا وَلَا تُحَمِّلْنَا مَا لَا

طَاقَةَ لَنَا بِهٖ ۚ وَاعْفُ عَنَّا ۗ وَاغْفِرْ لَنَا ۗ وَارْحَمْنَا ۗ اَنْتَ مَوْلٰنَا فَانْصُرْنَا عَلَى الْقَوْمِ الْكٰفِرِيْنَ ﴿۲۸۷﴾

କରିଥାଉଁ, ତେବେ ଆମ୍ଭମାନଙ୍କୁ ଦଣ୍ଡ ଦିଅ ନାହିଁ । ହେ ଆମମାନଙ୍କର ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କର ପୂର୍ବବର୍ତ୍ତୀ ଲୋକମାନଙ୍କ ଉପରେ ଯେପରି ଦାୟିତ୍ୱ ନ୍ୟସ୍ତ କରିଥିଲ, ସେପରି ଆମମାନଙ୍କ ଉପରେ ନ୍ୟସ୍ତ କରନାହିଁ । ହେ ଆମର ପାଳନକର୍ତ୍ତା ! ଯେଉଁ ଭାର ବହନ କରିବାକୁ ଆମମାନଙ୍କର ଶକ୍ତି ନାହିଁ, ତାହା ଆମମାନଙ୍କୁ ଦିଅ ନାହିଁ । ଏବଂ ଆମମାନଙ୍କୁ (ପାପରୁ) ମୁକ୍ତି ଦିଅ ଓ ଆମମାନଙ୍କୁ କ୍ଷମା କର ଏବଂ ଆମମାନଙ୍କ ପ୍ରତି କୃପା କର । କାରଣ ତୁମ୍ଭେ ହିଁ ଆମମାନଙ୍କର ପ୍ରଭୁ; ସୁତରାଂ ଅବଜ୍ଞାକାରୀଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର ।

(ଅଲ ବକରା : ୧୮୭,୨୦୨, ୨୦୩, ୨୮୭)

## ଅଧ୍ୟାୟ ୩

اِنَّ فِيْ خَلْقِ السَّمٰوٰتِ وَالْاَرْضِ وَاخْتِلَافِ الَّيْلِ وَالنَّهَارِ لَاٰيٰتٍ لِّاُولِي الْاَلْبَابِ ﴿۱۹۱﴾

୧୯୧. ବାସ୍ତବରେ ଆକାଶ ଓ ପୃଥିବୀର ସୃଷ୍ଟିରେ ଏବଂ କ୍ରମାନ୍ୱୟରେ ରାତି ଓ ଦିନର ଆଗମନରେ ଜ୍ଞାନୀ ଲୋକମାନଙ୍କ ପାଇଁ ନିଦର୍ଶନମାନ ରହିଅଛି ।

الَّذِيْنَ يَذْكُرُوْنَ اللّٰهَ قِيٰمًا وَّقُعُوْدًا وَّعَلٰى جُنُوْبِهِمْ وَيَتَفَكَّرُوْنَ فِيْ خَلْقِ السَّمٰوٰتِ وَالْاَرْضِ ۚ رَبَّنَا مَا خَلَقْتَ هٰذَا بَاطِلًا ۚ سُبْحٰنَكَ فَقِنَا عَذَابَ النَّارِ ﴿۱۹۲﴾

୧୯୨. ଯେଉଁମାନେ ଠିଆହେବା, ବସିବା ଓ ଶୋଇବା ଅବସ୍ଥାରେ ଅଲ୍ଲାଃଙ୍କୁ ସ୍ମରଣ କରନ୍ତି ଏବଂ ଆକାଶ ଓ ପୃଥିବୀର ସୃଷ୍ଟି ବିଷୟରେ ଚିନ୍ତା କରନ୍ତି (ଏବଂ କୁହନ୍ତି) "ହେ ଆମମାନଙ୍କର ପାଳନକର୍ତ୍ତା ! ତୁମ୍ଭେ ଏହାକୁ ବୃଥାରେ ସୃଷ୍ଟି କରନାହିଁ, ତୁମ୍ଭେ ହିଁ ପବିତ୍ର; ସୁତରାଂ ତୁମ୍ଭେ ଆମମାନଙ୍କୁ ନରକାଗ୍ନିର ଶାସ୍ତିରୁ ରକ୍ଷା କର" ।

رَبَّنَاۤ اِنَّكَ مَنْ تُدْخِلِ النَّارَ فَقَدْ اَخْزَيْتَهٗ ؕ وَمَا لِلظّٰلِمِيْنَ مِنْ اَنْصَارٍ ﴿۱۹۳﴾

୧୯୩. "ହେ ଆମମାନଙ୍କର ପାଳନକର୍ତ୍ତା ! ତୁମ୍ଭେ ଯାହାକୁ ନରକାଗ୍ନିରେ ପ୍ରବେଶ କରାଅ । ନିଶ୍ଚୟ ତୁମ୍ଭେ ତାହାକୁ ଅପମାନିତ କରିଅଛ;

ଏବଂ ଅନ୍ୟାୟକାରୀମାନଙ୍କର କେହି ସାହାଯ୍ୟକାରୀ ନାହାନ୍ତି ।”

୧୯୪. “ହେ ଆମମାନଙ୍କର ପାନଲକର୍ତ୍ତା ! ଆମେମାନେ ଜଣେ ଏପରି ଆହ୍ୱାନକାରୀଙ୍କୁ ବିଶ୍ୱାସ ସ୍ଥାପନ କରିବା ସକାଶେ ଡ଼ାକିବାର ଶୁଣିଅଛୁଁ ଯେ (କହୁଛି) ନିଜର ପାଳନକର୍ତ୍ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କର । ସୁତରାଂ ଆମେମାନେ ବିଶ୍ୱାସ ସ୍ଥାପନ କରିଅଛୁଁ । (ତେଣୁ) ହେ ଆମମାନଙ୍କର ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କର ଦୋଷ କ୍ଷମା କର ଓ ଆମମାନଙ୍କଠାରୁ ଆମର କୁକାର୍ଯ୍ୟଗୁଡ଼ିକ ଦୂର କର; ଏବଂ ଆମମାନଙ୍କୁ ପୁଣ୍ୟବାନ ଲୋକମାନଙ୍କ ସହିତ (ଅନ୍ତର୍ଭୁକ୍ତ କରି) ମୃତ୍ୟୁ ଦିଅ ।”

رَبَّنَآ اِنَّنَا سَمِعْنَا مُنَادِيًا يُّنَادِيْ لِلْاِيْمَانِ
اَنْ اٰمِنُوْا بِرَبِّكُمْ فَاٰمَنَّا ۖ رَبَّنَا فَاغْفِرْ لَنَا
ذُنُوْبَنَا وَكَفِّرْ عَنَّا سَيِّاٰتِنَا وَتَوَفَّنَا مَعَ
الْاَبْرَارِ ۚ﴿١٩٤﴾

୧୯୫. “ହେ ଆମମାନଙ୍କ ପାଳନକର୍ତ୍ତା ! ତୁମ୍ଭେ ତୁମ୍ଭର ରସୁଲମାନଙ୍କ ମାଧ୍ୟମରେ ଆମମାନଙ୍କ ବିଷୟରେ ଯାହା ଅଙ୍ଗୀକାର କରିଅଛ ତାହା ଆମମାନଙ୍କୁ ପ୍ରଦାନ କର । ଏବଂ କୟାମତ୍ ଦିବସରେ ଆମମାନଙ୍କୁ ଅପମାନିତ କର ନାହିଁ । ବାସ୍ତବିକ ତୁମ୍ଭେ କଦାପି ନିଜର ଅଙ୍ଗୀକାର ଭଙ୍ଗ କର ନାହିଁ ।”

رَبَّنَا وَاٰتِنَا مَا وَعَدْتَّنَا عَلٰى رُسُلِكَ وَلَا
تُخْزِنَا يَوْمَ الْقِيٰمَةِ ۗ اِنَّكَ لَا تُخْلِفُ
الْمِيْعَادَ ﴿١٩٥﴾

୧୯୬. ସୁତରାଂ ସେମାନଙ୍କର ପାଳନକର୍ତ୍ତା ସେମାନଙ୍କର ପ୍ରାର୍ଥନା ଗ୍ରହଣ କଲେ (ଏବଂ କହିଲେ ଯେ) ଆମ୍ଭେ ତୁମମାନଙ୍କ ମଧ୍ୟରୁ ଯେ କୌଣସି ପାଳନକାରୀଙ୍କ କର୍ମକୁ, ସେ ପୁରୁଷ ହେଉ ବା ସ୍ତ୍ରୀ ହେଉ, ବିନଷ୍ଟ କରିବୁ ନାହିଁ । ତୁମେମାନେ ପରସ୍ପର ମଧ୍ୟରେ (ସମ୍ପର୍କ ସ୍ଥାପନକାରୀ) ଅଟ । ସୁତରାଂ ଯେଉଁମାନେ ଦେଶ

فَاسْتَجَابَ لَهُمْ رَبُّهُمْ اَنِّيْ لَآ اُضِيْعُ
عَمَلَ عَامِلٍ مِّنْكُمْ مِّنْ ذَكَرٍ اَوْ اُنْثٰى ۚ
بَعْضُكُمْ مِّنْۢ بَعْضٍ ۚ فَالَّذِيْنَ هَاجَرُوْا
وَاُخْرِجُوْا مِنْ دِيَارِهِمْ وَاُوْذُوْا فِيْ
سَبِيْلِيْ وَقٰتَلُوْا وَقُتِلُوْا لَاُكَفِّرَنَّ

عَنۡهُمۡ سَيِّاٰتِهِمۡ وَ لَاُدۡخِلَنَّهُمۡ جَنّٰتٍ
تَجۡرِىۡ مِنۡ تَحۡتِهَا الۡاَنۡهٰرُ‌ۚ ثَوَابًا مِّنۡ
عِنۡدِ اللّٰهِ‌ؕ وَاللّٰهُ عِنۡدَهٗ حُسۡنُ الثَّوَابِ ﴿۱۹۶﴾

ତ୍ୟାଗ କରିଛନ୍ତି ଓ ନିଜ ଗୃହରୁ ବିତାଡ଼ିତ ହୋଇଛନ୍ତି ଏବଂ ଆମ୍ଭ ଉଦ୍ଦେଶ୍ୟରେ କଷ୍ଟ ପାଇଛନ୍ତି ତଥା ଯୁଦ୍ଧ କରିଛନ୍ତି ଓ ନିହିତ ହୋଇଛନ୍ତି, ଆମ୍ଭେ ନିଶ୍ଚୟ ସେମାନଙ୍କଠାରୁ ସେମାନଙ୍କର କୁକାର୍ଯ୍ୟଗୁଡ଼ିକୁ ଦୂର କରିବୁଁ ଏବଂ ନିଶ୍ଚୟ ସେମାନଙ୍କୁ ସ୍ୱର୍ଗ ଉଦ୍ୟାନରେ ପ୍ରବେଶ କରାଇବୁଁ । ଯାହାର ନିମ୍ନ ଦେଶରେ ଝରଣା ପ୍ରବାହିତ ହେଉଥିବ; ଏହା ଅଲ୍ଲାଃଙ୍କ ଠାରୁ ପୁରସ୍କାର ସ୍ୱରୂପ ମିଳିବ ଏବଂ ଅଲ୍ଲାଃଙ୍କ ଠାରେ ହିଁ ସର୍ବୋତ୍କୃଷ୍ଟ ପୁରସ୍କାର ରହିଅଛି ।

(ଆଲେ ଇମ୍ରାନ : ୧୯୧-୧୯୬)

# ପବିତ୍ର କୁରଆନ୍ ଅନ୍ତର୍ଗତ କେତେକ ଛୋଟ ଅଧ୍ୟାୟ

## ଅଧ୍ୟାୟ ୧୦୩

بِسۡمِ اللّٰهِ الرَّحۡمٰنِ الرَّحِيۡمِ ①

୧. ଅଶେଷ ଦୟାବାନ (ଓ) ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ (ପାଠ କରୁଅଛି) ।

وَالۡعَصۡرِۙ ②

୨. ଆମ୍ଭେ ମୁହମ୍ମଦଙ୍କ ଯୁଗକୁ ପ୍ରମାଣ ସ୍ୱରୂପ ଉପସ୍ଥାପନ କରୁଅଛୁଁ ।

اِنَّ الۡاِنۡسَانَ لَفِىۡ خُسۡرٍۙ ③

୩. ବାସ୍ତବରେ (ନବୀ ବିରୋଧୀ) ମନୁଷ୍ୟ (ସର୍ବଦା) କ୍ଷତିଗ୍ରସ୍ତ (ହୋଇ) ରହେ ।

اِلَّا الَّذِيۡنَ اٰمَنُوۡا وَعَمِلُوا الصّٰلِحٰتِ وَتَوَاصَوۡا بِالۡحَقِّ ۙ وَتَوَاصَوۡا بِالصَّبۡرِ ④

୪. କିନ୍ତୁ ଯେଉଁମାନେ (ନବୀମାନଙ୍କ ଉପରେ) ବିଶ୍ୱାସ ସ୍ଥାପନ କରିଛନ୍ତି ଓ ଯେଉଁମାନେ (ସମୟୋପଯୋଗୀ) ସମୁଚିତ କାର୍ଯ୍ୟ କରିଛନ୍ତି ଏବଂ ସତ୍ ସିଦ୍ଧାନ୍ତ ସମ୍ବନ୍ଧରେ ଦୃଢ଼ ରହିବା ପାଇଁ ପରସ୍ପରକୁ ପ୍ରେରଣା ଦେଇଛନ୍ତି ଏବଂ (ଆସନ୍ନ ବିପତ୍ତି ସମୟରେ ଧୈର୍ଯ୍ୟ ଧାରଣ କରିବାକୁ) ପରସ୍ପରକୁ ଉପଦେଶ ଦେଇ ଆସୁଛନ୍ତି, (ସେପରି ଲୋକମାନେ କଦାପି କ୍ଷତିଗ୍ରସ୍ତ ହେବେ ନାହିଁ) ।

(ଅଲ ଅସର୍ : ୧-୪)

## ଅଧ୍ୟାୟ ୧୦୯

بِسۡمِ اللّٰهِ الرَّحۡمٰنِ الرَّحِيۡمِ ①

୧. ଅଶେଷ ଦୟାବାନ (ଓ) ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ (ପାଠ କରୁଅଛି) ।

قُلۡ يٰۤاَيُّهَا الۡكٰفِرُوۡنَ ۙ﴿۲﴾

୨. (ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନଙ୍କୁ କହୁଅଛୁଁ କି ତୁମ୍ଭେ ନିଜ ଯୁଗର ଅବଜ୍ଞାକାରୀ ମାନଙ୍କୁ) କହୁଥାଅ "ହେ ଅବଜ୍ଞାକାରୀମାନେ !"

لَاۤ اَعۡبُدُ مَا تَعۡبُدُوۡنَ ۙ﴿۳﴾

୩. ଆମ୍ଭେ ତୁମ୍ଭମାନଙ୍କ ପଦ୍ଧତି ଅନୁସାରେ ଉପାସନା କରୁନାହୁଁ ।

وَلَاۤ اَنۡتُمۡ عٰبِدُوۡنَ مَاۤ اَعۡبُدُ ۚ﴿۴﴾

୪. ତୁମେମାନେ ଆମର ପଦ୍ଧତି ଅନୁସାରେ ଉପାସନା କରୁନାହଁ ।

وَلَاۤ اَنَا عَابِدٌ مَّا عَبَدۡتُّمۡ ۙ﴿۵﴾

୫. ଏବଂ ଆମ୍ଭେ ତାହାଙ୍କର ଉପାସନା କରୁ ନାହୁଁ ଯାହାଙ୍କର ତୁମେମାନେ ଉପାସନା କରୁଅଛ ।

وَلَاۤ اَنۡتُمۡ عٰبِدُوۡنَ مَاۤ اَعۡبُدُ ؕ﴿۶﴾

୬. ଏବଂ ତୁମେମାନେ ତାହାଙ୍କର ଉପାସନା କରୁନାହଁ ଯାହାଙ୍କର ଆମ୍ଭେ ଉପାସନା କରୁଅଛୁଁ ।

لَكُمۡ دِيۡنُكُمۡ وَلِىَ دِيۡنِ ﴿۷﴾

୭. (ଉପରୋକ୍ତ ଘୋଷଣା ଅନୁସାରେ) ତୁମ୍ଭମାନଙ୍କର ଧର୍ମ ତୁମ୍ଭମାନଙ୍କ ସକାଶେ (ଏକ କର୍ମ ପଦ୍ଧତି ନିର୍ଦ୍ଧାରିତ କରେ) ଏବଂ ଆମ୍ଭର ଧର୍ମ ଆମ୍ଭ ସକାଶେ (ଅନ୍ୟ ଏକ କର୍ମ ପଦ୍ଧତି ନିର୍ଦ୍ଧାରିତ କରେ) ।

(ଅଲ କାଫିରୁନ : ୧-୭)

## ଅଧ୍ୟାୟ ୧୧୦

بِسۡمِ اللّٰهِ الرَّحۡمٰنِ الرَّحِيۡمِ ﴿۱﴾

୧. ଅଶେଷ ଦୟାବାନ (ଓ) ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ (ପାଠ କରୁଅଛି) ।

اِذَا جَآءَ نَصۡرُ اللّٰهِ وَالۡفَتۡحُ ۙ﴿۲﴾

୨. ସେତେବେଳେ ଅଲ୍ଲାଃଙ୍କର ସାହାଯ୍ୟ ଓ ସମ୍ପୂର୍ଣ୍ଣ ବିଜୟ ଉପସ୍ଥିତ ହେବ ।

وَرَاَيۡتَ النَّاسَ يَدۡخُلُوۡنَ فِىۡ دِيۡنِ اللّٰهِ اَفۡوَاجًا ۙ﴿۳﴾

୩. ଏବଂ ତୁମ୍ଭେ ସେ ବିଷୟରେ ଲକ୍ଷଣ ଦେଖିବାକୁ ପାଇବ ଯେ ଲୋକମାନେ ଦଳ ଦଳ ହୋଇ ଅଲ୍ଲାଃଙ୍କ ଧର୍ମରେ ପ୍ରବେଶ କରିବେ ।

فَسَبِّحْ بِحَمْدِ رَبِّكَ وَاسْتَغْفِرْهُ ۚ اِنَّهٗ كَانَ تَوَّابًا ﴿٤﴾

୪.  ସେତେବେଳେ ତୁମ୍ଭ ନିଜ ପାଳନ-କର୍ତ୍ତାଙ୍କର ପ୍ରଶଂସା (ଗାନ) ସହିତ ତାହାଙ୍କର ପବିତ୍ରତା ବର୍ଣ୍ଣନା କରିବାରେ ନିମଜ୍ଜିତ ହୁଅ ଏବଂ (ମୁସଲମାନଙ୍କ ଶିକ୍ଷା ଦୀକ୍ଷାରେ ଯାହାକିଛି ତ୍ରୁଟି ରହିଯାଇଥିବ, ତାହାର ବିମୋଚନ ସକାଶେ) ତାହାଙ୍କ ନିକଟରେ (କ୍ଷମା) ପ୍ରାର୍ଥନା କର, ସେ ବାସ୍ତବରେ ସେବକମାନଙ୍କ ପ୍ରତି ବାରମ୍ବାର ଅନୁକମ୍ପା ମୂଳକ ଦୃଷ୍ଟି ନିକ୍ଷେପ କରିଥାନ୍ତି ।

(ଅଲ ନସର୍ : ୧-୪)

## ଅଧ୍ୟାୟ ୧୧୨

بِسْمِ اللّٰهِ الرَّحْمٰنِ الرَّحِيْمِ ﴿١﴾

୧.  ଅଶେଷ ଦୟାବାନ (ଓ) ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ (ପାଠ କରୁଅଛି) ।

قُلْ هُوَ اللّٰهُ اَحَدٌ ﴿٢﴾

୨.  (ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନଙ୍କୁ ଆଦେଶ ଦେଉଅଛୁଁ) ତୁମେ (ଅନ୍ୟ ଲୋକ ମାନଙ୍କୁ) କହୁଥାଅ "ଅଲ୍ଲାଃ ହିଁ ଏକ ।"

اَللّٰهُ الصَّمَدُ ﴿٣﴾

୩.  ସେ ହିଁ ଅଲ୍ଲାଃ ଯାହାଙ୍କର ଉପରେ ସମସ୍ତେ ନିର୍ଭରଶୀଳ (ଏବଂ ସେ କାହାରି ଉପରେ ନିର୍ଭରଶୀଳ ନୁହନ୍ତି) ।

لَمْ يَلِدْ ۙ وَلَمْ يُوْلَدْ ﴿٤﴾

୪.  ସେ କାହାକୁ ପ୍ରସବ କରିନାହାନ୍ତି କି ତାହାଙ୍କୁ ପ୍ରସବ କରା ଯାଇନାହିଁ ।

وَلَمْ يَكُنْ لَّهٗ كُفُوًا اَحَدٌ ﴿٥﴾

୫.  ଏବଂ (ଗୁଣାବଳୀ ଦୃଷ୍ଟିରୁ) କେହି ତାହାଙ୍କର ସମକକ୍ଷ ନୁହନ୍ତି ।

(ଅଲ ଇଖଲାସ୍ : ୧-୫)

## ଅଧ୍ୟାୟ ୧୧୩

بِسْمِ اللّٰهِ الرَّحْمٰنِ الرَّحِيْمِ ﴿١﴾

୧.  ଅଶେଷ ଦୟାବାନ (ଓ) ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ (ପାଠ କରୁଅଛି) ।

| | |
|---|---|
| ୨. (ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନଙ୍କୁ କହୁଅଛୁଁ) ତୁମେ (ଅନ୍ୟ ଲୋକମାନଙ୍କୁ) କହୁଥାଅ "ସକଳ ସୃଷ୍ଟିର ପାଳନକର୍ତ୍ତାଙ୍କ ନିକଟରେ ମୁଁ ଆଶ୍ରୟ ଭିକ୍ଷା କରୁଅଛି ।" | قُلْ اَعُوْذُ بِرَبِّ الْفَلَقِ ۝١ |
| ୩. ସେ ସୃଷ୍ଟି କରିଥିବା ପ୍ରତ୍ୟେକଙ୍କର (ପ୍ରକାଶ୍ୟ ଓ ଗୁପ୍ତ) କୁକର୍ମରୁ (ରକ୍ଷା ପାଇବା ସକାଶେ) । | مِنْ شَرِّ مَا خَلَقَ ۝٣ |
| ୪. ଏବଂ ଅନ୍ଧକାର ସୃଷ୍ଟିକାରୀର ପ୍ରତ୍ୟେକ ଚକ୍ରାନ୍ତରୁ (ରକ୍ଷା ପାଇବା ସକାଶେ) ଯେତେବେଳେ କି ସେ ଅନ୍ଧକାର ସୃଷ୍ଟି କରିଥାଏ । | وَمِنْ شَرِّ غَاسِقٍ اِذَا وَقَبَ ۝٤ |
| ୫. ଏବଂ ସେଭଳି ବ୍ୟକ୍ତିମାନଙ୍କ ଚକ୍ରାନ୍ତରୁ (ରକ୍ଷା ପାଇବା ସକାଶେ ମଧ୍ୟ) ଯେଉଁମାନେ (ପାରସ୍ପରିକ ସମ୍ପର୍କ ରୂପକ) ବନ୍ଧନକୁ (ଛିନ୍ନ କରାଇବା ଉଦ୍ଦେଶ୍ୟରେ) ଫୁଙ୍କନ୍ତି । | وَمِنْ شَرِّ النَّفّٰثٰتِ فِي الْعُقَدِ ۝٥ |
| ୬. ଏବଂ ପ୍ରତ୍ୟେକ ଈର୍ଷାକାରୀର ଚକ୍ରାନ୍ତରୁ (ମଧ୍ୟ) ଯେତେବେଳେ କି ସେ ହିଂସା କରିବାକୁ ସଂକଳ୍ପବଦ୍ଧ ହୁଏ ।<br>(ଅଲ ଫଲକ : ୧-୬) | وَمِنْ شَرِّ حَاسِدٍ اِذَا حَسَدَ ۝٦ |

## ଅଧ୍ୟାୟ ୧୧୪

| | |
|---|---|
| ୧. ଅଶେଷ ଦୟାବାନ (ଓ) ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ (ପାଠ କରୁଅଛୁ) । | بِسْمِ اللّٰهِ الرَّحْمٰنِ الرَّحِيْمِ ۝١ |
| ୨. (ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନଙ୍କୁ କହୁଅଛୁଁ ଯେ) ତୁମେ (ଅନ୍ୟମାନଙ୍କୁ) କହୁଥାଅ "ମୁଁ ମାନବ ସମାଜର ପାଳନକର୍ତ୍ତାଙ୍କ ନିକଟରେ ତାହାଙ୍କର ଆଶ୍ରୟ ଭିକ୍ଷା କରୁଅଛି; | قُلْ اَعُوْذُ بِرَبِّ النَّاسِ ۝٢ |

| | |
|---|---|
| ୩. (ସେ ପାଳନକର୍ତ୍ତା) ଯେ କି ମାନବ ସମାଜର ସମ୍ରାଟ । | مَلِكِ النَّاسِ ۙ﴿٣﴾ |
| ୪. ଏବଂ ମାନବ ସମାଜର ଉପାସ୍ୟ (ମଧ୍ୟ) । | اِلٰهِ النَّاسِ ۙ﴿٤﴾ |
| ୫. (ମୁଁ ତାହାଙ୍କ ନିକଟରେ ଆଶ୍ରୟ ଭିକ୍ଷା କରୁଅଛି) ପ୍ରତ୍ୟେକ କୁମନ୍ତ୍ରଣା ଦାତାର ଚକ୍ରାନ୍ତରୁ, ଯିଏ (ପ୍ରତ୍ୟେକ ପ୍ରକାର କୁମନ୍ତ୍ରଣା ଦେଇ) ପଛକୁ ଫେରିଯାଏ । | مِنْ شَرِّ الْوَسْوَاسِ ۙ الْخَنَّاسِ ۙ﴿٥﴾ |
| ୬. ଏବଂ ସେ ମଣିଷମାନଙ୍କ ମନରେ ସନ୍ଦେହ ଜାତ କରାଏ । | الَّذِىْ يُوَسْوِسُ فِىْ صُدُوْرِ النَّاسِ ۙ﴿٦﴾ |
| ୭. ସେ (ବିଶୃଙ୍ଖଳା ସୃଷ୍ଟିକାରୀ) ଅଦୃଶ୍ୟ ପ୍ରାଣୀ ହୋଇପାରେ ବା ସାଧାରଣ ମଣିଷ ହୋଇ ପାରେ । | مِنَ الْجِنَّةِ وَالنَّاسِ ﴿٧﴾ |

(ଅନ ନାସ୍ : ୧-୭)